READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ପୁରୀ : ଦୁଆରବେଢ଼ାକୁ ରଥ ନିକଟରେ ରଖାଯାଉଛି

ବର୍ଷ-୨ ସଂଖ୍ୟା-୨୫ ୦୨ ଜୁଲାଇ - ୦୮ ଜୁଲାଇ, ୨୦୧୮ ଭୁବନେଶ୍ୱର | Monday Weekly | VOL-2 | ISSUE-25 | 02nd JULY - 08th JULY, 2018 | BHUBANESWAR | ₹ 5/- (8 Pages)



ପୁରୀ : ସ୍ନାନବେଦୀରେ ତିନିଠାକୁରଙ୍କ ଗଜାନନ ବେଶ

### ବିଶ୍ୱବ୍ୟାଙ୍କ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନକୁ ନେଇ ଆଶଙ୍କା

# ଭାରତ ଉପରେ ବିଶେଷ ପ୍ରଭାବ ପଡ଼ିବ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନ ଜନିତ ଯୋଗୁଁ ଅସ୍ୱାଭାବିକ ବୃଷ୍ଟିପାତ ଫଳରେ ଜନଜୀବନ ଉପରେ ଏହାର ପ୍ରଭାବ ପଡୁଛି। ଯାହାକି ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଭାରତ ପାଇଁ ଏହା ଗୁରୁତର ପ୍ରଭାବ ପକାଇବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ୨୦୫୦ ସୁଦ୍ଧା ଭାରତର ଜିଡିପିରେ ୨.୮ ପ୍ରତିଶତ ହ୍ରାସ ପାଇବା ସହିତ ୬୦ କୋଟି ଭାରତୀୟଙ୍କ ଜୀବନଧାରଣ ମାନକୁ ବିଶେଷ ପ୍ରଭାବିତ କରିବ ବୋଲି ବିଶ୍ୱବ୍ୟାଙ୍କ୍ ଦର୍ଶାଇଛି। ଅଦିନିଆ ବର୍ଷା, ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ଏବଂ ସର୍ବୋପରି ୬ଟି ଋତୁ ପରିବର୍ତ୍ତେ ମାତ୍ର ୩ଟି ଋତୁ



ଅନୁଭୂତ ହେବା ଜଳବାୟୁ ପରିବର୍ତ୍ତନର ଲକ୍ଷଣ ଏବେ ବିଷମ ପରିସ୍ଥିତି ସୃଷ୍ଟି କରିଛି। ଏହି ଜଳବାୟୁ ପରିବର୍ତ୍ତନ ଏବେ ମାନବ ସମାଜର ଜୀବନଶୈଳୀକୁ ପ୍ରଭାବିତ କରିବା ସହ ଅର୍ଥନୀତି ଉପରେ ପ୍ରଭାବ ପକାଉଥିବା ନେଇ ସାଂଘାତିକ ତଥ୍ୟ ଆଣିଛି ବିଶ୍ୱବ୍ୟାଙ୍କ୍। ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଏବଂ କିଛି ସର୍ବେକ୍ଷଣକୁ ଅନୁଶୀଳନ କରି ବିଶ୍ୱବ୍ୟାଙ୍କ୍ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ୨୦୫୦ ସୁଦ୍ଧା ଅଲକ୍ଷ୍ୟରେ ତିଆରି ଚାଲିଥିବା 'ଉତ୍ତପ୍ତ ସ୍ଥାନ'ଗୁଡ଼ିକ ୬୦ କୋଟି ଲୋକଙ୍କୁ ପ୍ରଭାବିତ କରିବ। ଏହି ତଥ୍ୟ ଅନୁଯାୟୀ ଜଳବାୟୁରେ ପରିବର୍ତ୍ତନ ଉପରେ ଲଗାମ୍ ନ ଲାଗିଲେ ୨୦୫୦ ମସିହା ସୁଦ୍ଧା ଭାରତର ଜିଡିପିରେ ୨.୮ ପ୍ରତିଶତ ହ୍ରାସ ହେବ ଏବଂ ଦେଶର ସମଗ୍ର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକଙ୍କ ଜୀବନଶୈଳୀ ଉପରେ ଏହାର ପ୍ରଭାବ ପଡ଼ିବ। ବିଶେଷକରି ଏହି ନିର୍ଦ୍ଦିଷ୍ଟ ➤ ପୃ-୬

### ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ବୃଦ୍ଧି

# କଳାଧନ ବଢୁଛି !



**ନୂଆଦିଲ୍ଲୀ :** ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ଥିବା ସନ୍ଦିଗ୍ଧ କଳା ଟଙ୍କାର ଖୋଳତାଡ଼ ଯୋଗୁ ତିନି ବର୍ଷ ଧରି କମିଥିବା ଭାରତୀୟଙ୍କ ଜମା ପୁଣି ଥରେ ବୃଦ୍ଧି ପାଇଛି। ୨୦୧୭ରେ ଏହା ୫୦% ବୃଦ୍ଧି ପାଇ ୭ ହଜାର କୋଟି ଟଙ୍କାରେ ପହଞ୍ଚିଛି। ସୁଇସ୍ ନେସନାଲ ବ୍ୟାଙ୍କ ତରଫରୁ ଏ ସଂପର୍କୀତ ତଥ୍ୟ ପ୍ରକାଶ ପାଇଛି। ଏହି ତଥ୍ୟ ଅନୁସାରେ ସୁଇସ୍ ବ୍ୟାଙ୍କରେ ମୋଟ ଜମା ପରିମାଣ ୨୦୧୭ ମସିହାରେ ୩ ପ୍ରତିଶତ ବୃଦ୍ଧି ପାଇ ୧୦୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଭାରତ ସରକାର ବିଦେଶରେ ଗଚ୍ଛିତ କଳା ଟଙ୍କା ବିରୋଧରେ ➤ ପୃ-୬

# ମାର୍ଚ୍ଚ ସୁଦ୍ଧା ଆଦିବାସୀଙ୍କ ଜଙ୍ଗଲଜମି ଚିହ୍ନଟ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୧୯ ମାର୍ଚ୍ଚ ସୁଦ୍ଧା ଆଦିବାସୀଙ୍କ ଜଙ୍ଗଲ ଜମି ଚିହ୍ନଟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଆଦିବାସୀଙ୍କ ସର୍ବାଙ୍ଗୀଣ ବିକାଶ ପ୍ରତି ତାଙ୍କ ସରକାର ସର୍ବଦା ଧ୍ୟାନ ଦେଇ ଆସୁଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଆଦିବାସୀ ପିଲାମାନଙ୍କୁ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରେ ମାଗଣା ପାଠ ପଢ଼ାଯାଉଛି। ସମସ୍ତ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଉଛି। ଜଙ୍ଗଲ ଅଧିକାର ଆଇନ-୨୦୦୬ରେ ଥିବା ବ୍ୟବସ୍ଥାବଳୀକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ୪.୧୫ ଲକ୍ଷରୁ ଅଧିକ ଜନଜାତି ହିତାଧିକାରୀଙ୍କୁ ୬.୧୪ ଲକ୍ଷ ଏକର ପରିମିତ ଜଙ୍ଗଲ ଜମିର ବ୍ୟକ୍ତିଗତ ଅଧିକାର ପଟ୍ଟା ବଣ୍ଟନ



କରାଯାଇଛି। ୬୩୩୬ ଜଣଙ୍କୁ ୩.୨୮ ଲକ୍ଷ ଏକର ଜମିର ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶା ଜନଜାତି ସଶକ୍ତୀକରଣ ଓ ଜୀବିକା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏହି ବୈଠକରେ ଆଦିବାସୀ ଉପଦେଷ୍ଟା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ସମୁଦାୟ ୮ଟି ପ୍ରସ୍ତାବ ଉପରେ ଆଲୋଚନା କରାଯିବା ପାଇଁ ଏଜେଣ୍ଡା ସ୍ଥିର କରାଯାଇଥିଲା। ଉକ୍ତ ପରିଷଦରେ କଂଗ୍ରେସରୁ ୪ ଜଣ ସଦସ୍ୟ ରହିଥିବା ବେଳେ ବିଜେପି ପକ୍ଷରୁ କାହାକୁ ରଖାଯାଇ ନାହିଁ। ଫଳରେ ବିରୋଧୀ ବିଧାୟକମାନେ ଏନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ନିୟମ ଅନୁସାରେ ଏହି ପରିଷଦର ଅଧ୍ୟକ୍ଷ ଜଣେ ଆଦିବାସୀ ଜନ ପ୍ରତିନିଧି ରହିବା କଥା। ମାତ୍ର ମୁଖ୍ୟମନ୍ତ୍ରୀ ନିଜେ ଅଣଆଦିବାସୀ ହୋଇଥିବା କାରଣରୁ କିଭଳି ଏହାର ଅଧ୍ୟକ୍ଷ ରହିପାରିବେ ବୋଲି ବିରୋଧୀ ବିଧାୟକ ପ୍ରଫୁଲ୍ଲ ମାଝୀ ପ୍ରଶ୍ନ କରିଥିଲେ। ସେହିପରି ରାଜ୍ୟରେ ଜଙ୍ଗଲ ଅଧିକାର ➤ ପୃ-୬

# ମୋଦିଙ୍କ ସୁରକ୍ଷା ବଢ଼ିଲା



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନ ପ୍ରତି ସବୁବେଳେ ବିପଦ ଥିବାରୁ ସତର୍କ ହୋଇଉଠିଛନ୍ତି କେନ୍ଦ୍ର ସରକାର। ଏଥିନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ନୂଆ ସୁରକ୍ଷା ଗାଇଡ୍ ଲାଇନ୍ ଜାରି କରାଯାଇଛି। ଏଣିକି ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି)ର ବିନା ଅନୁମତିରେ ମନ୍ତ୍ରୀ ଓ ଅଧିକାରୀମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇପାରିବେ ନାହିଁ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୨୦୧୯ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ପ୍ରଧାନମନ୍ତ୍ରୀ ବିଭିନ୍ନ ଅଞ୍ଚଳ ଗସ୍ତରେ ଗଲାବେଳେ ତାଙ୍କୁ ଅଧିକ ଟାର୍ଗେଟ୍ କରାଯିବାର ➤ ପୃ-୬

### ଏକକ ନିର୍ବାଚନ ପ୍ରସଙ୍ଗ

# ମୋଦିଙ୍କ ପ୍ରସ୍ତାବକୁ ନବୀନଙ୍କ ହଁ

**ଭୁବନେଶ୍ୱର :** ଲୋକସଭା ଓ ବିଧାନସଭା ନିର୍ବାଚନ ଏକସଙ୍ଗେ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମର୍ଥନ କରିଛନ୍ତି। ଏହା ସହିତ ଏକାଠି ନିର୍ବାଚନର ଅନୁଧ୍ୟାନ ପାଇଁ ଜୁଲାଇ ୭ ଓ ୮ ତାରିଖରେ ଲ' କମିଶନ ଡାକିଥିବା ବୈଠକରେ ବିଜେଡି ଯୋଗ ଦେବ। ବିଜେଡି ପକ୍ଷରୁ ସାଂସଦ ପିନାକୀ ମିଶ୍ର ଓ ପ୍ରତାପ ଦେବ ଏହି ବୈଠକରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗଣତନ୍ତ୍ରରେ ନିର୍ବାଚନ ଅତ୍ୟନ୍ତ ଜରୁରୀ। ଲୋକଙ୍କ ପାଇଁ କାମ କରିବାକୁ ଆମେ ନିର୍ବାଚିତ ହୋଇଛୁ। ବର୍ଷତମାମ ନିର୍ବାଚନ ଦ୍ୱାରା ଲୋକଙ୍କ ପାଇଁ



କାର୍ଯ୍ୟ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଏକାଠି ନିର୍ବାଚନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଅପିଲ୍‌କୁ ଆମେ ସମର୍ଥନ କରୁଛୁ। ଏହା ଦ୍ୱାରା ଦେଶସେବା ଠିକ୍ ଭାବେ ହୋଇପାରିବ। ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ବିଏସ୍ ଚୌହାନ ଜୁନ୍ ୧୪ ତାରିଖରେ ଏକାଠି ନିର୍ବାଚନ ପ୍ରସଙ୍ଗରେ ବିଜେଡିକୁ ନିଜର ମତ ରଖିବା ପାଇଁ ଲେଖିଥିବା ଚିଠି ଉପରେ ଦଳର ସଭାପତି ତଥା ➤ ପୃ-୬

# ଏମ୍‌ଏସ୍‌ପି ବୃଦ୍ଧି ପାଇଁ ଖୁବ୍‌ଶୀଘ୍ର କ୍ୟାବିନେଟ୍ ନିଷ୍ପତ୍ତି : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ପାଇଁ ଖୁବ୍‌ଶୀଘ୍ର କେନ୍ଦ୍ର କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯିବ। ଦେଶରେ କୃଷକଙ୍କ ଆୟ ୨ଗୁଣ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଗ୍ରି ବିକାଶ ୨୦୧୮ ଏ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋଆ ବିଶ୍ୱବିଦ୍ୟାଳୟରେ ଏଗ୍ରି ବିକାଶ ୨୦୧୮ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ ଯେ, ଓଡ଼ିଶାରେ କୃଷିର ବିକାଶ ପାଇଁ ବହୁ ସମ୍ଭାବନା ରହିଛି। ଓଡ଼ିଶାର ଉତ୍ପାଦ କନ୍ଧମାଳ ହଳଦୀ,




କୁଟିଣ୍ଡା ଲଙ୍କା, କୋରାପୁଟ ଅଦା, ମୟୂରଭଞ୍ଜ ପଶୁସମ୍ପଦ ଓ ଉପକୂଳ ଓଡ଼ିଶାର ମତ୍ସ୍ୟ ସମ୍ପଦରେ ମୂଲ୍ୟ ନିର୍ଦ୍ଧାରଣ ହୋଇପାରିଲେ ଚାଷୀ ଏହାର ଲାଭ ପାଇପାରିବେ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ସହିତ ବାର୍ତ୍ତାଳାପ କରିଥିବା ଅନୁଗୁଳ ଜିଲ୍ଲାର ମହିଳା ଚାଷୀ ବୀଣାପାଣିଙ୍କ ଉଦାହରଣ ➤ ପୃ-୬

## ତିନି ବର୍ଷରେ ଚାଷୀଙ୍କ ଆୟ ଦ୍ୱିଗୁଣ ହେବ : ନବୀନ

**ଭୁବନେଶ୍ୱର :** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଗୋଟିଏ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୩ଟି ପୃଥକ ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱୟଂଚାଳିତ ପାଣିପାଗ ତଥ୍ୟ ଭିତ୍ତିକ ନିଷ୍ପତ୍ତି ସହାୟକ ବ୍ୟବସ୍ଥାର ବିକାଶ ଓ ତା'ର ପ୍ରାୟୋଜିତ କାର୍ଯ୍ୟକାରିତା ପାଇଁ ଓସ୍‌ଡମା ଥାଇଲାଣ୍ଡର ବ୍ୟାଙ୍କକ ସ୍ଥିତ ଆଞ୍ଚଳିକ ସମନ୍ୱିତ ବହୁମୁଖୀ ବିପଦ ପ୍ରାକ୍ ସୂଚନା ବ୍ୟବସ୍ଥା (ଆର୍‌ଆଇଏମ୍‌ଇଏସ୍) ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଛି। ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟଗୁଡ଼ିକରେ ଯେପରି କୌଣସି ଜୀବନହାନି ନ ଘଟିବ, ତାହା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ବୁଝାମଣାପତ୍ର ଦ୍ୱାରା ରାଜ୍ୟରେ ବନ୍ୟା, ମରୁଡ଼ି, ଗ୍ରୀଷ୍ମ ପ୍ରବାହ, ବଜ୍ରପାତ ଓ ସଡ଼କ ଦୁର୍ଘଟଣା ସମ୍ବନ୍ଧୀୟ ପ୍ରାକ୍ ସୂଚନା ମିଳିବା ସହିତ ବିପର୍ଯ୍ୟୟ ଜନିତ ସମ୍ଭାବ୍ୟ କ୍ଷତିର ଆକଳନ ଓ ତତ୍ ସମ୍ବନ୍ଧୀୟ ପରାମର୍ଶ ମିଳି ପାରିବ। ପ୍ରାଥମିକ ସ୍ତରରେ ଏହି ଚୁକ୍ତି ୫ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଛି। ସୂଚନାଯୋଗ୍ୟ ଯେ, (ଆର୍‌ଆଇଏମ୍‌ଇଏସ୍) ଜାତିସଂଘ ଦ୍ୱାରା ➤ ପୃ-୬

### ବକ୍ରବାଣୀ



ପାଗେଳୀଟେ ମରିଗଲା, ସେଠୁ କଥା ସଇଲା
କମିସନ ବସିକିରି ସେ କି ଲାଭ ପାଇଲା
ତିନି ତିନି କରି ନଅ ମାସ ଏବେ ଛୁଇଁଲା
ତଦନ୍ତ ଚାଲିଛି କହି କିଏ କେତେ ଖାଇଲା
ତଦନ୍ତରେ କିଆଁ ଏତେ ହଉଛିରେ ବିଳମ୍ବ
ସେଥିପାଇଁ ଆଉ ଗୋଟେ କମିସନ ବସିବ
ରିପୋର୍ଟ ଲେଖା ସରିଛି ବାକି ଅଛି ଶୁଣିବା
କହଥିଲା ମିଛ ସିଏ, ଲୋଡ଼ାଥିଲା ମରିବା
ସଁଭିଏ ସତିଆ ମାଆ ଝିଅ ଦିହେଁ ମିଛେଇ
ପଇସା ଲୁଭେ ସେ ଦେଇଥିଲେ ଜାଲ ବିଛେଇ।

— ଟୁଟୁ

# ଫସଲ ଋଣ : ଚାଷୀଙ୍କ ପାଇଁ ନୂଆ ଗାଇଡ୍‌ଲାଇନ

**ଭୁବନେଶ୍ୱର :** ଖରିଫ ଓ ରବି ଋତୁରେ ଫସଲ ଋଣ ନେଉଥିବା ଚାଷୀ ଏବଂ ଧାନ ବିକ୍ରି ପାଇଁ ପଞ୍ଜିକୃତ ହେଉଥିବା ଚାଷୀଙ୍କ ସଂଖ୍ୟାରେ ଆକାଶ-ପାତାଳ ପାର୍ଥକ୍ୟ ରହୁଥିବାରୁ ରାଜ୍ୟ ସରକାର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫସଲ ଋଣ ନେଉଥିବା ଚାଷୀମାନେ ଧାନ ବିକ୍ରି ପାଇଁ ପଞ୍ଜିକୃତ ହେଉନଥିବାରୁ ଏହି ସଂଖ୍ୟା ବୃଦ୍ଧି ଉପରେ ରାଜ୍ୟ ସରକାର ଏବେ ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ସ୍ତରରେ ଋଣୀ ଚାଷୀ ଓ ଧାନ ବିକ୍ରି କରୁଥିବା ଚାଷୀଙ୍କ ସଂଖ୍ୟାରେ ତାଳମେଳ ରଖିବା, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପଞ୍ଜିକରଣକୁ ପ୍ରାଥମିକତା, ଧାନ ବିକ୍ରିର ୨୪ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ଅର୍ଥ ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସମବାୟ ସୋସାଇଟି



ରେଜିଷ୍ଟ୍ରାର ସମସ୍ତ ସମବାୟ ସୋସାଇଟିର ଡେପୁଟି ରେଜିଷ୍ଟ୍ରାର ଓ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଫସଲ ଋଣ ନେଉଥିବା ଚାଷୀ ଓ ଧାନ ବିକ୍ରି ପାଇଁ ପଞ୍ଜିକୃତ ହେଉଥିବା ଚାଷୀଙ୍କ ସଂଖ୍ୟାରେ ସମାନତା ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପ୍ୟାକ୍ସସ୍ତରୀୟ ଧାନକିଣା କମିଟି ବୈଠକରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଅଧିକ ପଞ୍ଜିକରଣକୁ ସୁନିଶ୍ଚିତ କରିବା ପାଇଁ ପ୍ୟାକ୍ସ ସମ୍ପାଦକମାନଙ୍କୁ କୁହାଯାଇଛି। ସେହିପରି ଚାଷୀମାନେ ଯେଉଁଦିନ ଧାନ ବିକ୍ରି କରିବେ ସେମାନେ ଯେଭଳି ୨୪ଘଣ୍ଟା ଭିତରେ ନିଜର ପ୍ରାପ୍ୟ ପାଇବେ ତାହା ମଧ୍ୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପ୍ୟାକ୍ସ ସମ୍ପାଦକମାନେ କ୍ରେତାଙ୍କ ରସିଦ୍‌କୁ ୱେବସାଇଟ୍‌ରେ ଅପଲୋଡ୍ କରିବେ, ଯାହାଫଳରେ ବିକ୍ରି ଦିନ ହିଁ ଚାଷୀମାନେ ନିଜର ପ୍ରାପ୍ୟ ପାଇପାରିବେ। ଧାନ ସଂଗ୍ରହର ସମସ୍ତ ପ୍ରକ୍ରିୟାକୁ ଅନ୍‌ଲାଇନ୍‌ରେ ସମ୍ପାଦନ କରି ପି-ପାସ୍ ମୋଡ୍‌ରେ ସଙ୍ଗେସଙ୍ଗେ ଚାଷୀଙ୍କ ଆକାଉଣ୍ଟ୍‌କୁ ଅର୍ଥ ହସ୍ତାନ୍ତର କରିବାକୁ କୁହାଯାଇଛି। ପ୍ରତିବର୍ଷ ଖରିଫ୍ ଓ ରବି ଋତୁରେ ଯେତିକି ଚାଷୀ ଫସଲ ଋଣ ନେଉଛନ୍ତି, ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଭାରତୀୟ ମହିଳା ବିଶ୍ୱରେ ସବୁଠୁ ଅଧିକ ଅସୁରକ୍ଷିତ

**ଲଣ୍ଡନ :** ଭାରତରେ ମହିଳାମାନେ ଅସୁରକ୍ଷିତ ବୋଲି ଅନ୍ତର୍ଜାତୀୟ ସର୍ଭେ ସଂସ୍ଥା ଥମସନ୍ ରୟଟର୍ସ ଫାଉଣ୍ଡେସନ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି। ସର୍ଭେ ଅନୁଯାୟୀ ମହିଳାଙ୍କ ପାଇଁ ଭାରତ ବିଶ୍ୱର ସବୁଠାରୁ ବିପଦଜ୍ଜନକ ରାଷ୍ଟ୍ର। ପୂର୍ବରୁ ମହିଳାଙ୍କ ବିପଜ୍ଜନ ରାଷ୍ଟ୍ର କୁହାଯାଉଥିବା ଆଫଗାନିସ୍ତାନ, ସିରିଆ, ସୋମାଲିଆ ଓ ସାଉଦି ଆରବ ଏବେ ନିଜ ଦେଶର ସ୍ଥିତି ସୁଧାରି ଥିବା ବେଳେ ଭାରତ କିନ୍ତୁ ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ୨୦୧୧ରେ ଏହି ସଂସ୍ଥା କରିଥିବା ସର୍ଭେରେ ଭାରତର ସ୍ଥାନ ୪ରେ ଥିଲା। କିନ୍ତୁ ଏଥର ଏକ ନମ୍ବର ସ୍ଥାନରେ ରହିଛି, ଯାହା ଭାରତ ସରକାରଙ୍କୁ ଅଡୁଆରେ ପକାଇଛି। ଏବର୍ଷ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୬ରୁ ମେ' ୪ ଯାଏ ସର୍ଭେ କରାଯାଇଥିଲା। ଏହାର ରିପୋର୍ଟ ଆଜି ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ ଭାରତରେ ଏବେ ମହିଳାଙ୍କ ଉପରେ ହେଉଥିବା ଅପରାଧ ସଂଖ୍ୟା ଅଧିକ ରହିଛି। ୨୦୧୨ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ ବିଶ୍ୱବ୍ୟାପୀ ଚହଳ ପକାଇବା ପରେ ଭାରତ ସରକାର ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଏହାସତ୍ତ୍ୱେ ମହିଳା ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ଦିନକୁ ଦିନ ମହିଳା ବିରୋଧୀ ହିଂସା ବଢୁଛି। ୫୫୦ ଜଣ ବିଶେଷଜ୍ଞଙ୍କ ରିପୋର୍ଟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ଘରୋଇ କାମ ପାଇଁ ମାନବ ଚାଲାଣ, ଜୋରଜବରଦସ୍ତି ବାହାଘର ଓ ପଣବନ୍ଦୀ କରି ଯୌନ ଶୋଷଣ କ୍ଷେତ୍ରରେ ମଧ୍ୟ



ଭାରତ ବିଶ୍ୱର ସବୁଠାରୁ ବିପଜ୍ଜନକ ରାଷ୍ଟ୍ର ହୋଇଛି। ଭାରତ ଏହି ତାଲିକାରେ ସର୍ବାଗ୍ରେ ରହିବା ପାଇଁ ସର୍ଭେ ସଂସ୍ଥା ୩ଟି କାରଣ କହିଛି। ଭାରତରେ ଯୌନ ଶୋଷଣ ଘଟଣା ବୃଦ୍ଧି ପାଇଛି। ନ୍ୟାଶନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟ ଅନୁଯାୟୀ ପ୍ରତିଦିନ ଦେଶରେ ୧୦୦ରୁ ଅଧିକ ଯୌନ ନିର୍ଯାତନା ମାମଲା ରୁଜୁ ହେଉଛି। ଏହା ବ୍ୟତୀତ ସଂସ୍କୃତି ଓ ପାରମ୍ପରିକ ପ୍ରାଟିସ୍ ଆଳରେ ମହିଳାଙ୍କ ଉପରେ ଆକ୍ରମଣ କରାଯାଉଛି। ସେହିପରି ମାନବ ଚୋରା ଚାଲାଣ ରହିଛି; ଯେଉଁଥିରେ ମହିଳାମାନଙ୍କୁ ଜୋରଜବରଦସ୍ତି ଶ୍ରମିକ, ଯୌନ କ୍ରୀତଦାସ ଓ ଘରୋଇ ଦାସୀ ଭାବେ ନିୟୋଜିତ କରାଯାଉଛି। ମହିଳାମାନେ ଏସିଡ଼ି ଆକ୍ରମଣ, ବାଲ୍ୟ ବିବାହ ଓ ଶାରୀରିକ ଶୋଷଣ ଭଳି ଘଟଣାର ସାମ୍ନା କରୁଛନ୍ତି। ଭାରତରେ ମହିଳାଙ୍କୁ ଏବେ ବି ଯୌନ ଶୋଷଣର ଏକ ସାମଗ୍ରୀ ବୋଲି ବିବେଚନା କରାଯାଉଛି ବୋଲି ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମହିଳାଙ୍କୁ ଦେହ ବ୍ୟବସାୟ ପାଇଁ ପଠାଯାଉଥିବା ୩ଟି ରାଷ୍ଟ୍ର ତାଲିକାରେ ମଧ୍ୟ ଭାରତ ରହିଛି। ଏହି ତାଲିକାରେ ଭାରତ ବ୍ୟତୀତ ମିଆଁମାର ଓ ଲିବିୟା ରହିଛନ୍ତି। ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମହିଳାଙ୍କୁ ଯୌନଦାସୀ ଭାବେ ବ୍ୟବହାର କରିବା ଓ ଜୋରଜବରଦସ୍ତ ଦେହ ବ୍ୟବସାୟରେ ଲିପ୍ତ କରାଇବା ଏବଂ ବଳପୂର୍ବକ ବିବାହ କରାଇବା ଇତ୍ୟାଦି ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରା ଯାଇ ୧୯୩ଟି ଦେଶରେ ଏହି ସର୍ଭେ କରାଯାଇଥିଲା। ମହିଳାଙ୍କ ପାଇଁ ୧୦ଟି ବିପଜ୍ଜନ ରାଷ୍ଟ୍ର ତାଲିକାରେ ଭାରତ ଏକ ନମ୍ବରରେ ଥିବା ବେଳେ ପାକିସ୍ତାନ ୬ ନମ୍ବରରେ ରହିଛି। ସେହିପରି ଆମେରିକା ୧୦ ନମ୍ବର ସ୍ଥାନରେ ରହିଛି। ୨ ନମ୍ବର ସ୍ଥାନରେ ଆଫଗାନିସ୍ତାନ, ୩ରେ ସିରିଆ, ୪ରେ ସୋମାଲିଆ, ୫ରେ ସାଉଦି ଆରବ, ୭ରେ ଡେମୋକ୍ରାଟିକ୍ ରିପ୍ଲବିକ ଅଫ୍ କଙ୍ଗୋ, ୮ରେ ୟେମେନ୍ ଓ ୯ରେ ନାଇଜେରିଆ ରହିଛି।

## ୧୮ରୁ ସଂସଦରେ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇ ୧୮ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଏହା ଅଗଷ୍ଟ ୧୦ ପର୍ଯ୍ୟନ୍ତ ଚାଲିବ। ଏହି ମୌସୁମୀ ଅଧିବେଶନରେ ୧୮ଟି କାର୍ଯ୍ୟ ଦିବସ ରହିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର ଏଠାରେ ଗଣମାଧ୍ୟମକୁ କହିଛନ୍ତି। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିପିଏ)ର ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଏହି ବୈଠକରେ ଅଧକ୍ଷତା କରିଥିଲେ। ସିସିପିଏର ସୁପାରିସ୍ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବେ ଆନୁଷ୍ଠାନିକ ଭାବେ ସଂସଦର ମୌସୁମୀ ଅଧିବେଶନ ବୈଠକ ଡାକିବେ। ଏଥର ମୌସୁମୀ ଅଧିବେଶନରେ ଟ୍ରିପଲ୍ ତଲାକ୍ ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅନନ୍ତ କୁମାର କହିଛନ୍ତି, ଓବିସିଙ୍କ ପାଇଁ ଜାତୀୟ କମିଶନକୁ ସାମ୍ବିଧାନିକ ମର୍ଯ୍ୟାଦା, ନ୍ୟାସନାଲ୍ କମିଶନ ଫର୍ ମେଡିକାଲ ଏଜୁକେସନ ବିଲ୍, ତୃତୀୟ ଲିଙ୍ଗ ବିଲ୍ ଭଳି କେତେକ ସରକାରୀ ଏଜେଣ୍ଡା ପ୍ରସ୍ତୁତ ହୋଇଛି। ଏଗୁଡ଼ିକୁ ମୌସୁମୀ ଅଧିବେଶନରେ ଆଇନଗତ ମାନ୍ୟତା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ଚଳିତ ମାସ ଶେଷରେ ରାଜ୍ୟସଭା ଉପାଧକ୍ଷ ପିଜେ କୁରିଏନ୍‌ଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହି ପଦ ପାଇଁ ନିର୍ବାଚନ କରାଯିବ। ସେ ଆହୁରି କହିଛନ୍ତି, 'ମୌସୁମୀ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହେବାକୁ ଥିବାରୁ ଆମେ ବିରୋଧୀ ଦଳଗୁଡ଼ିକର ସାହାଯ୍ୟ ଓ ସହଯୋଗ ଆଶା କରୁଛୁ।' ମୌସୁମୀ ଅଧିବେଶନର ବୈଠକ ମାତ୍ର ୧୮ ଦିନ ବସିବାକୁ ଥିବାରୁ କେତେକ ବିରୋଧୀ ଦଳ ଏଥିନେଇ ଆପତ୍ତି ଉଠାଇଛନ୍ତି। ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ'ବ୍ରିଏନ୍ ଅଭିଯୋଗ କରିଛନ୍ତି, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସଂସଦକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୌସୁମୀ ଅଧିବେଶନର କାର୍ଯ୍ୟସୂଚୀ ସମ୍ପର୍କରେ ଯେଉଁ ସୂଚନା ଦେଇଛନ୍ତି, ସେଥିରୁ କାର୍ଯ୍ୟ ଦିବସ କମିବା ସ୍ପଷ୍ଟ ହୋଇଯାଉଛି। ୨୦୧୦ ଓ ୨୦୧୧ର ମୌସୁମୀ ଅଧିବେଶନ ୨୬ ଦିନ ଚାଲିଥିଲା ବେଳେ ଆଗାମୀ ମୌସୁମୀ ଅଧିବେଶନ ୧୮ ଦିନକୁ ଖସିଆସିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଂସଦର ପୂର୍ବ ଅଧିବେଶନ (ବଜେଟ୍ ଅଧିବେଶନ) ଏକପ୍ରକାର ଧୋଇଯାଇଥିଲା। ଗତ ବଜେଟ୍ ଅଧିବେଶନରେ ଲୋକସଭା ପାଇଁ ନିର୍ଦ୍ଧାରିତ ସମୟର ମାତ୍ର ୧% ବିଧେୟକ ପାସ୍ କରିବାରେ ବିନିଯୋଗ ହୋଇଥିଲା ଓ ବାକି ସମୟ ହଟ୍ଟଗୋଳରେ ଧୋଇ ଯାଇଥିଲା। ସେହିପରି ରାଜ୍ୟସଭାର ମାତ୍ର ୬% ସମୟ ବିଧେୟକ ପାସ୍ କରିବାରେ ବିନିଯୋଗ ହୋଇଥିଲା।

## ବିଏସ୍ଇ ବିଶ୍ୱର ପଞ୍ଚମ ବୃହତ୍ତମ ମାର୍କେଟ୍

**ନୂଆଦିଲ୍ଲୀ :** ଭାରତର ଶେୟାର୍ ବା ଷ୍ଟକ୍ ମାର୍କେଟ୍ (ବିଏସ୍ଇ ଓ ଏନ୍ଏସ୍ଇ)୨୦୧୮ରେ ହେବ ବିଶ୍ୱର ପଞ୍ଚମ ବୃହତ୍ତମ ଶେୟାର୍ ମାର୍କେଟ୍ ଓ ଚୀନକୁ ପଛରେ ପକାଇ ଭାରତ ହେବ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଦେଶ ବୋଲି ସଦ୍ୟ ପ୍ରକାଶିତ ଏକ ୱେଲ୍‌ଥ ମ୍ୟାନେଜ୍‌ମେଣ୍ଟ୍ ରିପୋର୍ଟରେ ଲେଖାଅଛି। ଭାରତର ଅର୍ଥନୀତିକ ସଂସ୍କାର ପ୍ରକ୍ରିୟା ଓ ଢାଞ୍ଚାଗତ ପରିବର୍ତ୍ତନର ଫଳ ସ୍ୱରୂପ ଦୀର୍ଘ ମିଆଦରେ ଜାତୀୟ ସାମଗ୍ରିକ ଉତ୍ପାଦ ବା ଜିଡିପି ଅଭିବୃଦ୍ଧି ବିଶ୍ୱରେ ଦ୍ରୁତତମ ହେବ। ଏବେ ବିକଶିତ ରାଷ୍ଟ୍ରଗୁଡ଼ିକର ଜିଡିପି ଅଭିବୃଦ୍ଧି ହାର ୨ରୁ ୩ ପ୍ରତିଶତ ରହିଥିବା ଓ ଚୀନର ଅର୍ଥନୀତିକ ଅଭିବୃଦ୍ଧି ନିମ୍ନମୁଖୀ ହୋଇଥିବା ବେଳେ ୨୦୧୮ରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୫ ପ୍ରତିଶତ ରହିବ ବୋଲି ଏହି ୱେଲ୍‌ଥ ମ୍ୟାନେଜ୍‌ମେଣ୍ଟ୍ ରିପୋର୍ଟରେ ଆକଳନ କରାଯାଇଛି। ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ବେଞ୍ଚମାର୍କ ଇଣ୍ଡେକ୍ସ ନ୍ୟାସନାଲ୍-୫୦ ବା ନିଫ୍‌ଟି ୨୦୧୮ରେ ୧୦,୫୮୦ ପଏଣ୍ଟ୍ ଡେଇଁଲେ ୧୧,୨୦୦ରୁ ୧୧,୫୦୦ ପଏଣ୍ଟ୍ ସ୍ତରକୁ ଯିବା ସମ୍ଭବ। ଦୁଇଦିନ ତଳେ(ଶୁକ୍ରବର ଦିନ) ନିଫ୍‌ଟି ଥିଲା ୧୦୮୨୧.୮୫ ପଏଣ୍ଟ୍। ସ୍ଥାୟୀ ଆୟ ଉପରେ ଏବେ ବର୍ଷକୁ ୬ରୁ ୮ ପ୍ରତିଶତ ରିଟର୍ଣ୍ଣ ମିଳୁଥିବା ବେଳେ ଭାରତରେ ଯଦି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବ ତେବେ ଶେୟାର୍ ମାର୍କେଟ୍ ତାହାଠାରୁ ବହୁଅଧିକ ପ୍ରତିଶତର ରିଟର୍ଣ୍ଣ ଦେବ। ୨୦୧୭ରେ ଘରୋଇ ମ୍ୟୁଚୁଆଲ୍ ଫଣ୍ଡ୍‌ସ ୧୫୩୦ କୋଟି ଡଲାର୍‌ର ଇକ୍ୱିଟି ବା ଶେୟାର୍ କିଣିଥିବା ବେଳେ ବିଦେଶୀ ନିବେଶକମାନେ ସମକାଳରେ କିଣିଛନ୍ତି ୮୦୦ କୋଟି ଡଲାର୍‌ର ଭାରତୀୟ ଷ୍ଟକ୍। ଆଧାର, ଜନଧନ, ବିମୁଦ୍ରାକରଣ ଓ ବସ୍ତୁ ଏବଂ ସେବା କର ବା ଜିଏସ୍‌ଟି ପ୍ରଚଳନ ଆଦି ନୂଆ ଟ୍ରେଣ୍ଡ୍ ଭାରତୀୟ ଅର୍ଥନୀତିକୁ ବଳିଷ୍ଠ କରିବ।

## ସନ୍ଦେହଜନକ ଦେଶ ତାଲିକାରେ ପାକିସ୍ତାନ

**ଇସ୍‌ଲାମାବାଦ :** ଆତଙ୍କବାଦୀ ସଂଗଠନକୁ ମିଳୁଥିବା ପାଣ୍ଠି ଉପରେ ରୋକ ଲଗାଇବାରେ ପାକିସ୍ତାନ ବିଫଳ ହୋଇଛି। ଏଥିପାଇଁ ଫାଇନାନସିଆଲ ଆକ୍ସନ୍ ଟାସ୍କଫୋର୍ସ (ଏଫଏଟିଏଫ୍) ପାକିସ୍ତାନକୁ ଗ୍ରେ' ଲିଷ୍ଟ ବା ସନ୍ଦେହଜନକ ଦେଶ ତାଲିକାରେ ସାମିଲ କରିଛି। ଉଲ୍ଲେଖଯୋଗ୍ୟ ପ୍ୟାରିସ୍‌ରେ ଏହି ଅନ୍ତର୍ଜାତୀୟ ସଂସ୍ଥା ଏଫ୍ଏଟିଏଫ୍‌ର ବୈଠକ ଚାଲିଥିବା ବେଳେ ପାକିସ୍ତାନ ଆତଙ୍କବାଦୀ ସଂଗଠନକୁ ମିଳୁଥିବା ପାଣ୍ଠି ଉପରେ ରୋକ ଲଗାଇବା ପାଇଁ ୨୬ ସୂତ୍ରୀ ଆକ୍ସନ୍ ପ୍ଲାନ୍ ଦେଇଥିଲା। ଏଫ୍ଏଟିଏଫ୍‌ର କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ପାକିସ୍ତାନ ଏଭଳି ଆକ୍ସନ୍ ପ୍ଲାନ୍ ଦାଖଲ କରିଥିଲେ ହେଁ ଏହାର ସୁଫଳ ଇସ୍‌ଲାମାବାଦକୁ ମିଳିନାହିଁ। ତେବେ ପାକିସ୍ତାନ ପାଇଁ ଖୁସି ଖବର ଯେ ଏଫ୍ଏଟିଏଫ୍ ପକ୍ଷରୁ ଇସ୍‌ଲାମାବାଦକୁ କଳା ତାଲିକାଭୁକ୍ତ କରାଯାଇନାହିଁ। ୩୭ଟି ଦେଶର ସଦସ୍ୟଙ୍କୁ ନେଇ ଗଠିତ ଏଫ୍ଏଟିଏଫ୍ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ପାକିସ୍ତାନ ପୂରା କୂଟନୀତିକ ସ୍ତରରେ ଉଦ୍ୟମ କରିଥିଲା। କିନ୍ତୁ ଏହା କାମ ଦେଇନାହିଁ। ପ୍ୟାରିସ୍‌ରେ ଚାଲିଥିବା ଏଫ୍ଏଟିଏଫ୍‌ର ସେସନ୍ସ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନ ଆତଙ୍କବାଦ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ୨୦୧୨ରୁ ୨୦୧୫ ଯାଏ ଏଫ୍ଏଟିଏର ଗ୍ରେ ଲିଷ୍ଟରେ ରହିଥିଲା। ଏଫ୍ଏଟିଏଫ୍‌ର ଗ୍ରେ' ଲିଷ୍ଟରେ ସ୍ଥାନ ପାଉଥିବା ଦେଶ ଅନ୍ତର୍ଜାତୀୟ ସ୍ତରରେ ଋଣ ପାଇବା ଦିଗରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ।

## ଭାରତ-ସିଚିଲେସ୍ ମଧ୍ୟରେ ୬ ରାଜିନାମା ସ୍ୱାକ୍ଷରିତ

**ନୂଆଦିଲ୍ଲୀ :** ଭାରତ ଗସ୍ତରେ ଆସିଥିବା ସିଚିଲେସ୍‌ର ରାଷ୍ଟ୍ରପତି ଡ୍ୟାନି ଆଣ୍ଟୋନୀ ରୋଲେନ୍ ଫୌରେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଲୋଚନା ପରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ୬ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଦୁଇ ନେତାଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା କରାଯାଇଥିଲା। ଦୁଇ ଦେଶର ସହଯୋଗ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି ପ୍ରତିରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ବିଶଦ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତ ୧୧୫ଟି ଦ୍ୱୀପକୁ ନେଇ ଗଠିତ ସିଚିଲେସ୍‌କୁ ସବୁପ୍ରକାର ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ସିଚିଲେସ୍‌ରେ ସରକାରୀ କୋଠାବାଡ଼ି, ପୋଲିସ ମୁଖ୍ୟ ଦପ୍ତର ଓ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ଭଳି ବିଭିନ୍ନ ଭିତ୍ତିଭୂମି ବିକାଶରେ ଭାରତ ସାହାଯ୍ୟ ଯୋଗାଇଦେବ। ଏହାଛଡ଼ା ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ ଉପରେ ମଧ୍ୟ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ଆଲୋଚନା ପୂର୍ବରୁ ରାଷ୍ଟ୍ରପତି ଭବନରେ ସିଚିଲେସ୍ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

## ଉଚ୍ଛେଦ ହେବ ୟୁଜିସି !

**ନୂଆଦିଲ୍ଲୀ :** ସରକାର ଉଚ୍ଚଶିକ୍ଷା କମିଶନ (ୟୁନିଭର୍ସିଟି ଗ୍ରାଣ୍ଟ୍‌ସ କମିଶନ ଉଚ୍ଛେଦ) ଆଇନ-୨୦୧୮ ପ୍ରଣୟନ କରିବାକୁ ଚିନ୍ତା କରିଛନ୍ତି। ୟୁନିଭର୍ସିଟି ଗ୍ରାଣ୍ଟ୍‌ସ କମିଶନ୍ ବା ୟୁଜିସିର ଉଚ୍ଛେଦକୁ 'ଇନ୍ସପେକ୍ଟର୍ ରାଜ୍'ର ଅନ୍ତ ବୋଲି ସରକାର ବିଚାରୁଛନ୍ତି। କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ତା'ର ୱେବ୍‌ସାଇଟ୍‌ରେ ନୂଆ ଉଚ୍ଚଶିକ୍ଷା କମିଶନ ଆଇନର ଚିଠା ଅପ୍‌ଲୋଡ୍ କରି ଏହା ଉପରେ ଶିକ୍ଷାବିତ୍ ଓ ଜନସାଧାରଣଙ୍କ ମତାମତ ଲୋଡ଼ିଛି। ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କ ମତାମତ, ମନ୍ତବ୍ୟ ଓ ପ୍ରସ୍ତାବ ଜୁଲାଇ ୭ ତାରିଖ ସନ୍ଧ୍ୟା ୫ଟା ଭିତରେ ପଠାଇପାରିବେ। ୟୁଜିସି ଆଇନ-୧୯୫୬କୁ ରଦ୍ଦ କରି ଉଚ୍ଚ ଶିକ୍ଷା କମିଶନ ଆଇନ-୨୦୧୮ ପ୍ରଣୟନ କରାଯିବାର ଉଦ୍ଦେଶ୍ୟ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି ଯେ ନୂଆ ଉଚ୍ଚଶିକ୍ଷା କମିଶନ ଆଇନ ଶିକ୍ଷାର ମାନ ବଢ଼ାଇବା, ଶିକ୍ଷାନୁଷ୍ଠାନଗୁଡ଼ିକର ପାରଦର୍ଶିତାର ବାର୍ଷିକ ମୂଲ୍ୟାୟନ କରିବା, ଶିକ୍ଷକମାନଙ୍କ ତାଲିମ ବ୍ୟବସ୍ଥାକୁ ତଦାରଖ କରିବା, ଶିକ୍ଷାନୁଷ୍ଠାନଗୁଡ଼ିକରେ ଟେକ୍ନୋଲଜିର ବ୍ୟବହାର ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ଆଦି ଉପରେ ଧ୍ୟାନ କେନ୍ଦ୍ରିତ କରିବ। ୟୁଜିସି ଭଳି ଏହି ନୂଆ କମିଶନଙ୍କର ଆର୍ଥିକ ଅନୁଦାନ ବା ଗ୍ରାଣ୍ଟ୍‌ସ ମଞ୍ଜୁର କରିବା କ୍ଷମତା ରହିବ ନାହିଁ। ଉଚ୍ଚ ଶିକ୍ଷା କମିଶନଙ୍କ ଫୋକସ୍‌ରେ କେବଳ ଶିକ୍ଷା ସମ୍ପର୍କିତ ବିଷୟଗୁଡ଼ିକ ରହିବ। ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ଦେବା ବିଷୟ ମାନବ ସମ୍ବଳ ମନ୍ତ୍ରଣାଳୟ ବୁଝିବ। ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନାରେ ହସ୍ତକ୍ଷେପ କମିବ। ପ୍ରସ୍ତାବିତ କମିଶନ ଶିକ୍ଷାର ମାନ ଯେପରି ଉଚ୍ଚ ତଥା ସନ୍ତୋଷଜନକ ହୁଏ ତାହା ସୁନିଶ୍ଚିତ କରାଇବେ। ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ଉତ୍ତମ ମାନର ଶିକ୍ଷାଦାନ କରୁନାହାନ୍ତି ସେହି ଶିକ୍ଷାନୁଷ୍ଠାନଗୁଡ଼ିକୁ ଏବଂ ନକଲି ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ପାଇଁ କମିଶନଙ୍କ କ୍ଷମତା ରହିବ।

## '୨୦୧୯ ନିର୍ବାଚନ ପୂର୍ବରୁ ରାମ ମନ୍ଦିର ନିର୍ମାଣ'

**ଲକ୍ଷ୍ନୌ :** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଧର୍ମୀୟ ଗୁରୁରୁ ତଥା ପୂର୍ବତନ ବିଜେପି ବିଧାୟକ ରାମ ବିଲାଶ ବେଦାନ୍ତି ରାମ ମନ୍ଦିର ନିର୍ମାଣ ସମ୍ପର୍କରେ ମତ ରଖି ରାଜନୀତିକ ହଟଚମଟ ସୃଷ୍ଟି କରିଛନ୍ତି। ସେ କହିଛନ୍ତି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଯେମିତି ହେଲେ ବି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ୫୯ ବର୍ଷୀୟ ରାମ ବିଲାଶ ବେଦାନ୍ତି ହେଉଛନ୍ତି ରାମ ଜନ୍ମଭୂମି ନ୍ୟାସର ପୁରୋଧା। ସେ ହିନ୍ଦୁ ସଂଗଠନର ନେତୃତ୍ୱ ନେଇ ଅଯୋଧ୍ୟାରେ ରାମ ଜନ୍ମଭୂମି ନିର୍ମାଣ ଦାବି ଚଳାଇଛନ୍ତି। ସେ କହିଛନ୍ତି, ରାମ ମନ୍ଦିର ହେଉଛନ୍ତି ଆମ ଦେଶର ପ୍ରତ୍ୟେକ ପରିଚୟ। ଏଠି ରାମ ଲାଲା ବିରାଜମାନ ଅଛନ୍ତି। ଯେଉଁ ରାମ ଅଛନ୍ତି ସେଠି ମନ୍ଦିର ଅବଶ୍ୟ ନିର୍ମାଣ ହେବ। ମନ୍ଦିର ନିର୍ମାଣ କରିବାକୁ କୌଣସି କୋର୍ଟ ନିର୍ଦ୍ଦେଶକୁ ଅପେକ୍ଷା କରାଯିବ ନାହିଁ। ତେଣୁ ୨୦୧୯ ପୂର୍ବରୁ ଏଠାରେ ଯେମିତି ହେଲେ ବି ମନ୍ଦିର ନିର୍ମାଣ ହେବ। ଯଦି ଏଠାରେ ମନ୍ଦିର ନିର୍ମାଣ ପାଇଁ କୋର୍ଟ ଅନୁମତି ଦେଲେ ତ ଠିକ୍ ଅଛି, ନହେଲେ ଆମେ ଯେମିତି ହେଲ ବି ଏଠାରେ ମନ୍ଦିର ନିର୍ମାଣ କରିବୁ।

### କର୍ଣ୍ଣାଟକରେ କଂଗ୍ରେସକୁ ଜେଡିଏସ୍‌ର ଭରସା ନାହିଁ

## ଭାଙ୍ଗିଯିବ ମେଣ୍ଟ ସରକାର

**ବେଙ୍ଗାଲୁରୁ :** କର୍ଣ୍ଣାଟକରେ ସରକାର ଗଠନ କରିଥିବା କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରଙ୍କ ଉପରେ କଳା ବାଦଲ ଘୋଟେଇ ଆସିଛି। ପ୍ରଥମେ ମନ୍ତ୍ରିମଣ୍ଡଳ ଆବଣ୍ଟନ ପରେ କ୍ୟାବିନେଟ୍ ପଦବୀ ଏବଂ ଏବେ ବଜେଟ୍‌କୁ ନେଇ ମେଣ୍ଟ ସରକାରରେ ଫାଟ ସୃଷ୍ଟି ହୋଇଛି। ପରିସ୍ଥିତି ଏପରି ସୃଷ୍ଟି ହୋଇଛି ଯେ ଆସନ୍ତା ଜୁଲାଇ ୫ରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ବଜେଟ୍ ଉପସ୍ଥାପନ କରିବାକୁ ଥିବା ବେଳେ ମାସକ ତଳେ ଗଠନ ହୋଇଥିବା ସରକାର ଭାଙ୍ଗିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଖୋଦ୍ କୁମାରସ୍ୱାମୀ ମଧ୍ୟ ବଜେଟ୍‌କୁ ନେଇ କଂଗ୍ରେସ ଓ ଜେଡିଏସ୍ ମଧ୍ୟରେ ବିବାଦ ଲାଗି ରହିଥିବା କଥା ସ୍ୱୀକାର କରିଛନ୍ତି। ସେ କହିଛନ୍ତି କିଛି ଦଳୀୟ ନେତା ଓ ମନ୍ତ୍ରୀ ବଜେଟ୍‌କୁ ସାଧାରଣ ନିର୍ବାଚନ ପରେ ଉପସ୍ଥାପନ କରିବାକୁ କହୁଥିବା ବେଳେ ଆଉ କିଛି ନେତା ଓ ବିଧାୟକ ଜୁଲାଇ ୫ରେ ବଜେଟ୍ ଉପସ୍ଥାପନ କରିବାକୁ ଚାହୁଁଛନ୍ତି, ଯାହାକୁ ନେଇ କିଛି ତିକ୍ତତା ସୃଷ୍ଟି ହୋଇଛି। ପୂର୍ବତନ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ବଜେଟ୍ ଉପସ୍ଥାପନକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଥିବା ଭିଡିଓ ଭାଇରାଲ୍ ହେବା ପରେ କୁମାରସ୍ୱାମୀ ଏଭଳି ବୟାନ ଦେଇଛନ୍ତି। ଏପରି ସ୍ଥିତରେ ଜୁଲାଇ ୫ ପୂର୍ବରୁ ହିଁ ମେଣ୍ଟ ସରକାର ଭାଙ୍ଗିବ ବୋଲି ରାଜନୀତିକ ବିଶେଷଜ୍ଞମାନେ କହିଛନ୍ତି। କୁମାରସ୍ୱାମୀ ଆହୁରି କହିଛନ୍ତି ଏବର୍ଷ ବଜେଟ୍ ଉପସ୍ଥାପନ ହେବ କି ନାହିଁ ସେ ବିଷୟରେ ଚର୍ଚ୍ଚା ଚାଲିଛି। ମୁଁ ବି ସେ ବିଷୟରେ ଜାଣିନି। ଶେଷଥର ପାଇଁ ଫେବୃଆରୀମାସରେ ବଜେଟ୍ ଉପସ୍ଥାପନ ହୋଇଥିଲା। ଏହାର ପରବର୍ତ୍ତୀ ଅବସ୍ଥାରେ ଅନେକ ବିଧାୟକ ଓ ମନ୍ତ୍ରୀ ନିର୍ବାଚନ ହାରିଥିଲେ। ଏବେ ମନ୍ତ୍ରିମଣ୍ଡଳରେ ନୂଆ ଲୋକ ଆସିଛନ୍ତି। ନୂଆ ବିଧାୟକମାନେ ପୁରୁଣା ବଜେଟ୍ ସମ୍ପର୍କରେ ଜାଣି ନାହାନ୍ତି। ପୁରୁଣା ବିଧାୟକଙ୍କ ଅନୁମତିରେ ପାସ୍ ହୋଇଥିବା ବଜେଟ୍ ଯଦି ଏବେ କାର୍ଯ୍ୟକାରୀ ହେବ, ତାହେଲେ ଅନେକ ସମସ୍ୟା ସୃଷ୍ଟି ହେବ। ନୂଆ ବିଧାୟକମାନେ ସ୍ୱାଧିକାର ଭଙ୍ଗ ନୋଟିସ୍ ମଧ୍ୟ ଆଣିପାରନ୍ତି। ଏପରି ସ୍ଥିତିରେ ମୁଁ କ'ଣ କରିବି ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ କଂଗ୍ରେସ-ଜେଡିଏସ୍ କୋର୍ଡିନେସନ୍ କମିଟିର ଅଧକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସଦ୍ଦରମୈୟା ଏବେ ପୂର୍ଣ୍ଣ ବଜେଟ୍‌ର ଆବଶ୍ୟକତା ନାହିଁ ଏବଂ ଏକ ସପ୍ଲିମେଣ୍ଟାରୀ ବଜେଟ୍ ଆଗତ ହେବା ଦରକାର ବୋଲି ମତ ଦେବା ପରେ ମେଣ୍ଟ ସରକାରରେ ଫାଟ ସୃଷ୍ଟି ହୋଇଥିଲା। ସେହିପରି ଏକ ଭିଡିଓରେ ସିଦ୍ଦରମୈୟା ଗୁପ୍ତ ଭାବେ ଏକ ବୈଠକ କରିବା ସହ କହିଥିଲେ ଯେ, ସେମାନେ ଏବେ ନୂଆ ବଜେଟ୍ ଉପସ୍ଥାପନ କରିବାକୁ ଚାହୁଁଛନ୍ତି। ଏହାପରେ ସେମାନେ ରାହୁଲ ଗାନ୍ଧିଙ୍କ ପାଖକୁ ଯିବେ ବୋଲି କହୁଥିବା ଜଣାପଡ଼ିଛି। ଏହି ଭିଡିଓ ଭାଇରାଲ୍ ହେବା ପରେ କୁମାରସ୍ୱାମୀ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମତ ପରେ ପୂର୍ବରୁ କଂଗ୍ରେସ ଦୟାରେ ମୁଖ୍ୟମନ୍ତ୍ରୀ ହୋଇଥିବା ବାରମ୍ବାର କହି ଆସୁଥିବା କୁମାରସ୍ୱାମୀ ନିଜର ମତ ବଦଳାଇବା ସହ ସେ କହା ଦୟାରେ ମୁଖ୍ୟମନ୍ତ୍ରୀ ହୋଇନାହାନ୍ତି ବୋଲି କହିଥିଲେ। ଏହି ସମୟରେ ଯେଉଁ ସଙ୍କେତ ମିଳୁଛି ସେଥିରୁ ଜଣାପଡୁଛି ଗଠବନ୍ଧନ ମେଣ୍ଟ ସରକାର ନିଜର ମନ୍ତ୍ରୀ ଓ ବିଧାୟକଙ୍କ ବିଦ୍ରୋହ କାରଣରୁ ଅଡୁଆରେ ପଡ଼ିବାକୁ ଯାଉଛି। କର୍ଣ୍ଣାଟକ ସରକାର ପାଇଁ ସବୁଠୁ ଅଧିକ ସମସ୍ୟା ହେଉଛି କଂଗ୍ରେସର ଅଧିକାଂଶ ଅସନ୍ତୁଷ୍ଟ ନେତା ଏବେ ସରକାର ଭାଙ୍ଗିବା ପାଇଁ ବିଜେପି ସହ ଯୋଗଯୋଗରେ ଥିବା ଜଣାପଡ଼ିଛି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ହିମାଚଳର ଧର୍ମଶାଳାରେ ଆୟୁର୍ବେଦିକ ଚିକିତ୍ସା ପାଇଁ ଯାଇଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** — ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ। ରାଜନୈତିକ ବ୍ୟକ୍ତିମାନେ ସମ୍ମାନିତ ହେବେ।

**ବୃଷ** — କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ଅବଲମ୍ବନ କରିବେ।

**ମିଥୁନ** — ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**କର୍କଟ** — ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ।

**ସିଂହ** — ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ।

**କନ୍ୟା** — କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ତୁଳା** — କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**ବିଛା** — ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।

**ଧନୁ** — ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** — ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**କୁମ୍ଭ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭରୁ ବଞ୍ଚିତ ରହିବେ।

**ମୀନ** — ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ମାନସିକ ଚିନ୍ତାରେ ବୁଡି ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସ୍ୱଚ୍ଛତା ସର୍ବେକ୍ଷଣ : ଢେର ପଛରେ ଓଡ଼ିଶାର ସହର

**ଭୁବନେଶ୍ୱର :** ସମଗ୍ର ଭାରତବର୍ଷରେ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୧୮ ଅନୁଯାୟୀ ଓଡ଼ିଶାର ବିଭିନ୍ନ ସହରାଞ୍ଚଳଗୁଡ଼ିକ ଢେର୍ ପଛରେ ରହିଛି। ସର୍ଭେ ସମୟରେ ସେବା ଯୋଗାଣରେ ଅଗ୍ରଗତି କ୍ଷେତ୍ରରେ ମୋଟ ୧୪୦୦ ମାର୍କରୁ ୫ଟି ମହାନଗର ନିଗମର ସ୍ଥିତିକୁ ଦେଖିଲେ ଏହା ଜଣାପଡ଼ିଛି। ସେଥିମଧ୍ୟରୁ ଭୁବନେଶ୍ୱର ସବୁଠାରୁ ଅଧିକ ୩୯୫ ମାର୍କ ପାଇଥିଲା ବେଳେ ରାଉରକେଲା ୧୭୫, କଟକ ୧୫୩, ସମ୍ବଲପୁର ୩୯ ମାର୍କ, ବ୍ରହ୍ମପୁର ୩୮ ମାର୍କ ପାଇଛି । ସେହିପରି ସିଧାସଳଖ ନିରୀକ୍ଷଣ କ୍ଷେତ୍ରରେ ମୋଟ ୧୨୦୦ ମାର୍କ ଭିତରୁ ବ୍ରହ୍ମପୁର ସବୁଠାରୁ ଅଧିକ ୮୮୮.୯୩ ମାର୍କ ପାଇଥିଲା ବେଳେ ଭୁବନେଶ୍ୱର ୭୮୧.୯୩, ରାଉରକେଲା ୭୦୭.୯୧, ସମ୍ବଲପୁର ୫୧୭.୭ ମାର୍କ, କଟକ ମାତ୍ର ୪୦୬.୧୪ ମାର୍କ ପାଇଛି । ନାଗରିକଙ୍କ ମତାମତ ଓ ଆପ ବ୍ୟବହାର କ୍ଷେତ୍ରରେ ରାଉରକେଲା ସବୁଠାରୁ ଅଧିକ ୭୭୪.୫୨ ମାର୍କ ପାଇଥିଲା ବେଳେ ବ୍ରହ୍ମପୁର ୭୩୦.୩୭, ଭୁବନେଶ୍ୱର ୭୧୦.୮୯, କଟକ ୬୩୦.୬୯ ମାର୍କ ପାଇଥିଲା ବେଳେ ସମ୍ବଲପୁର ୪୮୪.୨୫ ମାର୍କ ପାଇଛି। ସର୍ବମୋଟ ମାର୍କକୁ ବିଚାର କଲେ ଭୁବନେଶ୍ୱର ସବୁଠାରୁ ଅଧିକ ୧୮୮୭.୮୨ ମାର୍କ ପାଇ ରାଜ୍ୟରେ ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ପ୍ରଥମ ହୋଇଥିଲା ବେଳେ ଦେଶରେ ୨୪୫ତମ ସ୍ଥାନରେ, ରାଉରକେଲା ୧୬୫୭.୪୩ ମାର୍କ ପାଇ ରାଜ୍ୟରେ ତୃତୀୟ ସ୍ଥାନରେ ଥିଲା ବେଳେ ଦେଶରେ ୩୦୭ତମ ସ୍ଥାନରେ, ବ୍ରହ୍ମପୁର ୧୬୫୭.୩ ମାର୍କ ପାଇ ରାଜ୍ୟରେ ୪ର୍ଥ ସ୍ଥାନରେ ଥିଲା ବେଳେ ଦେଶରେ ୩୦୮ତମ ସ୍ଥାନରେ, କଟକ ୧୧୮୯.୮୩ ପାଇ ରାଜ୍ୟରେ ୮ମ ସ୍ଥାନରେ ଥିଲାବେଳେ ଦେଶରେ ୪୦୨ୟ ସ୍ଥାନରେ ଓ ସମ୍ବଲପୁର ୧୦୪୦.୯୫ ମାର୍କ ପାଇ ରାଜ୍ୟରେ ୯ମ ସ୍ଥାନରେ ଥିଲା ବେଳେ ଦେଶରେ ୪୩୧ତମ ସ୍ଥାନରେ ରହିଛି। ସେବା ଯୋଗାଇବାରେ ବିଗତ ଦିନମାନଙ୍କରେ ଭିତ୍ତିଭୂମି ଓ ସେବା ପ୍ରଦାନ କରିବା ପାଇଁ ଯେତେବେଳେ ବ୍ରହ୍ମପୁର ମହାନଗର ନିଗମର ଜନସ୍ୱାସ୍ଥ୍ୟ (ପରିମଳ) ବାବଦରେ ୨୦୧୪-୧୫ ଆର୍ଥିକ ବର୍ଷରେ ପ୍ରାୟ ୨କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ୨୦୧୫-୧୬ ବର୍ଷ ପାଇଁ ୮ କୋଟି ୬୭ ଲକ୍ଷ ଏବଂ ୨୦୧୬-୧୭ ଆର୍ଥିକ ବର୍ଷରେ ୯ କୋଟି ୬୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଆକଳନ ହୋଇଥିଲା। ଯଦି ଏହାକୁ ଆହୁରି ଅଧିକ ନଜର ଦେଲେ ଜଣାପଡ଼େ ୨୦୧୬ -୧୭ ଆର୍ଥିକ ବର୍ଷରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଘରୋଇକରଣ ବାବଦରେ ୬ କୋଟି ୫୦ ଲକ୍ଷ, ସୁଲଭ ଶୌଚାଳୟ ଗୁଡ଼ିକର ପରିଚାଳନା ପାଇଁ ୧୬ ଲକ୍ଷ, ଡ୍ରେନ୍ ଗୁଡ଼ିକର ପରିଚାଳନା ଓ ତିଆରି ପାଇଁ ୨୦ ଲକ୍ଷ, ନୂଆ ଡ୍ରେନ୍ ପାଇଁ ୩୫ ଲକ୍ଷ, ପରିମଳ ସାମଗ୍ରୀ ପାଇଁ ୧୦ ଲକ୍ଷ, ସର୍ବସାଧାରଣ ପାଇଖାନା ପାଇଁ ୪ କୋଟି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ଆକଳନ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମର ପାଇଖାନା ଗୁଡ଼ିକର ମରାମତି ଓ ତଦାରଖ ପାଇଁ ୨୦୧୬-୧୭ ବର୍ଷରେ ୧୯ ଲକ୍ଷ ୯୩ହଜାର ଆକଳନ ହୋଇଥିଲା ବେଳେ ୨୦୧୬- ୧୭ ବର୍ଷ ପାଇଁ ୧୦ ଲକ୍ଷ ଟଙ୍କା ଆକଳନ ହୋଇଥିଲା । ଠିକ୍ ସେହିପରି ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ପାଇଁ ୨୦୧୭-୧୮ ବର୍ଷ ପାଇଁ ୧୨ କୋଟି ୯୭ ଲକ୍ଷ ଆକଳନ ହୋଇଥିଲା ବେଳେ ପରିମଳ ବ୍ୟବସ୍ଥାରେ ଘରୋଇକରଣ ବାବଦରେ ଖର୍ଚ୍ଚ ପାଇଁ ୫୧ କୋଟି ୯୭ ଲକ୍ଷ ଆକଳନ ହୋଇଛି । ଠିକ୍ ସେମିତି କଟକ ମହାନଗର ନିଗମର ୨୦୧୬-୧୭ ଆର୍ଥିକ ବର୍ଷର ବଜେଟ୍‌କୁ ଦେଖିଲେ ଜଣାପଡ଼େ ଯେ, ୨୦୧୬ - ୧୭ ଆର୍ଥିକ ବର୍ଷ ପାଇଁ ମହାନଗର ନିଗମ ଏହି ପରିମଳ ବ୍ୟବସ୍ଥା ପାଇଁ ପ୍ରାୟ ୨୭ କୋଟି ୨୬ ଲକ୍ଷ ଟଙ୍କାର ଆକଳନ କରିଥିଲେ । ରାଉରକେଲା ମହାନଗର ନିଗମ ଜନସ୍ୱାସ୍ଥ୍ୟ ବାବଦରେ ୨୦୧୫ - ୧୬ ବର୍ଷରେ ୧୦ କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲା । ପ୍ରକାଶ ଥାଉ କି ୨୦୧୬ ମସିହାରେ ସାରା ଭାରତରେ ୭୩ଟି ମୁଖ୍ୟ ସହରକୁ ନେଇ ସ୍ୱଚ୍ଛ ସର୍ବେକ୍ଷଣ ଆରମ୍ଭ କରାଯାଇଥିଲା। ୨୦୧୭ରେ ଅମୃତ ଯୋଜନାରେ ସାମିଲ ହୋଇଥିବା ୪୩୪ଟି ସହରକୁ ନେଇ ସ୍ୱଚ୍ଛ ସର୍ବେକ୍ଷଣ କରାଯାଇଥିଲା । ଗତ ୨ଟି ପର୍ଯ୍ୟାୟରେ ସ୍ୱଚ୍ଛ ସର୍ବେକ୍ଷଣକୁ ଦେଖିଲା ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ତୃତୀୟ ପର୍ଯ୍ୟାୟରେ ଦେଶରେ ସ୍ୱୀକୃତ ହୋଇଥିବା ସମସ୍ତ ୪୨୦୩ଟି ସହରକୁ ଏଥିରେ ସାମିଲ କରିଥିଲେ। ୨୦୧୮ ମସିହା ଜାନୁଆରୀ ଓ ଫେବ୍ରୁଆରୀ ମାସରେ ଏହି ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା । ଏଥିରେ କିଛିଟା ପରିବର୍ତ୍ତନ ହୋଇଥିଲା । ୨୦୧୭ ସର୍ବେକ୍ଷଣରେ ସେବା ଯୋଗାଣରେ ଅଗ୍ରଗତି ପାଇଁ ୪୫%, ସିଧାସଳଖ ନିରୀକ୍ଷଣ ପାଇଁ ୨୫% ଓ ନାଗରିକଙ୍କ ମତାମତ ଓ ଆପ୍ ବ୍ୟବହାର ପାଇଁ ୩୦% ଥିଲା ବେଳେ ୨୦୧୮ ସର୍ବେକ୍ଷଣରେ ସେବା ଯୋଗାଣରେ ଅଗ୍ରଗତି ପାଇଁ ୩୫%, ସିଧାସଳଖ ନିରୀକ୍ଷଣ ପାଇଁ ୩୦% ଓ ନାଗରିକମାନଙ୍କ ମତାମତ ଓ ଆପ ବ୍ୟବହାର ପାଇଁ ୩୫% ସ୍ଥିର କରାଯାଇଥିଲା। ୨୦୧୭ ସର୍ବେକ୍ଷଣରେ ମୋଟ ୨୦୦୦ ମାର୍କ ଥିଲା ବେଳେ ୨୦୧୮ରେ ସର୍ବମୋଟ୍ ୪୦୦୦ ମାର୍କ ସ୍ଥିର କରାଯାଇଥିଲା।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ଖାତା ମୂଲ୍ୟାଙ୍କନ ୬ରୁ

**କଟକ :** ଆସନ୍ତା ୬ ତାରିଖରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ମୂଲ୍ୟାଙ୍କନ ହେବ। କେନ୍ଦ୍ରୀୟ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଏହା ରାଜ୍ୟର ୧୦ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ପରୀକ୍ଷକମାନେ ସମ୍ପୃକ୍ତ କେନ୍ଦ୍ରରେ ୫ ତାରିଖ ଅପରାହ୍ଣ ୧ଟା ସୁଦ୍ଧା ଯୋଗଦେବାକୁ କୁହାଯାଇଛି। ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ମାନେ ସମ୍ପୃକ୍ତ ପରୀକ୍ଷକ ବା ମୂଲ୍ୟାଙ୍କନକାରୀ ଶିକ୍ଷକମାନଙ୍କର ତାଲିକା କରିବା ସହ କେହି ଅନୁପସ୍ଥିତ ରହିଲେ ସେମାନଙ୍କ ବଦଳରେ ୫ ତାରିଖ ଅପରାହ୍ଣ ୩ଟାବେଳେ ଅନ୍ୟ ଶିକ୍ଷକମାନଙ୍କୁ ସ୍ପଟ୍ ନିଯୁକ୍ତି ଦେଇପାରିବେ। ପରେ ୬ ତାରିଖରୁ ମୂଲ୍ୟାଙ୍କନ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। କଟକ, ଅନୁଗୁଳ, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ସମ୍ବଲପୁର, କୋରାପୁଟ ଆଦି ୯ଟି ଜିଲ୍ଲାର ସମ୍ପୃକ୍ତ ସ୍କୁଲର ମୁଖ୍ୟମାନେ ଶିକ୍ଷକମାନଙ୍କର ନିଯୁକ୍ତି ପତ୍ର ମାଧ୍ୟମିକ ଶିକ୍ଷା ବୋର୍ଡର ନିଜସ୍ୱ ୱେବ୍ ସାଇଟ୍ **www.bseodisha.ac.in**ରୁ ଡାଉନ୍‌ଲୋଡ୍ କରିବେ। ମୂଲ୍ୟାଙ୍କନ କାର୍ଯ୍ୟରେ ଯୋଗ ଦେଉଥିବା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ଠିକ୍ ସମୟରେ ରିଲିଭ୍ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ କୁହାଯାଇଛି।

## ଇଗ୍ନୋରେ ଆଶାକର୍ମୀଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ

**ଭୁବନେଶ୍ୱର :** ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାମ କରୁଥିବା ତୃଣମୂଳସ୍ତରର କର୍ମୀ ତଥା କର୍ମଚାରୀଙ୍କୁ ୬ମାସିଆ ସ୍ୱାସ୍ଥ୍ୟଭିତ୍ତିକ ସାର୍ଟିଫିକେଟ କୋର୍ସ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତ ଏକ ପ୍ରସ୍ତାବ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି ବୋଲି ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ଦାଶ କହିଛନ୍ତି, ଏନ୍‌ଏଚ୍‌ଏମ୍ ଅଧୀନରେ କାର୍ଯ୍ୟରତ ଆଶାକର୍ମୀ, ସୁପରଭାଇଜର୍, ଏଏନ୍‌ଏମ୍‌ଙ୍କ ଲାଗି ଇଗ୍ନୋ ପକ୍ଷରୁ ୧୧ଟି ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ପାଇଁ ପ୍ରସ୍ତାବ ରହିଛି। ସେଗୁଡ଼ିକ ହେଲା ସାର୍ଟିଫିକେଟ୍ ଇନ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ଚାଇଲ୍ଡ କେୟାର୍ (ସିଏନ୍‌ସିସି), ଫୁଡ୍ ଆଣ୍ଡ ନ୍ୟୁଟ୍ରିସନ୍ (ସିଏଫ୍‌ଏନ୍), ଡିପ୍ଲୋମା ଇନ୍ ନ୍ୟୁଟ୍ରିସନ୍ ଆଣ୍ଡ୍ ହେଲ୍‌ଥ ଏଜୁକେଶନ୍(ଡିଏନଏଚଇ), ଏଚ୍‌ଆଇଭି ଆଣ୍ଡ୍ ଫ୍ୟାମିଲି ଏଜୁକେସନ, ବର୍ଜ୍ୟବସ୍ତୁ ପରିଚାଳନା, କ୍ରିଟିକାଲ୍ କେୟାର୍ ଆଣ୍ଡ୍ ନର୍ସିଂ, ଇନ୍‌ଫାଣ୍ଟ ଆଣ୍ଡ୍ ନ୍ୟୁ ବର୍ଣ୍ଣ ଚାଇଲ୍‌ଡ କେୟାର । ସାର୍ଟିଫିକେଟ କୋର୍ସର ଅବଧି ୬ମାସ। ଡିପ୍ଲୋମା କୋର୍ସର ଅବଧି ଏକବର୍ଷ। ଆଶାକର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତା କମ ଥିଲାବେଳେ ସେମାନଙ୍କ ପାଇଁ ଏହା କେତେଦୂର ସହାୟକ ହେବ ବୋଲି ଏକ ପ୍ରଶ୍ନର ଉତ୍ତରରେ ଡ. ଦାଶ କହିଥିଲେ ଯେ, ଏ କ୍ଷେତ୍ରରେ ଆଶାକର୍ମୀଙ୍କ ଲାଗି ସିଏଫ୍‌ଏନ୍ କୋର୍ସ ବିଶେଷ ଉପାଦେୟ ହେବ। ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କ ଆର୍ଥିକ ଅସ୍ୱଚ୍ଛଳଙ୍କୁ କୋର୍ସ ଫି' ବାବଦ ଅର୍ଥ ଏନ୍‌ଏଚ୍‌ଏମ୍ ବହନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମାଗଣାରେ ପାଠ୍ୟକ୍ରମ ଦିଆଯିବ ବୋଲି ଡ. ଦାଶ କହିଛନ୍ତି।

# ୩ ପର୍ଯ୍ୟଟନସ୍ଥଳୀରେ ଚାଲିବ ସି-ପ୍ଲେନ୍



**ଭୁବନେଶ୍ୱର :** ରାଜ୍ୟର ୩ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ 'ସି-ପ୍ଲେନ୍' ଚଳାଚଳ ପାଇଁ ଘରୋଇ ବିମାନ ଚଳାଚଳ କମ୍ପାନୀ 'ସ୍ପାଇସ୍ ଜେଟ୍' ପ୍ରସ୍ତାବ ଦେବା ପରେ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ ନିମନ୍ତେ ଆଗ୍ରହ ବ୍ୟକ୍ତ କରିଛନ୍ତି। ତେବେ ରାଜ୍ୟରେ 'ୱାଟର ଏରୋଡମ୍' ପ୍ରତିଷ୍ଠା ସମ୍ଭବପର କି ନୁହେଁ ତା'ର ସମ୍ଭାବନା ଅନ୍ୱେଷଣ ନିମନ୍ତେ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୧୧ ତାରିଖରେ ଭାରତୀୟ ବିମାନ ପ୍ରାଧିକରଣ ଅଧ୍ୟକ୍ଷ ଡଃ ଗୁରୁପ୍ରସାଦ ମହାପାତ୍ର ମଧ୍ୟ ଚିଲିକା ହ୍ରଦରେ 'ୱାଟର ଏରୋଡ୍ରମ' ସ୍ଥାପନ ପାଇଁ ତାଲିକାଭୁକ୍ତ କରାଯାଇଛି ବୋଲି ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅବଗତ କରିଥିଲେ। ଚିଲିକା ହ୍ରଦରେ ଏହାର ଫିଜିବିଲିଟି ଷ୍ଟଡ଼ି ପାଇଁ ସେ ସ୍ଥାନୀୟ ପ୍ରଶାସନ,ରାଜ୍ୟ ସରକାର ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡ଼ିଥିଲେ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ପିକେ ବିଶ୍ୱାଳ ଆଜି ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ସ୍ପାଇସ୍ ଜେଟ୍ ପକ୍ଷରୁ ଓଡ଼ିଶାରେ ସି-ପ୍ଲେନ୍ ଚଳାଚଳ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ସମ୍ଭାବନା ଖୋଜିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ପାଇସ୍ ଜେଟ୍ ଅଧିକାରୀ ଓ ବିମାନ ବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଏହି ସମ୍ଭାବନା ଅନ୍ୱେଷଣ ନିମନ୍ତେ ଶ୍ରୀ ବିଶ୍ୱାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସ୍ପାଇସ୍ ଜେଟ୍ ଲିଃ ଅଧ୍ୟକ୍ଷଙ୍କ ପରାମର୍ଶଦାତା ଶାନ୍ତନୁ କାଳିତା ଜୁନ୍ ୧୪ତାରିଖରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଚିଠି ଲେଖି ରାଜ୍ୟର ୩ଟି ପର୍ଯ୍ୟଟନସ୍ଥଳୀରେ 'ସି-ପ୍ଲେନ୍' ଚଳାଚଳ ପାଇଁ ଆଗ୍ରହ ବ୍ୟକ୍ତ କରିଥିଲେ।। ଭୁବନେଶ୍ୱର-ପୁରୀ ଭାୟା ଚିଲିକା ହ୍ରଦ, ଭୁବନେଶ୍ୱର-ଚାନ୍ଦିପୁର ଭାୟା ଭିତରକନିକା ଜାତୀୟ ଉଦ୍ୟାନ ଓ ଭୁବନେଶ୍ୱର-ହୀରାକୁଦ ଡ୍ୟାମ ମଧ୍ୟରେ ସି-ପ୍ଲେନ୍ ଚଳାଚଳ କରିବା ପାଇଁ କମ୍ପାନୀ ପ୍ରସ୍ତାବ ଦେଇଛି। କମ୍ପାନୀ ଏନେଇ ନିଜସ୍ତରରେ ବିସ୍ତୃତ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିଥିବା ମଧ୍ୟ ସୂଚନା ଦେଇଛି। ରାଜ୍ୟ ସରକାର ଚାହିଁଲେ ସ୍ଥାନୀୟ ଆବଶ୍ୟକତା, ପର୍ଯ୍ୟଟନର ସମ୍ଭାବନା ଓ ଫାଇଦାକୁ ଦୃଷ୍ଟିରେ ରଖି ଏହି ମାର୍ଗରେ ପରିବର୍ତ୍ତନ କରିପାରିବେ ବୋଲି ସ୍ପାଇସ୍ ଜେଟ୍ ପ୍ରସ୍ତାବ ଦେଇଛି। ସ୍ପାଇସ୍ ଜେଟ୍ ଓ ବିମାନ ବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କଠୁ ଚିଠି ପାଇବା ପରେ ରାଜ୍ୟ ସରକାର ଏବେ ଓଡ଼ିଶାରେ 'ସି-ପ୍ଲେନ୍' ଚଳାଚଳ ଦିଗରେ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି।

# ଆଗୁଆ ନିର୍ବାଚନ ପାଇଁ ସଜବାଜ

**ଭୁବନେଶ୍ୱର :** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ବାଚନ ବେଳେ ହେବାକୁ ଥିବା ଖର୍ଚ୍ଚର ଏକ ଆଗୁଆ ହିସାବ ଦେବାକୁ କହିଥିଲେ। ଇତିମଧ୍ୟରେ କେତେକ ଜିଲ୍ଲାର ଜିଲ୍ଲାପାଳ ଏହି ରିପୋର୍ଟ ଦେଇଥିବା ସୂଚନା ମିଳିଛି। ଅନ୍ୟ ଜିଲ୍ଲାର ଜିଲ୍ଲାପାଳମାନେ ଖୁବ୍ ଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି ପଠାଇବେ ବୋଲି ଜଣାପଡ଼ିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତାଙ୍କ ଚିଠିରେ ଲେଖିଥିଲେ ଯେ, ଚଳିତ ଆର୍ଥିକ ବର୍ଷର ଶେଷ ଆଡ଼କୁ କିମ୍ବା ଆସନ୍ତା ଆର୍ଥିକ ବର୍ଷର ଆରମ୍ଭ ବେଳକୁ ସାଧାରଣ ନିର୍ବାଚନ-୨୦୧୯ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ତେଣୁ ନିର୍ବାଚନ ଲାଗି କେତେ ଟଙ୍କା ଖର୍ଚ୍ଚ ହେବ ଯୁକ୍ତିଯୁକ୍ତ ଭାବରେ ତା'ର ହିସାବ ଦେବାକୁ ସେ ଜିଲ୍ଲାପାଳମାନଙ୍କୁ କହିଥିଲେ। ପୁଲିସ୍ ସୁରକ୍ଷା, ଭିଡିଓଗ୍ରାଫି ଠାରୁ ଆରମ୍ଭ କରି ଇଭିଏମ୍ ପର୍ଯ୍ୟନ୍ତ ୨୪ଟି ବର୍ଗରେ କେତେ ଖର୍ଚ୍ଚ ହେବ ତା'ର ହିସାବ ମଗାଯାଇଥିଲା। ଏହା ସହ କ'ଣ ସବୁ ଭିତ୍ତିଭୂମିର ଆବଶ୍ୟକତା ରହିଛି ତାହା ଜଣାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକର ସ୍ଥିତାବସ୍ଥା ଜଣାଇବା ସହିତ ପୋଲିଂ ପାର୍ଟିର ଯାତାୟାତ ଓ ବୁଥ୍ ଖର୍ଚ୍ଚର ହିସାବ ଦେବାକୁ କୁହାଯାଇଥିଲା। ପ୍ରତି ଜିଲ୍ଲାରେ ଷ୍ଟ୍ରଙ୍ଗରୁମ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହିତ ପୂର୍ବରୁ ଷ୍ଟ୍ରଙ୍ଗରୁମ୍‌ର ସ୍ଥିତି କ'ଣ ରହିଛି ତାହା ଜଣାଇବାକୁ କୁହାଯାଇଥିଲା। ଆବଶ୍ୟକ ସ୍ଥଳେ ଷ୍ଟ୍ରଙ୍ଗରୁମ୍ ତିଆରି ତଥା ମରାମତି କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ ଅଧିକାରୀ ଜିଲ୍ଲାପାଳମାନଙ୍କୁ କହିଥିଲେ। ପ୍ରଥମ ଥର ପାଇଁ ଆସନ୍ତା ସାଧାରଣ ନିର୍ବାଚନ ବେଳେ ଭିଭିପ୍ୟାଟ୍ ବ୍ୟବହାର କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା। ତେବେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମଗାଯାଇଥିବା ତଥ୍ୟ ଦେବାଲାଗି ଏକ ଫର୍ମାଟ୍ ଜାରି କରାଯାଇଛି। ଗତ ୧୨ ତାରିଖ ଠାରୁ ଏହି ଚିଠି ଲେଖାଯାଇଥିବା ବେଳେ ଆଜି ଏହା ସାମ୍ନାକୁ ଆସିଛି। ଚିଠିରେ ଗତ ୨୦ ତାରିଖ ସୁଦ୍ଧା ଉକ୍ତ ଫର୍ମାଟ୍‌ରେ ରିପୋର୍ଟ ଦେବାଲାଗି କୁହାଯାଇଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ସୂଚନା ଅନୁସାରେ ଇତିମଧ୍ୟରେ ଅଧିକାଂଶ ଜିଲ୍ଲାରୁ ରିପୋର୍ଟ ଆସିସାରିଲାଣି। ଏହି ରିପୋର୍ଟକୁ ଦିଲ୍ଲୀସ୍ଥିତ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟକୁ ପଠାଯିବ। ଏଠାରେ ସୂଚନାଯୋଗ୍ୟ ଯେ ଆସନ୍ତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତଦନୁସାରେ ୨୦୧୯, ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର କଥା। ମାତ୍ର କେତେକ ରାଜ୍ୟରେ ଆସନ୍ତା ନଭେମ୍ବର ମାସରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ସହ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇପାରେ ବୋଲି ଆଲୋଚନା ହେଉଛି। ନିର୍ବାଚନ ଅଧିକାରୀ ଏଭଳି ଚିଠି ଲେଖିଥିବା ଜଣାପଡ଼ିବା ପରେ ବିଭିନ୍ନ ରାଜନୀତିକ ଦଳରେ ତତ୍ପରତା ପ୍ରକାଶ ପାଇଛି। ତେଣୁ ସବୁ ରାଜନୀତିକ ଦଳଗୁଡ଼ିକ ବୁଥ୍ ସ୍ତରରୁ ଦଳକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି।


# ୧୫ରୁ ଅଙ୍ଗନୱାଡି କେନ୍ଦ୍ରରେ ନୂତନ ଖାଦ୍ୟ ତାଲିକା

**ଭୁବନେଶ୍ୱର :** ସହାୟକ ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଖାଦ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଜିଲ୍ଲାପାଳ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଯୋଗେ ଆଲୋଚନା କରିବା ପରେ ଏହା ସ୍ପଷ୍ଟ କରାଯାଇଛି। ତଦନୁସାରେ ଆସନ୍ତା ମାସ ୧୫ ତାରିଖ ଠାରୁ ଅଙ୍ଗନୱାଡିଗୁଡ଼ିକରେ ସାଧାରଣ ପିଲାଙ୍କୁ ସପ୍ତାହକୁ ୫ଟି, ଗର୍ଭବତୀ ମହିଳାଙ୍କୁ ମାସିକ ୧୨ଟି ଓ ୧୧ରୁ ୧୬ ବର୍ଷ ବାଳିକାଙ୍କୁ ପ୍ରତିମାସରେ ୧୬ଟି ଅଣ୍ଡା ଖାଇବା ପାଇଁ ଦିଆଯିବ। ନୂତନ ଖାଦ୍ୟ ତାଲିକା ଅନୁସାରେ ଅଙ୍ଗନୱାଡିରେ ୩ରୁ ୬ ବର୍ଷ ମଧ୍ୟରେ ସାଧାରଣ ସ୍ୱାସ୍ଥ୍ୟ ବର୍ଗର ଶିଶୁମାନଙ୍କୁ ପ୍ରତି ସପ୍ତାହରେ ଏହା ଦିଆଯିବ। ଅଙ୍ଗନୱାଡି ସ୍ତରରେ ଖାଦ୍ୟ ଯୋଗାଣ ଯେଭଳି ଅବ୍ୟାହତ ରହେ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲାପାଳ ଓ ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଯୋଗାଣର ମାନ ଓ ପରିମାଣ ଉପରେ ସତର୍କ ଦୃଷ୍ଟି ରଖିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ସୂଚନା ଅନୁସାରେ ଅଙ୍ଗନୱାଡିଗୁଡ଼ିକରେ ସୋମବାର ଓ ଗୁରୁବାର ଦିନ ଭାତ, ଡାଲମା ଓ ଲେମ୍ବୁ ଦିଆଯିବ। ମଙ୍ଗଳବାର ଦିନ ସିଝା ଅଣ୍ଡା, ସବୁଜ ପରିବା ତରକାରୀ ଏବଂ ଲେମ୍ବୁ ଦିଆଯିବ। ବୁଧ, ଶୁକ୍ର ଓ ଶନିବାରରେ ଭାତ ସହ ଅଣ୍ଡା ତରକାରୀ ଓ ଲେମ୍ବୁ ଦିଆଯିବ। ଏହାଛଡ଼ା ପ୍ରତିଦିନ ସକାଳ ଜଳଖିଆରେ ବାର ଅନୁସାରେ ରାଶି,ବେସନ ଲଡୁ, ଚିନାବାଦାମ ଓ ଚୁଡ଼ା ଲଡୁ, ଗଜାମୁଗ ଓ ଋତୁକାଳୀନ ଫଳ ଦେବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ୬ ମାସରୁ ୧ ବର୍ଷ ସାଧାରଣ ସ୍ୱାସ୍ଥ୍ୟ ବର୍ଗର ପିଲାଙ୍କୁ ଗୃହକୁ ନେବା ରାସନ୍(ଟିଏଚ୍‌ଆର୍) ବାବଦରେ ମାସକୁ ୧୨ଟି ଅଣ୍ଡା, ୨.୪୫ କିଲୋ ଛତୁଆ ଏବଂ ୧.୫ କିଲୋ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ଅତିନିମ୍ନ ପୁଷ୍ଟି ବର୍ଗର ପିଲାମାନଙ୍କୁ ୧୨ଟି ଅଣ୍ଡା, ୪.୯ କିଲୋ ଛତୁଆ, ୮୩ଟି ବେସନ ଓ ରାଶି ଲଡୁ (ପ୍ରତି ଲଡୁର ଓଜନ ୧୯.୬୭ ଗ୍ରାମ) ଯୋଗାଇ ଦିଆଯିବ। ଅଣ୍ଡା ଖାଉନଥିବା ପିଲାଙ୍କୁ ସମପରିମାଣ ପୁଷ୍ଟି ଥିବା ୬୦ଟି ଲଡୁ ଯୋଗାଇ ଦିଆଯିବ। ସେହିପରି ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କୁ ମାସକୁ ୪.୯ କିଲୋ ଛତୁଆ, ୧୨ଟି ଅଣ୍ଡା ଏବଂ ୨୫ଟି ଚିନାବାଦାମ ଓ ରାଶି ଲଡୁ ଯୋଗାଇ ଦିଆଯିବ। ୧୧ରୁ ୧୪ ବର୍ଷ ବୟସ୍କ ବାଳିକାମାନଙ୍କୁ ମାସକୁ ୪ କିଲୋ ଛତୁଆ, ୧୬ଟି ଅଣ୍ଡା ଏବଂ ୨୫ଟି ଲଡୁ ଯୋଗାଯିବ। ପ୍ରତି ଲଡୁର ଓଜନ ୨୪.୪ ଗ୍ରାମ ରହିବ। ଅଣ୍ଡା ଖାଉନଥିବା ବାଳିକାମାନଙ୍କୁ ସମପୁଷ୍ଟି ପରିମାଣର ୫୪ଟି ଲଡୁ ଯୋଗାଇ ଦିଆଯିବ। ଏହି ନୂତନ ଖାଦ୍ୟ ତାଲିକା ଯୋଗୁଁ ପ୍ରାୟ ୪୬.୨୯ଲକ୍ଷ ପିଲା ଓ ମା' ଏବଂ ୫୫,୫୬୫ ଜଣ ବାଳିକା ଉପକୃତ ହେବେ। ମୁଣ୍ଡପିଛା ଅନୁଦାନ ହିସାବରେ ସାଧାରଣ ସ୍ୱାସ୍ଥ୍ୟ ବର୍ଗ ପିଲାଙ୍କ ପାଇଁ ୮ ଟଙ୍କା, ଗର୍ଭବତୀ ମହିଳାଙ୍କ ପାଇଁ ୯ଟଙ୍କା ୫୦ ପଇସା ଓ ଅତି ନିମ୍ନ ପୁଷ୍ଟି ବର୍ଗର ପିଲାଙ୍କ ପାଇଁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଶି ୭ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ପୂର୍ବରୁ ଏହା ୫ ଲକ୍ଷ ଟଙ୍କା ଥିବାବେଳେ ମାଲକାନଗିରି ଜିଲ୍ଲାର ଜଣେ ମହିଳାଙ୍କ ଅନୁରୋଧ କ୍ରମେ ଏହି ଅର୍ଥ ରାଶି ବୃଦ୍ଧି କରାଯାଇଥିବା ସେ ସୂଚନା ଦେଇଛନ୍ତି। ସଚିବାଳୟ ଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଭାଗନେବା ଅବସରରେ କାଳିମେଳା ବ୍ଲକର ମମତା ପଡ଼ିଆମୀ ଏହି ଚିକିତ୍ସା ସହାୟତା ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଧିକ। ମହିଳାଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଏବଂ ମିଶନ ଶକ୍ତି ଭଳି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ମହିଳାମାନଙ୍କ ଉନ୍ନତି ଘଟିଛି। ତେବେ ଏହି ସ୍ୱାସ୍ଥ୍ୟ ଯୋଜନାରେ ମହିଳାଙ୍କ ଲାଗି ଅର୍ଥ ରାଶି ବୃଦ୍ଧି କରିବା ନେଇ ଅର୍ଥ ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ରକ୍ଷାକରି ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ଲାଗି ଅଧିକ ଅର୍ଥ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ମହିଳାମାନେ ଉପକୃତ ହେବେ। ମହିଳାଙ୍କ ପାଇଁ ଏହି ଅର୍ଥର ପରିମାଣ ବୃଦ୍ଧି କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ମାଲକାନଗିରିର ସମ୍ପୃକ୍ତ ମହିଳାଙ୍କ ଯୁକ୍ତି ତାଙ୍କୁ ପ୍ରଭାବିତ କରିଥିବାରୁ ସେ ଏନେଇ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ମାସ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ ଯୋଜନା ଘୋଷଣା କରିଥିଲେ। ଆସନ୍ତା ଅଗଷ୍ଟ ୧୫ ତାରିଖ ଠାରୁ ଏହା ଲାଗୁ କରାଯିବ। ଏଥିରେ ସମସ୍ତଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଘୋଷଣା କରାଯାଇଛି। ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକମାନଙ୍କୁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ତଥା ୩.୫ କୋଟି ଜନସାଧାରଣ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଆୟୁଷ୍ମାନ ଯୋଜନାକୁ ଲାଗୁ କରିବା ପାଇଁ ପୂର୍ବରୁ ରାଜ୍ୟ ସରକାର ମନା କରିସାରିଛନ୍ତି। ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିବା ପରେ ସୋସିଆଲ୍ ମିଡିଆରେ ଏହା ଟ୍ରେଣ୍ଡ କରୁଛି। ବହୁଲୋକ ଖାସ୍ କରି ମହିଳାମାନେ ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଟ୍ୱିଟ୍ କରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ 'ଓଡ଼ିଶା ଫର୍ ଓମେନ୍' ଶୀର୍ଷକ ଟ୍ୱିଟ୍‌ରେ ମହିଳାଙ୍କ କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଲେଖିଛନ୍ତି।

# ସମ୍ବିଧାନକୁ ହତ୍ୟା କରିଥିଲା କଂଗ୍ରେସ : ସ୍ମୃତି ଇରାନୀ



**ଭୁବନେଶ୍ୱର :** ୪୩ ବର୍ଷ ପୂର୍ବେ ସମ୍ବିଧାନକୁ ହତ୍ୟା କରିବା ସହ ଗଣତନ୍ତ୍ରର କଣ୍ଠରୁଦ୍ଧ କରି କଂଗ୍ରେସ ଦଳ ଆମ ଦେଶରେ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିଥିଲା । ଦେଶର ନିର୍ଦ୍ଦିଷ୍ଟ ଗୋଟିଏ ପରିବାର ପଦବୀ ଲାଭ ଆଶାରେ ଲକ୍ଷାଧିକ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ଜଳାଞ୍ଜଳୀ ଦେଇଥିଲା। ଜଣେ ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱତନ୍ତ୍ରତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରାଯିବାର ପ୍ରୟାସ କରାଯାଇଥିଲା। ଯେଉଁମାନେ ଲୋକତନ୍ତ୍ରର ସଂରକ୍ଷଣ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇଥିଲେ ସେମାନଙ୍କ ବିରୁଦ୍ଧରେ ୨ଲକ୍ଷରୁ ଅଧିକ ମିଥ୍ୟା ଏତଲା ଦିଆଯାଇଥିଲା। ଲକ୍ଷାଧିକ ସଂଖ୍ୟାରେ ଆକ୍ରୋଶ ରାଜରାସ୍ତାରେ ଦେଖିବାକୁ ମିଳିଥିଲା। ଜରୁରୀକାଳୀନ ପରିସ୍ଥିତିକୁ ସାମ୍ନା କରୁଥିବାରୁ କିଛି ରାଜନୈତିକ ଦଳର ନେତା, ସତ୍ୟାଗ୍ରାହୀ, ବୁଦ୍ଧିଜୀବୀ ଏବଂ ପତ୍ରକାରମାନଙ୍କୁ ମିଶା ଆଇନ ବଳରେ ଜୋର ଜବରଦସ୍ତ ଜେଲକୁ ପଠାଇ ଦିଆଯାଇଥିଲା। ସେହି ଦିନଠାରୁ ଭାରତର ଗଣତନ୍ତ୍ରରେ ଆଜିର ଦିନକୁ କଳା ଦିବସ ଆଖ୍ୟା ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ସ୍ମୃତି ଜୁବିନ ଇରାନୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଇରାନୀ କହିଛନ୍ତି ଯେ, ଜରୁରୀ କାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ଦେଶର ବହୁ ବ୍ୟକ୍ତି ନିଜ ସ୍ୱାଧୀନତାକୁ ଜଳାଞ୍ଜଳୀ ଦେଇଥିଲେ। ଓଡିଶାର ମଧ୍ୟ ଅନେକ ନେତା ଏବଂ ସମାଜସେବୀଙ୍କୁ ମିଶା ଆଇନ ବଳରେ ଗିରଫ କରାଯାଇ ଜବରଦସ୍ତ ଜେଲକୁ ପଠାଇ ଦିଆଯାଇଥିଲା। ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ରବି ରାୟ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ସମେତ ଅଗଣିତ ସଂଖ୍ୟାରେ ନାଗରିକ ଗଣତନ୍ତ୍ରର ସବୁଠୁ ବଡ ଲଢେଇରେ ସମ୍ବିଧାନର ସଂରକ୍ଷଣ ପାଇଁ ନିଜ ତରଫରୁ ବଳିଦାନ ତଥା ଯୋଗଦାନ ଦେଇଥିଲେ। ଓଡିଶାର ଥିବା ୯୦୦ରୁ ଉର୍ଦ୍ଧ ସତ୍ୟାଗ୍ରହୀ ଏବଂ ମିଶା ଅଇନ ବଳରେ ଗିରଫ ହୋଇଥିବା ୩୦୦ରୁ ଉର୍ଦ୍ଧ ସତ୍ୟାଗ୍ରହୀଙ୍କୁ ଶ୍ରଦ୍ଧା ପୂର୍ବକ ସମ୍ମାନ ଦେବାକୁ ଆସିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ଇରାନୀ କହିଛନ୍ତି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ୪୩ ବର୍ଷ ନିଜ ତରଫରୁ ବଳିଦାନ ଓ ଯୋଗଦାନ ଦେଇଥିବା ରାଜ୍ୟର ଅଗଣିତ ସତ୍ୟାଗ୍ରହୀଙ୍କୁ ସ୍ମରଣ କରି ଶ୍ରୀମତୀ ଇରାନି କହିଛନ୍ତି ଯେ, ଇତିହାସକୁ କେବେହେଲେ ଭୁଲି ହେବ ନାହିଁ। ତେଣୁ ସେହି ମହାନ୍ ବ୍ୟକ୍ତିଙ୍କୁ ସମସ୍ତ ବିଜେପି କାର୍ଯ୍ୟକର୍ତାଙ୍କ ତରଫରୁ ଧନ୍ୟବାଦ ଦେବା ସହ ସେମାନଙ୍କ ବଳିଦାନକୁ ସମ୍ମାନ ଦେଉଛୁ ବୋଲି ଶ୍ରୀମତୀ ଇରାନୀ କହିଛନ୍ତି। ଜରୁରୀକାଳୀନ ସମୟରେ ଗୋଟିଏ ଛାତ ତଳେ ଗଣମାଧ୍ୟମ ଏବଂ ରାଜନୈତିକ ଦଳ ନିଜ ନିଜ ମତ ପୋଷଣ କରିବାରେ ରୋକ୍ ଲଗାଯାଇଥିଲା । ସେହି ସମୟରେ ସାଧାରଣ ଜନତାଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଂଚିତ କରାଯିବା କାରଣରୁ ସମସ୍ତଙ୍କୁ ଶକ୍ତ ଧକ୍କା ଲାଗିଥିଲା । ଏହି କଳା ଦିବସକୁ ମନେ ପକାଇ ଭାରତର ସମସ୍ତ ନାଗରିକ ଏବଂ ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତା ଗଣତନ୍ତ୍ରର ସଂରକ୍ଷଣ ପାଇଁ ଆଜି ସଂକଳ୍ପ ନେଇଛନ୍ତି ବୋଲି ଶ୍ରୀମତୀ ଇରାନୀ କହିଛନ୍ତି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୨ ଜୁଲାଇ - ୦୮ ଜୁଲାଇ, ୨୦୧୮

# ପୂର୍ବ-ପଶ୍ଚିମ ପାଚେରୀ ନପଡୁ

ସମ୍ପାଦକୀୟ
ତାରକ ମହାନ୍ତି



ବର୍ତ୍ତମାନ ସମୟରେ ଓଡ଼ିଶାରେ ରାଜନୈତିକ ଦଳମାନେ ରାଜ୍ୟର ବିକାଶ ପ୍ରସଙ୍ଗ ଅପେକ୍ଷା ଭୋଟ ରାଜନୀତିକୁ ଅଧିକ ଗୁରୁତ୍ୱ ଦେଉଥିଲା ଭଳି ମନେ ହେଉଛି। କାରଣ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ନେଇ ଶାସକ-ବିରୋଧୀଙ୍କ ମଧ୍ୟରେ ତୁ ତୁ ମେଁ ମେଁ ଆରମ୍ଭ ହୋଇଗଲାଣି। ମୌର୍ଯ୍ୟ ଶାସନ ସମୟରେ କଳିଙ୍ଗ ଓ ମହାଭାରତ ଅନୁସାରେ ଆମ ରାଜ୍ୟର ନାଁ ଉତ୍କଳ ରହିଥିଲା ବେଳେ ବ୍ରିଟିଶ ଶାସନାଧିନ ଥିବା ଓଡ଼ିଶାର ନାଁ ଥିଲା ଓରିଶା। ଦୀର୍ଘବର୍ଷ ଧରି ଇଂରାଜୀ ଭାଷାରେ ଓଡ଼ିଶାର ନାଁ ଓରିଶା ବୋଲି ଉଚ୍ଚାରଣ କରାଯାଉଥିଲା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଏହା ଓଡ଼ିଶା ବୋଲି ସମ୍ବିଧାନରେ ସ୍ଥାନ ପାଇଲା। ଯାହା ପ୍ରତ୍ୟେକ ଓଡ଼ିଆଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି କରିଥିଲା। ଏହାପରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ନବୀନଙ୍କ ସମୟରେ ପାଇଲା। ରାଜ୍ୟ ପାଇଁ ଓରିଶାରୁ ଓଡ଼ିଶା ହେବା ଓ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ହେଲେ ସମ୍ପ୍ରତି ରାଜ୍ୟ ସଙ୍ଗୀତକୁ ନେଇ ଯେଉଁଭଳି ଝଡ ଉଠିଲାଣି ତାହା ଅତ୍ୟନ୍ତ ନିନ୍ଦନୀୟ। କାରଣ ପ୍ରାଚୀନତାରେ ହିଁ ଆମର ମୌଳିକତା ଓ ଅସ୍ତିତ୍ୱ ଲିପିବଦ୍ଧ। ଆମ ଅସ୍ମିତା ଆମ ସ୍ୱାଭିମାନ ମଧ୍ୟ ପ୍ରାଚୀନ ପରମ୍ପରା ଓ ଚଳଣୀ ଉପରେ ଦଣ୍ଡାୟମାନ। ଯଦିଓ ପରିବର୍ତ୍ତନ ଆମ ବିକାଶର ଧାରା ତଥାପି ପରମ୍ପରାକୁ ଭୁଲି ଗୋଟେ ରାଜ୍ୟର ସୁନ୍ଦର ଚିତ୍ରକୁ ବିକୃତ କରିବାର ମାନସିକତା ନିଶ୍ଚୟ ପୀଡାଦାୟକ। ଯେଉଁ ବରପୁତ୍ରମାନେ ଓଡ଼ିଶାକୁ ସ୍ୱତନ୍ତ୍ର ଓ ସମୃଦ୍ଧ ଭାବେ ଦେଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ଏବଂ ଏଥିପାଇଁ ଜୀବନ ଦେଇଥିଲେ ସେମାନଙ୍କ ଅବର୍ତ୍ତମାନରେ ଏଭଳି ହୀନ ରାଜନୀତି ହେବା ନିଶ୍ଚୟ ପରିହାସ ବ୍ୟତିରେକ ଆଉ କିଛିନୁହେଁ। ଉପକୂଳ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ ଯିଏ ଯେଉଁଠି ରହିଲେ ବି ଓଡ଼ିଶା ନିଜର ଅଖଣ୍ଡତା ବଜାୟ ରଖିବା ସବୁଠୁ ବଡକଥା। 'ବନ୍ଦେ ଉତ୍କଳ ଜନନୀ' ପ୍ରସଙ୍ଗରେ ବିରୋଧୀମାନେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ଯେ, ଏହି ସଙ୍ଗୀତକୁ ତୁରନ୍ତ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳୁ। ରାଜ୍ୟ ସଂସ୍କୃତି ମନ୍ତ୍ରୀ ଏ ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ରାଜ୍ୟ ସଙ୍ଗୀତକୁ ପରୀକ୍ଷା ନିରୀକ୍ଷା କରି 'ବନ୍ଦେ ଉତ୍କଳ ଜନନୀ'କୁ ସ୍ୱୀକୃତି ଦେବା କଥା କହିଥିଲା ବେଳେ ମନ୍ତ୍ରୀ ସୁଶାନ୍ତ ସିଂହ ଏହି ଗୀତରୁ 'ଉତ୍କଳ' ଶବ୍ଦକୁ ଉଠାଇ 'ଓଡ଼ିଶା' କରିବାକୁ କହିବା ପରେ ବିବାଦ ନୂଆ ମୋଡ ନେଇଛି। ମନ୍ତ୍ରୀ ଏଭଳି କହିଲେ କାହିଁକି? ଉତ୍କଳ ଓ ଓଡ଼ିଶାକୁ ନେଇ ଏଯାବତ୍ କୌଣସି ବିବାଦ ଉଠି ନଥିଲା ବେଳେ ନିର୍ବାଚନ ପୂର୍ବରୁ ଏଭଳି ପ୍ରସଙ୍ଗ ଉତ୍ଥାପନ କରାଯିବାର ରହସ୍ୟ କ'ଣ? ଏହାକୁ ନେଇ ଚାରିଆଡେ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ବନ୍ଦନୀୟ କବିଙ୍କ ରଚିତ ଲେଖା ତାଙ୍କ ନିଜର ମୌଳିକ ରଚନା ଓ ବ୍ୟକ୍ତିଗତ ଅଧିକାର ହୋଇଥିଲା ବେଳେ ଏଥିରେ ପରିବର୍ତ୍ତନ କରିବା ପାଇଁ ଅନ୍ୟ କେହି ହକ୍‌ଦାର ହୋଇପାରିବେ କି? ଭୋଟରଙ୍କୁ ମନାଇବାକୁ ଯାଇ ରାଜନେତାମାନେ ରାଜନୀତି କରିପାରିବେ, ହେଲେ ଜଣେ ସ୍ରଷ୍ଟାଙ୍କ ସର୍ଜନାରେ ପରିବର୍ତ୍ତନ ଆଣିବା ଆଦୌ ସମୀଚିନ ନୁହେଁ। କ୍ଷମତା ବଳରେ ଯଦି ମୂଳ ସଙ୍ଗୀତର ପରିବର୍ତ୍ତନ ଘଟେ ତେବେ ଏହା ପୁଣିଗୋଟେ ନୂଆ ବିବାଦର ସୂତ୍ରପାତ କରିବ। ତେବେ ଏତିକିରେ କଥା ଅଟକିନାହିଁ। 'ବନ୍ଦେ ଉତ୍କଳ ଜନନୀ'ରୁ 'ଉତ୍କଳ' ଶବ୍ଦଟି ହଟିଗଲେ ମନ୍ତ୍ରୀ ଶ୍ରୀ ସିଂହ କେଉଁ ଦୃଷ୍ଟିକୋଣରୁ ଆନନ୍ଦ ଅନୁଭବ କରିବେ ତାହା ମଧ୍ୟ ବୁଝାପଡୁନି। ଯାହା ମନେହୁଏ 'କୋଶଳ' ଭାବନାରୁ ଏଭଳି ଚିନ୍ତାଧାରା ଉଦ୍ରେକ ହୋଇଛି। ଗୋଟିଏପଟେ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରସଙ୍ଗ ଓ ଅପରପଟେ ପୂର୍ବ-ପଶ୍ଚିମର ଭେଦଭାବ ଓଡ଼ିଶାକୁ ଦୁର୍ବଳ କରିଦେବାର ସମ୍ଭାବନା ରହିଛି। ଏକତା ସୂତ୍ରରେ ବାନ୍ଧି ହେବାର ମନ୍ତ୍ର ନେଇ ଯେଉଁ ରାଜ୍ୟ ଆଜି ପ୍ରଗତିର ଅନେକ ପଥ ଅତିକ୍ରମ କରିସାରିଛି ସେଭଳି ସ୍ଥିତିରେ ଏଭଳି କଥାର ମହତ୍ୱ କେତେ? ଭାଷା, ସାହିତ୍ୟ, ପାଠ୍ୟପୁସ୍ତକ ଓ କଥାବାର୍ତ୍ତାରେ ଆମେ 'ଉତ୍କଳ'କୁ ନେଇ ଯେତିକି ଗୌରବାନ୍ୱିତ ସେଥିରେ ପରିବର୍ତ୍ତନର ପ୍ରତିବନ୍ଧକ ଆଣି କେହି ଆମକୁ ଭାଗ ଭାଗ କରିପାରିବେ ନାହିଁ। କାରଣ ଗୋଟିଏ ପରିବର୍ତ୍ତନ ହଜାରେ ପରିବର୍ତ୍ତନ ପାଇଁ ସ୍ୱର ଉଠାଇବ। ରାଜ୍ୟ ଶାସନରେ ଯେଉଁଠି ଯେଉଁଠି ଉତ୍କଳ ଶବ୍ଦ ରହିଛି ତାହା କ'ଣ ପରିବର୍ତ୍ତନ କରିବା ଏତେ ସହଜ। ନା, ଏହା ଆଦୌ ସହଜ ବା ସମ୍ଭବପର ନୁହେଁ। ଆମେ ପ୍ରତ୍ୟେକ ଓଡ଼ିଆ ବିବିଧ ଭାବରେ ନିଜର ସଂସ୍କୃତି ଓ ଚଳଣିକୁ ଆପଣାଇଥିବା ବେଳେ ଜାତି କ୍ଷେତ୍ରରେ ଆମେ କିନ୍ତୁ ଏକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଆମର ସଂସ୍କୃତି। ସେ ହେଉଛନ୍ତି ପୁଣ୍ୟ ଉତ୍କଳର ଆରାଧ୍ୟ ଦେବତା। ଓଡ଼ିଶା ବାହାରେ ଆମର ପରିଚୟ ଜଗନ୍ନାଥ ଦେଶର ଲୋକ ବୋଲି। ତେଣୁ ଆମେ କେଉଁ ଆଧାରରେ ଉତ୍କଳକୁ ଉଚ୍ଛେଦ କରି ଓଡ଼ିଶାର ଆବିର୍ଭାବ ହଟାଇ ପାରିବା। ଯେଉଁ ରାଜ୍ୟାର ମାଟି, ପାଣି ଓ ପବନରେ ପବିତ୍ରତାର ନଦ,ନଦୀ ଓ ଝରଣା ବହିଯାଉଛି ସେଠାରେ ବିଦ୍ରୋହ ଆଦୌ ଶୋଭା ପାଏନା। ତେଣୁ ପ୍ରତିକଥାରେ ରାଜନୀତି ଅପେକ୍ଷା ଜାତୀୟତାବୋଧକୁ ଅଧିକ ଧ୍ୟାନ ଦେଇ ଲୋକଙ୍କ ପାଇଁ ଯାହା ସର୍ବୋତ୍ତମ ତାହା କରାଗଲେ କାହାର କୌଣସି ଆପତ୍ତି ଅଭିଯୋଗ ରହିବ ନାହିଁ।

ଜନପ୍ରତିନିଧିମାନେ ଲୋକପ୍ରିୟ ହେବା ପାଇଁ ଏଭଳି କୌଣସି କୌଶଳ ନଆପଣାନ୍ତୁ ଯାହା ପରବର୍ତ୍ତୀ ପିଢ଼ି ପାଇଁ କଳଙ୍କର ବୋଝ ବହନ କରିବ। ମାନବିକତା ଆଧାରରେ ମୂଲ୍ୟବୋଧ ଓ ନୀତିନିଷ୍ଠ ରାଜନୀତି ଯେଭଳି ସଫଳତା ଦିଏ କୁଚ୍ଛ ରାଜନୀତି ସେଭଳି ଗୌରବ ଦେଇପାରେନାହିଁ। ବରଂ ରାଜନୀତି କ୍ଷେତ୍ରରେ ଲୋକଙ୍କ ସମସ୍ୟାରେ ସହଭାଗୀ ହେବା ଏବଂ ସେମାନଙ୍କ ଦୁଃଖ ଲାଘବ କରିବା ପାଇଁ ଯେତେ ଯେତେ ଯୋଜନା କରାଯାଇପାରେ ସେଥିରେ ବ୍ରତୀ ହେବା ଆବଶ୍ୟକ। ରାଜନୀତି ଉଦ୍ଦେଶ୍ୟ ରଖି ଖରାପ ଚିନ୍ତାଧାରାକୁ ଭଲ ଯୋଜନା ସହିତ ଯୋଡିଦେଲେ ଏଥିରେ ସାମୟିକ ସଫଳତା ମିଳିଥାଏ। ହେଲେ ପରେ ଏହାକୁ ନେଇ ଯେତେବେଳେ ଚର୍ଚ୍ଚା, ତର୍ଜମା ବା ଆଲୋଚନା ହୁଏ ସେଥିରେ ଯେଉଁ ନିର୍ଷ୍କସ ବାହାରେ ତାହା ଆଦୌ ଶୁଭଫଳ ଦିଏନାହିଁ। ଶାସକ ହୁଅନ୍ତୁ ବା ବିରୋଧୀ ରାଜ୍ୟର ବିକାଶ ପ୍ରସଙ୍ଗରେ ସମସ୍ତେ ଏକଜୁଟ ହୋଇ ଲୋକଙ୍କ ପାଇଁ କାମ କଲେ ଭବିଷ୍ୟତ ପାଇଁ ଏହା ଏକ ମାଇଲଖୁଣ୍ଟ ହୁଏ। ଯାହାକି ଆଗାମୀ ବଂଶଧରଙ୍କୁ ଦିଗ୍‌ଦର୍ଶକ ଭଳି ଆଗକୁ ବଢ଼ିବାର ପ୍ରେରଣା ଦେଇଥାଏ। ନୀତିହୀନ ନିଷ୍ପତ୍ତିର କୁପରିଣାମ ଚିନ୍ତା ନକରି ଯେଉଁମାନେ ଉପର ଠାଉରିଆ ଭାବେ ଯୋଜନା ବାହାନାରେ ଲୋକଙ୍କୁ ନିଜର ହାତମୁଠାକୁ ଆଣନ୍ତି ସେମାନେ ପର ମୁହୂର୍ତ୍ତରେ ନିନ୍ଦିତ ହେବା ନିଶ୍ଚିତ। ଏକତା ବଳରେ ସମୃଦ୍ଧିର ସୋପାନ ଚଢ଼ିବା ଯେତେ ସହଜ ବିଭାଜନରେ ତାହା ଆଦୌ ସମ୍ଭବ ନୁହେଁ। କ୍ଷଣିକ ବା ସାମୟିକ ଉଦ୍ଦେଶ୍ୟ କ୍ଷତିକାରକ ହୋଇଥିବା ଜାଣି ଯେଉଁମାନେ ସଂକୀର୍ଣ୍ଣତା ଭିତରେ ବନ୍ଦୀ ହେବାକୁ ଚାହୁଁଛନ୍ତି ସେମାନେ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣନ୍ତୁ ଏବଂ ଜନତାଙ୍କ ସେବା କରି ଜନପ୍ରିୟ ହେବାକୁ ଚେଷ୍ଟା କରିବା ଦରକାର।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜୀବନ ରଥ : ଶ୍ରୀଜଗନ୍ନାଥ



ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ - ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି।

ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀବଳରାମ ଥିଲେ ଜଣେ ବଡ଼ କୃଷିବିଜ୍ଞାନୀ, କୃଷିକାର୍ଯ୍ୟ ସମ୍ବନ୍ଧରେ ତତ୍କାଳୀନ ଜଣେ ଅଭିଜ୍ଞ ବ୍ୟକ୍ତି। ତେଣୁ ଏହି ବିଶେଷ ଗୁଣର ପ୍ରତୀକ ହିସାବରେ ଶ୍ରୀବଳରାମଙ୍କର ସ୍କନ୍ଧରେ ଆମେ ହଳ ଦେଖିବାକୁ ପାଉ। ପ୍ରଚଳିତ ଏକ କଥା ଅଛି - ଯିଏ ମୋତେ କରେ ଆଶ, ମୁଁ ତାର କରେ ସର୍ବନାଶ। ଦୟାଲ ଶ୍ରୀ ଶ୍ରୀ ଠାକୁର ଏହି ମତବାଦକୁ ସମର୍ଥନ କରିନାହାନ୍ତି। ପ୍ରଭୁ ଏହି ପଦ୍ୟକୁ ପରିବର୍ତ୍ତନ କରି କହିଛନ୍ତି - ଯିଏ ମୋତେ କରେ ଆଶ, ମୁଁ ତାର କାଟେ ବୃତ୍ତିଫାଶ। ଅର୍ଥାତ୍ ଗୁରୁଗତ ପ୍ରାଣ ହୋଇ ଚାଲିଲେ ମନୁଷ୍ୟ ବୃତ୍ତି ବନ୍ଧନରୁ ମୁକ୍ତ ହୁଏ। ଆଉ ପ୍ରବୃତ୍ତି ବନ୍ଧନରୁ ମୁକ୍ତି ହିଁ ପ୍ରକୃତ ସୁଖ ଓ ଚରମ ଆନନ୍ଦ। ବହୁକାଳରୁ ପ୍ରଚଳିତ ଏହି ଭାବନାର ସ୍ରୋତକୁ ଏକାଥରେ ବିଶେଷ ଦିଗ୍‌ଦର୍ଶନ ଦେଲେ କଳକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ସହପ୍ରତିରକ୍ଷିକ ଓ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ଲୋକଙ୍କ ଭାଷାରେ ଲୋକଙ୍କୁ ନ୍ୟାୟ



ଗଜାନନ ମିଶ୍ର

ଲୋକତନ୍ତ୍ର ଶାସନରେ ସ୍ୱମାଟିର ଲୋକଭାଷା ବ୍ୟବହାର ନ ହୋଇ ଅନ୍ୟ ଭାଷା ବ୍ୟବହାର ହେବା ଅକ୍ଷମଣୀୟ ଅପରାଧ। କେବେହେଲେ ବିଚାରବିଭାଗ ଏମିତି ଲୋକବିରୋଧରେ ଯାଇ ଅବିଚାର କରି ପାରିବ ନାହିଁ। ଲୋକଙ୍କ ଟିକସ ଟଙ୍କା ଖର୍ଚ୍ଚ ହେଉଛି ସବୁ। ସମ୍ବିଧାନ ଅଛି, ଭାଷା ଆଇନ ଅଛି। ବିଚାରବିଭାଗ ଆଇନର ସମ୍ବିଧାନ ବିରୁଦ୍ଧାଚରଣ କରି ପାରିବ କି? କାହିଁକି ଏ ଯାଏ ଲୋକଙ୍କ ଭାଷାରେ କାର୍ଯ୍ୟଧାରା ଚାଲୁ ନାହିଁ, କଣ ଲେଖାଯାଉଛି ମାମଲାରେ, ରାୟରେ ଲୋକେ ସିଧାସଳଖ ଜାଣି ପାରୁ ନାହାନ୍ତି। ବିଚାରପତିଗଣ ସ୍ୱକ୍ଷମତା ବଳରେ ଲୋକ ସ୍ୱାର୍ଥକୁ ନ ଜଗି, ଅଣଦେଖା କରୁଛନ୍ତି କିଆ? କାହିଁକି ଆଇନ ପାଠ ପଢାଯାଉ ନି ଲୋକଙ୍କ ଭାଷାରେ। ଲୋକଙ୍କ ଭୋଟବଳରେ କିନ୍ତୁ ଶାସନଗାଦି ମାଡି ବସୁଛନ୍ତି ଲୋକପ୍ରତିନିଧିଗଣ। ଲୋକ ସଚେତନତା ବୃଦ୍ଧି ପାଇବ ଆଉ କେବେ? ଆମ ଓଡିଶାରେ ଭାଷା ଆଇନକୁ ସଂଶୋଧନ କରାଯାଇସାରିଛି। ଦଂଡବିଧାନ ରଖାଯାଇଛି, ଯଦିଓ ନିର୍ଦ୍ଦିଷ୍ଟ ଭାବରେ ସେମିତି କିଛି ସ୍ପଷ୍ଟ କରାଯାଇ ନାହିଁ। ନିୟମ ତିଆରିହେଲେ ଜଣାପଡିଯିବ। ଆମ ମାଟିରେ ଆମକୁ ଲଢିବାକୁ ହେଉଛି ନିଜ ମାତୃଭାଷାର ବ୍ୟବହାର ପାଇଁ। ଧନ୍ୟ! କଥାରେ ଅଛି ମାତାର ପୁଣ୍ୟ ଫଳରୁ ସନ୍ତାନଗଣ ସୁଶୀଳ ହୁଅନ୍ତି, ପିତାର ପୁଣ୍ୟ ଫଳରୁ ଚତୁର ହୁଅନ୍ତି, ବଂଶର ପୁଣ୍ୟରୁ ଉଦାର ହୁଅନ୍ତି, ଆଉ ନିଜର ପୁଣ୍ୟ ଥିଲେ ଭାଗ୍ୟବାନ ହୁଅନ୍ତି। ଏଣୁ ସୁଭାଗ୍ୟ ପାଇଁ ସଦ୍ କାର୍ଯ୍ୟ ନିହାତି ଆବଶ୍ୟକ। ଆମର ସତ୍ କାର୍ଯ୍ୟ ଆମରି ଭାଷାରେ ନିର୍ମଳ ହୃଦୟରେ ସମସ୍ତଙ୍କ ମଙ୍ଗଳ ନିମନ୍ତେ କରାଯିବା ଆବଶ୍ୟକ। ନିଃସନ୍ଦେହ ସମଗ୍ର ବିଶ୍ୱରେ ଭାରତ ଭଳି ଦେଶ ନାହିଁ। ଭାରତର ଭାଷା ସଂସ୍କୃତି ପରଂପରା ବିଶ୍ୱକୁ ନୂତନ ଆଲୁଅ ପ୍ରଦାନ କରେ ଯୁଗ ଯୁଗରୁ ଏହା ଚାଲିଆସୁଛି। କିନ୍ତୁ ନିଜ ମାଟିର ଗନ୍ଧ ଛାଡି ଆମେ ପରମାଟି ପର ଭାଷା ଆଡକୁ ଧାଇଁଲେ ନିଜର ସର୍ବସ୍ୱ ଯିବ ଇ ଯିବ। ନିଜ ଭାଷାରେ ଶିକ୍ଷାଦାନ ହେଲେ ପିଲାଏ ଯେତେ ଶୀଘ୍ର ଜାଣିପାରିବେ ବୁଝିପାରିବେ ଅନ୍ୟ ଭାଷାରେ ତାହା ସମ୍ଭବ ନୁହେଁ । ପାଣି ପଝରିଲେ ସରେ ନା. କିନ୍ତୁ ଟାଙ୍କିରେ ବାହାରୁ ପାଣି ଆଣି ଭରିଲେ ତାହା ଶୁଖିଯିବ ନଚେତ୍ ମଇଳା ହୋଇ ଗନ୍ଧ ହେବ। ଭଲମନ୍ଦ ଗୁଣଅବିଗୁଣ ସମସ୍ତେ ସବୁ ନ ଜାଣନ୍ତି ନୁହେଁ। କିନ୍ତୁ ଜାଣି ଅଜଣା ହେଲେ ସେଥିକୁ କଣ ଉପାୟ ଅଛି? ନିଜ ଭାଷା ନିଜ ପାଇଁ ଅମୃତ, ଏହା ଜାଣି ସର୍ବତ୍ର ସବୁବେଳେ ବ୍ୟବହାର କରିବା ନିହାତି ଆବଶ୍ୟକ। ଖବର ଅନୁସାରେ ନୈନିତାଲ , ବିଲାସପୁର, ଉଚ୍ଚ ନ୍ୟାୟାଳୟରେ, ହିନ୍ଦିରେ ସବୁ କାର୍ଯ୍ୟ ହେବା ସହ ରାୟ ମିଳିବା ଆରମ୍ଭ ହେଲାଣି । କିନ୍ତୁ ଓଡିଶାରେ ତଳ ଅଦାଲତରେ ବି ଓଡିଆରେ ହୋଇପାରୁ ନି। ଏମିତି ହେଲେ ଓଡିଶାଗଠନର ସ୍ୱପ୍ନ ଭାଂଗି ଯାଉଛି। ଓଡିଆ ଭାଷାରେ ଅଦାଲତି କାମ ପାଇଁ ଆମେ ୨୦୦୫ରୁ ଲଗାତାର ଲାଗିଛୁଁ। ତଥାପି ଏ ଯାଏ ଓଡିଆରେ ଆଇନ ପାଠ ପଢାଯାଇ ନି କି ଅଦାଲତରେ କାମ ଓଡିଆରେ ହୋଇ ପାରୁ ନାହିଁ। ଅରଣ୍ୟ ରୋଦନ ସବୁ ଆମର। ଓଡିଆ ଅସ୍ତିତ୍ୱ ରକ୍ଷା ପାଇଁ ଆମେ ଆମରଣ ଅନଶନ ବି କରିସାରିଛୁଁ, ମରି ନୁ ଯଦିଓ। ସରକାର ଆଇନ ସଂଶୋଧନ କରି ଚୁପ୍। ଲୋକେ ନୀରବ। ନିଜ ନିଜ ଭିତରେ ଅଶାନ୍ତି ବଢିଛି ଯାହା। ଫଳାଫଳ କିଛି ନାହିଁ । ଭାଷା ପାଇଁ ଯେତେ ପୁରସ୍କାର ଉପାଧି ସବୁ ବେକାର ଯଦି ଭାଷାର ପ୍ରୟୋଗ ନ ହେଲା କୋଉଠି। ସୁତରାଂ ଯେଉଁମାନେ ଭାଷା ସହିତ ଜଡିତ, କବୀ ହୁଅନ୍ତୁ କି ଲେଖକ ସେମାନେ ସେହି ଭାଷା ସୁରକ୍ଷା ପାଇଁ ପ୍ରଥମେ ଧ୍ୟାନ ଦେବା ନିହାତି ଆବଶ୍ୟକ।

*ତପୋବନ ଟିଟିଲାଗଡ, ବଲାଙ୍ଗିର*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୧

"ଯୋଗୀର ଯେତେକ ସମ୍ପଦମାନ ଲୋ
କାଲି ଆଣିଦେବୁ ମୋତେ।
ରୁଦ୍ରାକ୍ଷର ମାଳା ଢାଉରଙ୍ଗ ପାଗ ଦେବୁ ତୁ
କାଲି ପ୍ରଭାତେ ॥"

ମାତାଙ୍କ ମୁଖରୁ ପ୍ରତିଜ୍ଞାବଦ୍ଧ ବାଣୀ ଶ୍ରବଣ କରି ଯୁବରାଜ ଗୋବିନ୍ଦଙ୍କ ହୃଦୟ ଧୀରେ ଧୀରେ ଜାଗି ଉଠିଲା! ସେ ମାତାଙ୍କ ଶୋକାତୁର ବଦନକୁ ଚାହିଁ ଦୀର୍ଘଶ୍ୱାସ ପକାଇଲେ। ଧୀର କଣ୍ଠରେ କହିଲେ-ହେ'ମାତା, ତୁମ୍ଭେ ରାଜକନ୍ୟା ହୋଇ ସୁଖର ଦୋଳିରେ ଝୁଲି ଝୁଲି ଜୀବନ ବିତାଇବା ପରିବର୍ତ୍ତେ ନିଦାଘ ଯନ୍ତ୍ରଣାରେ ଛଟପଟ ହୋଇ ଜୀବନ ବିତାଇଛ। ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ କଠୋର ତପସ୍ୟା,ପତିବ୍ରତ,ପୁତ୍ର ଆଶା ନେଇ ପ୍ରଗାଢ଼ ଭକ୍ତିବଳ ତୁମ୍ଭଙ୍କୁ ଅନନ୍ୟ ମାତୃଶକ୍ତିରେ ପରିଣତ କରିଛି। ତୁମ୍ଭ ଉଦାସ ଜୀବନର ଧୈର୍ଯ୍ୟମୟ ବିଜୟ ପତାକା ଦେଖିଲେ ଯେ କେହି ମଥାନତ କରିବ। ହେଲେ ମାତ,ସବୁସତ୍ତ୍ୱେ ଯୋଗୀ ହେବା କଥା ଶୁଣିଲେ ବଡ଼ ଡର ଲାଗୁଛି। ଯୋଗୀମାନେ ବଡ଼ କଷ୍ଟଦାୟକ ପଥକୁ ଆପଣେଇଥାନ୍ତି। ଖରା,ବର୍ଷା,ଶୀତ ସବୁ ଋତୁକୁ ଏକାକାର କରି ଗାଁ ଦାଣ୍ଡରେ ବୁଲନ୍ତି। ପେଟ ଚାଖଣ୍ଡକ ପାଇଁ ଦୁଆରେ ଦୁଆରେ ଭିକ ମାଗନ୍ତି। ଲୋକଲୋଚନରେ ନିନ୍ଦିତ ଅପମାନିତ ହୋଇ ବେସାହାରା ଜୀବନ ଆଦରି ନିଅନ୍ତି! ତୁମ୍ଭ ଅଲୀଅଳ ରାଜକୁମାର ଜାଣି ଶୁଣି ସେ ବିପତ୍ତି ଭିତରକୁ ପଶିବ କେମନ୍ତେ ବୁଝାଇ ଦିଅ। ପ୍ରଜା,ପତ୍ନୀଗଣ, ସଖା ସହୋଦର କହିବେ କ'ଣ? ଶକ୍ତିହୀନ ରାଜା ରଜ୍ୟଛାଡ଼ି ଚାଲିଯିବାର ଦୃଷ୍ଟାନ୍ତ ବଖାଣିବେ। ଯେଝାମତେ ଯିଏ ଟୀକା ଟିପ୍ପଣୀମାନ ଦେବେ। ତୁମ୍ଭ ଦୁଃଖରୁ ମୋ ଦୁଃଖ ବଳେଇଯିବ। ହେ'ମାତା, ରାଜସିଂହାସନରେ ଥାଇ ମୃତ୍ୟୁବରଣ କରିବି ପଛେ ଲାଉତୁମ୍ବରେ ଭକ୍ଷଣ କରି ଯୋଗୀଜୀବନ ବିତାଇ ପାରିବି ନାହିଁ।

ପୁତ୍ରର ରୋକଠୋକ୍ ବଚନ ଶୁଣି ମୁକ୍ତା ଦେଈ ମଥାରେ ହାତ ପିଟିଲେ। କହିଲେ-ହେ'ପୁତ୍ର,ଅଧମପଣରେ ଯାହାକୁ ତୁ ଲାଉତୁମ୍ବ କହୁଛୁ ସେ ଲାଉତୁମ୍ବ ନୁହଁରେ,ଶିବଥାଳ! ସାକ୍ଷାତ ଈଶ୍ୱରଙ୍କ କୃପାର ପାତ୍ର! ସର୍ବସ୍ୱତ୍ୟାଗର ପ୍ରତୀକ ପରମଯୋଗୀ ସଦାଶିବ ସେଇ ଥାଳରେ କାଳ କାଳ ଧରି ଭକ୍ଷଣ କରି ଆସୁଛନ୍ତି। ସେଇ ତୁମ୍ବରେ ଅନ୍ନଭୋଜନ କଲେ ମହାଯୋଗୀ ଶିବ ସନ୍ତୋଷ ହୋଇ ତୋର କଲ୍ୟାଣ କରିବେ। ତାଙ୍କ କରୁଣାର ବିନ୍ଦୁ ଲାଉତୁମ୍ବକୁ ପରିହାସ କର ନାହିଁ। ସେଇ ତୁମ୍ବ ସଭିଙ୍କୁ ଅମରତ୍ୱର ପଥ ପ୍ରଦର୍ଶନ କରି ଆସିଛି। ଅନ୍ୟପକ୍ଷରେ ଭ୍ରମିତ ସାମାଜିକ ପ୍ରଥା ଯୋଗୀର ଜୀବନକୁ କଦର୍ଥ ଭାବରେ ବିଚାର କରିଛି। ଭଗବତ କୃପା ଲାଭ ନିମନ୍ତେ ସଂସାର ତ୍ୟାଗୀ ମନୁଷ୍ୟ ବେସାହାରା ନୁହେଁ। ଯୋଗୀ ଅନନ୍ତକାଳ ବକ୍ଷରେ ବିଚରଣ କରିପାରେ! ସାଗରର ଅଥଳ ଜଳ ଉପରେ ଚାଲିପାରେ,ଆକାଶରେ ପହଁରି ପାରେ! ବଳବନ୍ତକୁ ଅକ୍ଲେଶରେ ଯୁଦ୍ଧରେ ହରାଇ ପାରେ! ଅଜାଣତରେ ଯୋଗ ଜୀବନକୁ ହାସ୍ୟାସ୍ପଦ ମଣ ନାହିଁ ପୁତ୍ର। ଭୁବନାନନ୍ଦଙ୍କ ଜୀବ ପରମ ରହସ୍ୟ ଭେଦ କରି ମା'ର ଇଚ୍ଛା ପୂରଣ କଲେ ସବୁ ସମସ୍ୟାର ସମାଧାନ ହୋଇଯିବ।

ମାତାଙ୍କର ଅଶ୍ରୁଳ ନୟନ ଓ ମଙ୍ଗଳମୟ ବଚନ ଶ୍ରବଣ କରି ଗୋବିନ୍ଦଙ୍କ ଚକ୍ଷୁରୁ ଅଶ୍ରୁ ବହି ପଡ଼ିଲା। ସେ କରଯୋଡ଼ି ଧୀର କଣ୍ଠରେ କହିଲେ-ହେ'ମାତା,ମରଣ ମୁହଁରୁ ରକ୍ଷା କରିବା ନିମନ୍ତେ ତୁମ୍ଭେ ଯେଉଁ ପଥ ପ୍ରଦର୍ଶନ କରୁଛ,ସେଇ ପଥରେ ଯିବା ପାଇଁ ମୁଁ ଏବେ ପ୍ରସ୍ତୁତ। ସନ୍ତାପରୁ ମୁକ୍ତି ପାଇଁ ତୁମ୍ଭର ଶେଷଇଚ୍ଛା ପୂରଣ କରିବାକୁ ପ୍ରତିଜ୍ଞାବଦ୍ଧ। କାଲି ପ୍ରଭାତରୁ ରୁଦ୍ରାକ୍ଷର ମାଳ,ଢାଉରଙ୍ଗ ପାଗ,କର୍ଣ୍ଣର କୁଣ୍ଡଳ,ଲାଉତୁମ୍ବ,ମୃଗଛାଲ ଆଦି ଯାହା ସବୁ ଯୋଗୀର ସମ୍ପଦମାନ ଅଛି ଆଣି ଦେବ। କାଲିଠାରୁ ଯୋଗୀବେଶରେ ଅନ୍ୟରାଜ୍ୟକୁ ଯାଇ ଭିକ୍ଷାନ୍ନରେ କାଳଯାପନ କରିବି। ପ୍ରାତଃରୁ ଶୟନରୁ ଉଠି ଭୋଜନ,ନିତ୍ୟକର୍ମ ସାରି ଗ୍ରାମେ ଗ୍ରାମେ ବୁଲିବି। ସନ୍ଧ୍ୟା ଆସନ୍ତେ ନିର୍ଜନସ୍ଥାନରେ ବ୍ରହ୍ମମୟ ଶ୍ରୀହରିଙ୍କ ପୟରରେ ଧ୍ୟାନ ଲଗାଇ ଭଜନ କରିବି। ପୁତ୍ରର ଏପରି ଅସ୍ଥିର ବଚନ ଶ୍ରବଣ କରି ମୁକ୍ତାଦେଈ କହିଲେ,ହେ'ପୁତ୍ର,ତୁ ଯାହା କହୁଛୁ ତାହା ଯୋଗ ନୁହେଁ କି ଯୋଗୀ ମଧ୍ୟ ନୁହେଁ। ଯୋଗୀର ଜୀବନ ଅତ୍ୟନ୍ତ ଆନନ୍ଦମୟ,ରହସ୍ୟମୟ! କାୟାରୁ ମାୟା ତୁଟିଗଲେ ଏ ସବୁ ସାଜସରଞ୍ଜାମର ଆବଶ୍ୟକ ପଡ଼େ ନାହିଁ। ସ୍ୱତନ୍ତ୍ର ବସ୍ତ୍ର,ଆସନ,ଭୋଜନ,ରୁଦ୍ରାକ୍ଷ,ଏ ସବୁ ସାଂସାରିକ ବସ୍ତୁ ଅଲୋଡ଼ା ହୋଇପଡ଼େ । ଯୋଗର ପ୍ରଥମ ଆବଶ୍ୟକତା ଯଥାର୍ଥ ଗୁରୁ। ଗୁରୁପାଦ ସେବା ବିନୁ ଯୋଗକର୍ମ, ଯୋଗପଥ ସବୁ ଅଧୁରା ରହିଯାଏ। ଗୁରୁ ସେବା କଲେ ସେ ବତାଇ ଦେବେ ଯୋଗର ଗହନ କଥା। ଗୁରୁ ନ ଥାଇ ଏକଇ ଜନ୍ମରେ ତତ୍ତ୍ୱଜ୍ଞାନ କାହୁଁ ପାଇବୁ। ମୋକ୍ଷଦାତା ପରଂବ୍ରହ୍ମଙ୍କ ନିବାସ କେଉଁଠି,କେଉଁ ଧାରାରେ ଗତି କଲେ ଶ୍ରୀନିବାସଙ୍କ ଭୁବନରେ ସହଜରେ ପ୍ରବେଶ କରି ହେବ,ତାହାର ସୂକ୍ଷ୍ମ ଭେଦ କେବଳ ଗୁରୁ କହି ପାରିବେ। ପୁରାତନ ମତବାଦ,ଶାସ୍ତ୍ରୀୟ ବଚନ, ତର୍କ,ବାଦାନୁବାଦ,ରୂପଭେକର ଊର୍ଦ୍ଧ୍ୱରେ ଯିଏ ଥାନ୍ତି ସେ ହିଁ ଗୁରୁ,ମହାନଯୋଗୀ! ବିକାରଶୂନ୍ୟ ପରମଯୋଗୀ ସଦାଶିବ କେବେ ଲଙ୍ଗଳା ତ ପୁଣି କେବେ ବ୍ୟାଘ୍ରଛାଲରେ ଶ୍ରୀଅଙ୍ଗକୁ ଆବୃତ୍ତ କରି ଯୋଗଧ୍ୟାନରେ ବସିଥାନ୍ତି। ମହାନ କାରୁଣିକ ଯୋଗେଶ୍ୱର ଶ୍ରୀହରି ରତ୍ନପଲଙ୍କ ଛାଡ଼ି ସିନ୍ଧୁଜଳର ସର୍ପକୋଳରେ ଯୋଗନିଦ୍ରାରେ ଅବସ୍ଥାନ କରନ୍ତି। ଏବେ ତୋତେ ସେହି ପଥ ଅନୁସରଣ କରିବାକୁ ହେବ। ଅହଂ ତ୍ୟାଗ ପୂର୍ବକ ନିମିତ୍ତପଣରେ କାଳରୂପୀ ନାରାୟଣଙ୍କ ସେବାରେ ବଞ୍ଚିବାକୁ ପଡ଼ିବ। ମାତା ଗର୍ଭଧାରୀଙ୍କ ହସ୍ତରୁ ପ୍ରଥମ ଭିକ୍ଷା ଗ୍ରହଣ କରିବା ପରେ ତୋରି ରାଜ୍ୟର ପ୍ରଜାମାନଙ୍କ ଦ୍ୱାରରେ ଦଣ୍ଡାୟମାନ ହୋଇ 'ଭିକ୍ଷାଂଦେହି' ବାକ୍ୟ ଉଚ୍ଚାରଣ କରିବାକୁ ପଡ଼ିବ। ଜଗତ୍‌ଗୁରୁ ଶ୍ରୀକୃଷ୍ଣଙ୍କୁ ନିତ୍ୟ ସ୍ମରଣ କରି ଦେହଧାରୀ ଗୁରୁଙ୍କ ଶ୍ରୀଚରଣରେ ଶରଣ ନେବାକୁ ପଡ଼ିବ। ହେ'ଗୋବିନ୍ଦ, ଗୁରୁ ଆଜ୍ଞା ମାନି ଅମରତ୍ୱ ସନ୍ଧାନରେ କାଲିଠାରୁ ଆରମ୍ଭ ହେଉ ତୋର ଶୁଭଯାତ୍ରା! ହରି ଓଁ ତତ୍‌ସତ।

*ଦୂରଭାଷ-୯୬୬୮୬୩୧୨୫୭*

ଉପନ୍ୟାସ

# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା



ଭାଗ-୩୯

**କି**ନ୍ତୁ ପାରୋ ତ ସେମିତିକା ପିଲା ନୁହେଁ! ଲାଗେ ସେ ଏକ ସୁନ୍ଦର ବଗିଚା। କିନ୍ତୁ ତାକୁ ସେ ନିଜେ କଂଟା ବାଡରେ ଆବଦ୍ଧ କରି ରଖିଛି। ସେଠାକୁ ଯାଇ ଫୁଲ ତୋଳିବା ତ ରାବଣଠାରୁ ସୀତାଙ୍କୁ ପାଇବାର ଯୁଦ୍ଧ ପରି ହେବ! ବେଳେବେଳେ ନିଜେ ପାରୋ କଣ କଂଟାଠୁ ବି କମ୍ କି? ହେଲେ ଗୋଲାପରେ ବି ତ କଂଟା ଥାଏ ନା? ହେଲେ କଂଟା ତ ଫୁଲର ଦେହରକ୍ଷୀ।

ସେଦିନ ସଂକ୍ରାନ୍ତିରେ ମନ୍ଦିରରେ ତା ସହିତ ଭେଟ ହୋଇଥିଲା। ତରବରରେ ସେ ପାହାଚରୁ ଖପ୍ ଖପ୍ କରି ଡେଉଁଲା ବେଳେ ସେଇ ଚୁଲବୁଲି ଝିଅଟା ପରି ଲାଗୁଥିଲା। କୌଣସି ବାଧା କି ବନ୍ଧନ ନାହିଁ..ମୁକୁଳା ହରିଣୀଟେ ସତେ ଅବା! ହୃଷି ତାକୁ ଧରିପକାଇ କହିଲା–ଏଇ,ପଡିଯିବୁ। ଦେଖିକି ଓହ୍ଲା।

କାଇଁ ମୁଁ ପଡିଗଲେ ତୋର କଣ ଗଲା? ତୁ ଏମିତି ଅଭଦ୍ରଙ୍କ ଭଳି ମୋତେ ଧରିଲୁ କାଇଁକି? ରାଗରେ ତା ଆଖି ଦୁଇଟା ଜଳିଉଠିଲା ଯେମିତି! ଏଇ ସାଙ୍ଗେ ସାଙ୍ଗେ ଶାନ୍ତ ନଈଟା ହଠାତ୍ ଉଗ୍ର ରୂପ ଧରି ମାଡିଆସୁଛି ତାକୁ ନିଃଶେଷ କରିବାକୁ!

ଆରେ ଏତେ ରାଗୁଛି କାହିଁକି? ତଳ ପାହାଚରେ କାହାର ଘିଅ ବୋତଲ ପଡି ଯାଙ୍ଗି ଯାଇଛି!..କେଇଜଣ ଲୋକ ପାହାଚରେ ପଡିଛନ୍ତି ତୋ ଆଗରୁ। ଆଉ ତ ଜଣକ ଗୋଡରେ କାଚ ପଶି ପାହାଚ ସାରା ରକ୍ତ ଜୁଡୁବୁଡୁ। ପାରୋ ଚାହିଁଲା ତଳକୁ,ସତେ ତ ସେ ଏବେ ଯେଉଁଠି ପାଦ ପକାଇଥାନ୍ତା ସେଠି କାଚ କେଇ ଖଣ୍ଡ ପଡିଛି,ହୃଷି ନ ବଂଚାଇଥିଲେ ଆଜି ନିଶ୍ଚେ ଗୋଡ ଖଣ୍ଡିଆ ହୋଇଥାନ୍ତା ଆଉ ମନ୍ଦିରକୁ ତା ବାପା କେବେ ବି ଛାଡିନଥାନ୍ତା। ତାକୁ ତ ଧନ୍ୟବାଦ ଦେବା କଥା। ହେଲେ ସେ ଏତେ ଯୋରରେ ରାଗିଗଲା କାହିଁକି ଯେ! ଆଜିକାଲି ସେ ବି..କଣ କଣ ସବୁ ଭାବୁଛି କେଜାଣି!

ହଉ ହେଲା..ସରି। ନଜାଣି କି ତୋ ଉପରେ କେତେ ରାଗିଲି ଆଉ କଣ କଣ ସବୁ କହିଗଲି। କିଛି ଭାବିବୁନି। ହଉ ଭୋଗ ନେ'। କହି ତା ହାତକୁ ବଢାଇଦେଲା ନଡିଆ ଫଡାଏ ଓ ବେଲପତ୍ର। ହୃଷି ବି କୃତ୍ୟ କୃତ୍ୟ ହୋଇ ପରମ ଆନନ୍ଦରେ ତା ହାତରୁ ଭୋଗ ଗ୍ରହଣ କଲା। ମନଟା ନାଚି ଉଠୁଥିଲା ଅଫୁରନ୍ତ ଆବେଗରେ। ପାରୋ ତ କେବେ କଥା ବି ହୁଏନି। ଆଜି ବୋଧେ ଶଙ୍କର ଭଗବାନ୍ ସେ ସୁଯୋଗ ଦେଇଦେଲେ। କାହିଁକି ତା ପ୍ରତି ଏତେ ଦୁର୍ବଳତା ସୃଷ୍ଟି ହୋଇଛି କେଜାଣି! ତାକୁ ଟିକେ ନଦେଖିଲେ ମନ ବି ବୁଝୁନି! ଅପଲକ ନୟନରେ ସେ ତାକୁ ସେମିତି ଦେଖୁଥିଲା ଆଉ ଖୁବ୍ ସଂଯତ ହୋଇ ପାରୋ ଚାଲିଯାଇଥିଲା ତା ଘରକୁ। ହୃଷି ଭାବୁଥିଲା–ପ୍ରଭୁ ଭୋଲେନାଥ ତା ଡାକ ଶୁଣନ୍ତେ କି? ତା ଅଗଣାକୁ ପାରୋର ଚୁଡି ଓ ପାଉଁଜିରେ ସ୍ୱରାଚ୍ଛନ୍ନ କରାନ୍ତେ କି..!

କେଜାଣି ଖୁସିରେ କେତେ କଣ ମନାସିଲା ସେଦିନ ହୃଷି। ଆଉ ଚାହିଁ ରହିଲା.. କାଳେ ଶିବଲିଙ୍ଗଙ୍କଠାରୁ ବେଲପତ୍ରଟେ ଖସିବ ବୋଲି! ଆଣ୍ଠେଇ ପଡି ଖୁବ୍ ବିକଳ ମୁଦ୍ରାରେ ସେ ସେମିତି ଚାହିଁଥାଏ..ଦର୍ଶନାର୍ଥୀ ଆସୁଥାନ୍ତି। ମେଂଚାଏ ବେଲପତ୍ର ଚଢୁଥାଏ ଠାକୁରଙ୍କ ଉପରେ। ଅସଂଖ୍ୟ ବେଲପତ୍ର ଗଦା ହୋଇ ହୋଇ ଖସିପଡେ ପୁଣି ନୂଆ ଫୁଲ ପତ୍ର ଲାଗିହେଲେ। ହୃଷି ଖୁସି ହୋଇଯାଏ ଯେ ହେଇ ତ ଫୁଲ ଖସିଲା ଠାକୁରଙ୍କ ମସ୍ତକରୁ। ତା ମାନସିକ ନିଶ୍ଚୟ ପୂର୍ଣ୍ଣ ହେବ।

ପାରୋ ତା ଅଗଣାର ଚଉରାମୂଳେ ମଥାରେ ଓଢଣି ଦେଇ ତା ନାଁରେ ସଞ୍ଜବତୀ ତ ନିଶ୍ଚୟ ଜଳାଇବ। ସକାଳ ହେଉହେଉ ତା ଓଦା ଚୁଟିର ଥପ୍ ଥପ୍ ନିଗିଡୁଥିବା ପାଣିରେ ସେ ନିଦ ଭାଙ୍ଗି ନିରେଖି ଚାହିଁବ। ପାରୋ ଦେବୀଟେ ପରି ସୁନ୍ଦରୀ ଲାଗୁଥିବ। ପଦ୍ମ ପରି ଉଜ୍ଜଳ ଆଭାରେ ଝଲସି ଉଠୁଥିବ। ସେ ହୃଷିର ମଥା ସାଉଁଳେଇ ଦେଇ ଚା' ବଢାଇବ ତା ହାତକୁ। ଆଉ ହୃଷି ଚା କପ୍ ବଦଳରେ ତା ହାତକୁ ଧରିପକାଇବ। ସକାଳଟାରୁ ହିଁ ଦୁଷ୍ଟାମୀ ଆରଂଭ କରିଦେଇଥିବ ସେ ପାରୋ ସହ।

ପାରୋ ମୁହଁ ଲାଜରେ ଆହୁରି ରମଣୀୟ ଦିଶୁଥିବ। ତା ଆଖି ଯୋଡିକ ନଇଁ ଯାଇଥିବ ଲାଜର ଭାରାରେ। ଦିନର କାମସାରି ତା ପାଇଁ ଚାହିଁବସିବ ସେ ଅଖିଆ ଅପିଆ। ଗାଡି ହର୍ଣ୍ଣ ଦେଲା ମାତ୍ରେ ହରିଣୀଟେ ପରି ଧାଇଁଯିବ ସେ ଗେଟ୍ ଆଡକୁ। ଉଦବିଗ୍ନ ହୋଇ ସେ ଖୋଲିଦେବ କବାଟ। ତା ସିନ୍ଥିରେ ହୃଷି ନାଁର ସିନ୍ଦୂର,ହାତରେ ତା ନାଁର ଚୂଡି ଶୋଭାପାଉଥିବ! ତା ଶରୀରରେ ହୃଷିର ଅଂଶ ସ୍ଥାପନା ହୋଇସାରିଥିବ ଯିଏ ଭବିଷ୍ୟତର ଉତରାଧିକାରୀ ଭାବେ ସ୍ୱୀକୃତି ପାଇବ।

ଖୁସି ଓ ଆବେଗରେ ଅଧିର ହୋଇପଡିଲା ସେ ଅନେକ ସମୟ। ଏତେ ସ୍ୱପ୍ନ ନେଇ ,ଖୁସି ମନାସି ,ହସହସ ମୁହଁରେ ବେଢା ପରିକ୍ରମା କଲା ସେ। ପ୍ରକୃତରେ ତା ମାନସିକ ପୂର୍ଣ୍ଣ କରିବାକୁ କି ନନାଙ୍କ ହାତବାଜି ବେଲପତ୍ର ଝରିଥିଲା ମହାଦେବଙ୍କ ଲିଙ୍ଗ ଉପରୁ, ତା ସେ ଜାଣିବାକୁ ଚାହୁଁନଥିଲା। ଅବୋଧ ଶିଶୁର ଖୁସି ନେସି ହୋଇଯାଇଥିଲା ହୃଷି ମୁହଁରେ। ସେ ସନ୍ତୁଷ୍ଟିକୁ ହୃଦୟରେ ଥାପି ସେମିତି ଛିଡାହୋଇଥିଲା ପାଷାଣ ମୂର୍ତିଟିଏ ପରି କୋଉ ଗୋଟେ ଠାକୁରଙ୍କ ମୂର୍ତି ପାଖରେ!

ଭୋଗ ଦେବାବେଳେ ଅଜାଣତରେ ପାରୋ ହାତ ତା ହାତ ପାପୁଲିର ଯୋଉ ଯାଗାକୁ ସ୍ପର୍ଶ କରିଥିଲା,ସେ ସ୍ପର୍ଶ ଏବେଯାଏଁ ବି ଜୀବିତ ଅଛି। ସେତେବେଳେ ଦେହରେ ସଂଚରିଯାଇଥିବା ଗୋଟେ ଶୀହରଣ..ଯାହା ଆଜିଯାଏଁ କେବେ ବି ଅନୁଭବିନଥିଲା,ଏବେଯାଏଁ ବି ତାର ରାଜୁତି ମନ ଓ ଶରୀରରେ। ସେବେଠାରୁ ଶୟନେ ସ୍ୱପନେ ଓ ଜାଗରଣେ ଖାଲି ପାରୋ ପାରୋ ଆଉ ପାରୋ..! ଓଃ..ପ୍ରେମ କଣ ଏମିତି ଏକ ଅନ୍ଧ ନିଶା ମନକୁ ଉଚ୍ଚାଟିତ କରୁଥାଏ ଅହରହ। କିଛି ବି ରଚେନି ପାଟିକୁ,କିଛି ବି ଭଲଲାଗେନି ଆଖିକୁ..ନିଦ ତ ପାଖ ପଶେନି..ଘଂଟାର ସେକେଣ୍ଡ କଂଟା ପରି ଅବିରତ ଟିକ୍ ଟିକ୍ କରୁଥାଏ ମନ। ଅବୁଝା ହୋଇ ଧାଉଁଥାଏ ସଦ୍ୟଜାତ ଛେଳିଛୁଆଟେ ପରି! ପୁଣି ଅସାମର୍ଥ୍ୟ ଗୋଟାଇ ଥକିପଡେ। ଫେରିଆସେ ନିଜ ଭିତରକୁ।

ନିଜ ଅପାରଗପଣିଆକୁ ଛାତିରେ ଜାକିଧରି ସେ ଉଣ୍ଡାଳେ ଟିକେ ସୋହାଗ..! ଛୋଟ ଏକ ବିସ୍ଫୋରଣ। ସେ ବିସ୍ଫୋରଣରେ ସେ ନିଜେ ପଛେ ଅସ୍ତିତ୍ୱ ହଜାଉ। ତା ଶରୀରର ପୁଳା ପୁଳା ମାଂସ ପଛେ ଛେଳିର କଟା ମାଂସ ପରି ଛିଟିକି ପଡୁ,କିନ୍ତୁ ପ୍ରେମିକାର ମୁହଁରେ ହସର କଢିଟିଏ ଫୁଟୁ। ତା ନାଁର ସିନ୍ଦୂର ସେ ସିନ୍ଥିରେ ପିନ୍ଧୁ। ଚିର ଇପସିତ ବସ୍ତୁଟେ ମିଳିଯିବା ପରେ ମୃତ୍ୟୁ ଆସିଲେ ବି ପରବାୟ ନାହିଁ! ସେଯାଏଁ ସେ ଅପେକ୍ଷା କରିବ ନିଶ୍ଚୟ। ସେ ମୁହୂର୍ତ ପଛେ ତା ମୃତ୍ୟୁ ପୂର୍ବର ହେଉ। ଆଖିରୁ ଲୁହ କେଇବୁନ୍ଦା ଖସିପଡିଲା..ମନ୍ଦିର ପାହାଚରେ,ଯେଉଁଠି ପାରୋ ଛିଡା ହୋଇ ତାକୁ ଭୋଗ ଦେଇଥିଲା।

ମନ କଣ ହେଲା କେଜାଣି ସେଇଠି ବସିପଡିଲା ସେ ଗୋଟେ ଆଚ୍ଛନ୍ନ ନିଶାରେ। ପ୍ରେମ ଏକ ଅନ୍ଧପ୍ରବଣତା..! ଫେରିବାର ବାଟ ବେଳେବେଳେ ଲିଭିସାରିଥାଏ। ମଣିଷ ସେତେବେଳେ ନା ମରିପାରେ ନା ଜୀଇଁପାରେ। ମଝିବାଟରେ ବସି ତଥାପି ସେ କୋଉ ଗୋଟେ ପ୍ରତୀକ୍ଷାରେ ଚେତନାହୀନ ପାଲଟିଯାଏ! କିଏ ଜାଣେ ତା ତପସ୍ୟାର ଅନ୍ତ କେବେ? ସେମିତି ବସି ଥିଲା ସେ ପାହାଚରେ ଯେଉଁଠି ପାଦ ଥାପିଥିଲା ପାରୋ। ଯେଉଁଠି କିଛି ସମୟ ପାଇଁ ସେ ଛିଡା ହୋଇ ତା ସହିତ କେଇଟା ଶବ୍ଦ ବିନିମୟ କରିଥିଲା। ହୃଷି ବିହ୍ୱଳତାରେ ସେ ପାହାଚକୁ ଚାହିଁଲା। ଧୀରେଧୀରେ ରୁକ୍ଷ ହାତର ସ୍ପର୍ଶ ଦେଲା ତା ଉପରେ।

ସତେ କି ମୁମୂର୍ଷୁ ମଣିଷକୁ ଚେନାଏ ବଂଚିବାର ଇଚ୍ଛା ବାଂଟି ଦେଉଛି! କୁନି ଅଝଟିଆ ପିଲାକୁ ଆସ୍ତେ କରି ଶୁଆଇ ଦେଉଛି! ତା ଭିତରେ ଏତେ କୋମଳତା ଥିଲା କୋଉଠି! ଲାଗୁଛି ଏଇ ତ ତାର ଗୋରା ଗୋରା ପାଦ ଦୁଇଟି.. ସେଥିରେ ପୁଣି ଛମ୍ ଛମ୍ କରୁଥିବା ପାଉଁଜି ହଳେ। ତା ଖାଲି ପାଦକୁ ତ ଆଜିକାଲି ସେ ସହ୍ୟ କରିପାରୁନି। କାଚ ଖଣ୍ଡ ପଡିଥିବା ଯାଗାରେ କେମିତି ଛାଡି ଦେଇଥାନ୍ତା ଯେ! ଇଚ୍ଛା ହେଉଥିଲା କହିବାକୁ

–ପାରୋ, ତୋ ପାଦକୁ ଏମିତି ଚଂଚଳ କରନା..କାଳେ ଖସିପଡିବୁ। ଖରାରେ ଏମିତି ବୁଲୁନା..ରଙ୍ଗରେ କାଳେ ମଳିନ ଦିଶିବୁ। ରାତିରେ ବାହାରକୁ ବାହାରେନି.. ଏ ଅନ୍ଧାରିଆ ରାତିର ବି ଗୋଟେ ନିଶା ଥାଏ। କାଳେ ତୋତେ ଜଡାଇନେବ ତା ଭିତରେ! ଆଖିକୁ ଅକ୍ତିଆରରେ ରଖିବୁ..କେହି କାଳେ ତୋତେ ଆକର୍ଷିତ କରିନେବ! ପାଣିରେ ଏମିତି ଗାଧୋଇବୁ..ଯେମିତି ସେ ତୋ ରଙ୍ଗ ନ ନିଏ। ତଥାପି ସେ ପାଣି ଉପରେ ମୋର ଖୁବ୍ ରାଗ ହୁଏ ସେ ତୋତେ ପୁରା ଭିଜାଇଥାଏ ବୋଲି! ଖୁବ୍ ଯତ୍ନରେ ମୁଣ୍ଡ କୁଣ୍ଡାଇବୁ ପାରୋ ତୋ କଳା ଭ୍ରମର କେଶରୁ ଗୋଟେ ଯେମିତି ତଳେ ନ ପଡେ। ତୋତେ କାଟିବ କାଳେ..। ବର୍ଷାରେ ଭିଜିବୁନି ଜମା..ସେ ଭାରି ଦୁଷ୍ଟ! କୋଉଠି ଯେ ଶରଣ ନେବ ସେ ତୁ ବି ଜାଣିପାରିବୁନି। ତୁ ଏମିତି ଥାଆ ଭଲରେ..ତୋତେ ଦେଖି ଦେଖି ମୁଁ ବଂଚିଯିବି। ତୋ ଭିତରେ ମୋ ପ୍ରାଣ ଅଛି। ତୁ ଯେମିତି ଚାହିଁବୁ ସେମିତି ରଖିବୁ। ମୋର ମନା ନାହିଁ କି ଆପତି ନାହିଁ। ତୋ ପାଖରେ କ୍ଷୟ ହେଲେ ବି ଯନ୍ତ୍ରଣା ହେବନି। କିନ୍ତୁ ତୋ ପାଖରେ ବୃଦ୍ଧି ପାଇଲେ ବଂଚିଯିବି ନିଶ୍ଚୟ..!

ଆଖିରୁ ପୋଛିଲା ଲୁହ। ହେମ ଆଇ ପଚାରିଲା–କିରେ ତୋ ମାଆ କେତେବେଳୁ ଖୋଜୁଛି ତୋତେ। ତୁ ଏଇଠି ବସିଛୁ ଖୁଣ୍ଟାଟା ପରି!

ନାଇଁ..ଏମିତି। ଭଲ ଲାଗୁଛି ଆଜି ମନ୍ଦିର।

ଚୋପାଟା ଭଲ ଲାଗୁଛି! ଭିତରେ ପାଦ ପକାଇ ହେଉନି ଭିତରେ। ଅସହ୍ୟ ଗରମରେ ଛିଡା ବି ହେବା ମୁସ୍କିଲ୍। ଆଉ ତୁ ବି ଏ ଖରାଟାରେ ପାହାଚରେ ବସି କଣଟା କରୁଛୁ? ଖିଆପିଆ ନାହିଁ ସୂର୍ଯ୍ୟ ଟିକେ ସମୟ ପରେ ମୁଣ୍ଡ ଉପରକୁ ଉଠିବେ। ତୋ ମାଆ ଖୋଜା ପକେଇଛି ତେଣେ ସତେ କି ତା କୁନି ପୁଅ ହଜିଯାଇଛି ଯାତ୍ରାରେ!

ଯାଉଛି ଆଇ..କେତେ ରାଗୁଛୁ ଯେ! (କ୍ରମଶଃ...)

# ତୁମ ହାତରେ ଥିବ ମୋ ହାତ, ବାସ୍!

ବଟକୃଷ୍ଣ ନାୟକ



**ମ**ନ କହୁଛି ଏଇ ମୁହୂର୍ତ୍ତରେ
ଫୁଙ୍ଗୁଳା ହେଇଯିବାକୁ, କିନ୍ତୁ ପାରିନୁ।
ସେଦିନ ହାଟରେ ମୋ ହାତ ଛାଡ଼ିଦେଇ ଗଲାବେଳେ
ଯାହାଖାଲି ଦେଇଥିଲ ସୁତୁରା ଲୁଗା ଖଣ୍ଡିଏ
ହେଲେ କେଉଁ ଅମ୍ଳାନ ଲେପ ଦେଇଥିଲ ଯେ
ହାଟର ଛିଟା ନ ଲାଗିବ?
ହେ ପତି ପରମେଶ୍ୱରଃ ତିନ୍ତିଗଲି ରଙ୍ଗ ଫୁଆରାରେ।
ଉଦାହରଣମାନେ ରଙ୍ଗ ବୁଣନ୍ତି ସ୍ୱପ୍ନ ସଜାନ୍ତି
ରଙ୍ଗର ସ୍ୱପ୍ନ, ସ୍ୱପ୍ନର ରଙ୍ଗ
ସେମାନଙ୍କ ତରଳ ହସ ଓ ମଧୁର ସଂଭାଷଣରେ
କି, ମୋହିନୀମନ୍ତ୍ରଥିଲା କେଜାଣି
ମୋ ମନ ଓ ହୃଦୟରେ କେଉଁ ଦମ୍ଭଥିଲା ଯେ
ତାକୁ ଆଡ଼କରିପାରନ୍ତି?
ଇନ୍ଦ୍ରଧନୁ ସାଉଁଟିଲା ମାଠିଆ ମାଠିଆ
ପ୍ରେମରେ ପାଗଳ ବିଲ୍ୱମଙ୍ଗଳ।
ସମାଧାନ ତା' ନିଜରାସ୍ତା ଖୋଜିଥାଏ
କୌପୀନ ହରେଇଥିବା ସନ୍ନ୍ୟାସୀ
ବିଲେଇ ପୋଷେ, ଗାଈ ରଖେ, ଚାଷରେ ମାତେ
ଶାଗ କିଆରୀରୁ ଘାସ ବାଛୁ ବାଛୁ
ପୋକ ଚରିଯାଏ ବାଇଗଣ, ଏମିତି କେତେ କଣ।



ଶାଗ ବାଇଗଣ ଭୁଲେଇଲା ନିଧି
ଭୁଲିଲି ତୁମକୁ ନିଜକୁ ଓ
ଯେତେସବୁ ପୁରୁଣା ଦିନର ସମ୍ପର୍କ ନିବିଡ଼
ଚୈତନ୍ୟ ହଜିଗଲା ହାଟରେ
ପଦ୍ମପତ୍ରକୁ ପାଣି ଜାବୁଡି ଧରିଲା।
ଏବେ ସବୁ ଖୁଣ୍ଟା ଥୁଣ୍ଟା ଅସନା ଉଷୁନା
ସତ୍ୟ ସବୁ ସ୍ୱପ୍ନ ଏଠି ସ୍ୱପ୍ନ ସବୁ ଅଳୀକ
ସମୟର ଇନ୍ଦ୍ରଜାଲ ସ୍ୱପ୍ନ ଓ ବାସ୍ତବ
ମେଲାଣି ମାଗିବସିଲାଣି ମଳୟ
ତଥାପି ପତଙ୍ଗ ମୁଁ ଅବୁଝା
ଧାଏ ହାଟର ନିଆଁରେ।
ହାଟର ଏ ବିରାଟ ରଙ୍ଗଶାଳା
ଏଠି ନାଚିବା ଗାଇବାକୁ ହୁଏ
ଏ'ପୁଣି କବିତା ଲେଖାଏ
ହାଟର କବିତା, ବାଟର କବିତା
ଲୁହ ହେଉକି ରକ୍ତର, ପୁଣ୍ୟ ହେଉ ଅବା ପ୍ରଣୟର
ଜୀବନ ଜୀଇଁବା ଭାଷାରେ
ରଙ୍ଗ ଆଉ ରଙ୍ଗର
କୀଚକ ବଧ ପରେ ପୁଣିଥରେ ଫେରିବାକୁ ହୁଏ ହସ୍ତିନା
ଏ କଥା କି ଅଜଣା ତୁମକୁ?
ପ୍ରୀତିଭରା, ରୂପ ରସ ରଙ୍ଗରେ ଭର୍ତ୍ତି
ଏ ହାଟତ ମାୟାର ମେନକା
ବିଶ୍ୱାମିତ୍ରଙ୍କୁ ବାନ୍ଧିରଖେ
ମୋର ବା କି ଦୋଷ
ବିବସ୍ତ୍ର ଳ ହେବ ପୂର୍ବରୁ ଏତିକି ମିନତି
ହେ ସ୍ୱାମୀ!
ମୁଁ ପୁଣିଥରେ ଏ ହାଟକୁ ଫେରିବି
ତୁମ ହାତରେ ଥିବ ମୋ ହାତ, ବାସ୍।

*ଜୟଶ୍ରୀ ଛଣ, ନିମାପଡା*

# ଆଶା

ସ୍ୱର୍ଣ୍ଣଲତା ତରାଇ



**ନା'** ତାର ପରି ପ୍ରକାଶ ଅଛି
ନା' ପରିକଳ୍ପନା
ପ୍ରତିଟି ରଜନୀର ଶେଷ
ହାସ୍ୟ-ରସ ଓ ରହସ୍ୟର ଉଷା।
ମରୁଭୂମିରେ ମରିଚିକାର ଧୂ ଧୂ ଖରା



ତଥାପି ଜଳ ବିନ୍ଦୁଏ ପାଇଁ ଆଶା।
ପ୍ରସ୍ଫୁଟିତ ପୁଷ୍ପ, ସବୁଜମୟୀ ଧରା
ଝିପିଝିପି ବର୍ଷା, ତା' ଭିତରେ
ଜିଇବାର ଦୁର୍ବାର ନିଶା।
ବିଶ୍ୱାସ ଓ ଅବିଶ୍ୱାସ
ଜୀବନ ମରଣର ଦୋଛକିରେ
ନିଶାନ୍ତର ସୀମାହୀନ ଶୋଷ।

**କୁହୁଡି, ରାଜକନିକା, କେନ୍ଦ୍ରାପଡ଼ା**

# କୁନାବାପାଙ୍କ କୁନି କଥା

୫୦



**ବ**ର୍ଷା ପ୍ରଭାବରୁ ଏବେ ବସଷ୍ଟାଣ୍ଡ ଖଟି ଟିକେ ମାନ୍ଦା ପଡିଯାଇଛି। କେତେବେଳେ କେମିତି ପାଖ ଓମଫେଡ ଛକରେ କଲୋନୀର କିଛି ପଡୋଶୀ ଓ କ୍ଲବ ପିଲାଙ୍କ ସହ ଖଟି ଜମିଯାଏ କୁନାବାପାଙ୍କର। ଏଇଗଲା ଦୁଇଦିନ ତଳେ, ବର୍ଷା ଯୋଗୁ ଘରେ ବସି ସଂଧ୍ୟାରେ ଚା' ସହ ଟିଭିରେ ଖବର ଚାନେଲ ଲଗେଇ ବସିଥିଲେ କୁନାବାପା। ବର୍ଷା ପ୍ରସାରଣରେ ବ୍ୟାଘାତ ସୃଷ୍ଟି କରୁଥିଲା, ତେବେ ଓଡ଼ିଆ ଖବର ଚାନେଲ ଟିଏରେ ବଡ ସୁନ୍ଦର ଭାବେ ବନ୍ଦେ ଉତ୍କଳ ଜନନୀ ଗୀତଟି ପ୍ରସାରିତ ହେଉଥାଏ। ଭାବ ବିହ୍ୱଳ ହୋଇଗଲେ କୁନାବାପା, କହିଲେ, ସତରେ ଏ ଗୀତରେ କେତେ ମାଧୁର୍ଯ୍ୟ! ଏଇତ ଆମ ପ୍ରଦେଶର ପ୍ରକୃତ ପରିଚୟର ସ୍ମାରକ। କୁନାବୋଉ କହିଲେ, ହଁ, ଏଇ ଗୀତଟି ଶିହରଣ ଖେଳେଇପାରେ ଓଡ଼ିଆଙ୍କ ଶରୀର ଓ ମନରେ। ମାତ୍ର ଆମର ରାଜ୍ୟର ଜାତୀୟ ସଙ୍ଗୀତ ହିସାବରେ ଯାକୁ ନେଇ ହେବନି ମ। କଥାଟା ଯେତିକି ହାଲକେଇ କହିଲେ ମଧ୍ୟ ଗଭୀର ରେଖାପାତ କଲା କୁନାବାପାଙ୍କ ମନରେ। ବାହାରେ ବର୍ଷାର ପ୍ରକୋପ କମିଥିଲା, ତେଣୁ ଛକପାଖ ଓମଫେଡ ଷ୍ଟଲକୁ ଦାଣ୍ଡେଇଲେ। ସେଠି ପହଞ୍ଚି ଦେଖନ୍ତି ତ, ଆଗରୁ ଠିଆ ହୋଇଛନ୍ତି ପାକେଲା ବାଳିଆ ପ୍ରଧାନ ବାବୁ। ପହଞ୍ଚୁ ପହଞ୍ଚୁ ଚା' କପଟାଏ ବଢ଼େଇ ଦେଲେ ଓ କହିଲେ, ବୁଝିଲେ କି ଆଜ୍ଞା, ଏଇ ରାଜ୍ୟରେ ରହିବା ବଡ ମୁସ୍କିଲ। ହଇହୋ, ଜଣେ ମନ୍ତ୍ରୀ ପୁଣି କହିବେ ବନ୍ଦେ ଉତ୍କଳ ଜନନୀକୁ ଜାତୀୟ ସଙ୍ଗୀତ କରି ହବନି, ଯଦି ସେଥିରେ ଉତ୍କଳ ଯାଗାରେ ଓଡ଼ିଶା ନହୁଏ! ଓଦା ଛତାଟା ଧପ୍ କରି ବନ୍ଦକରି ମାଡି ଆସିଲେ ଘରପଛ ମାଗୁର ନିଶୁଆ ସାମଲ ବାବୁ, କହିଲେ, କ'ଣ ଅସୁବିଧା ହେଲା କି? ଘଟଣା ବିଷୟରେ ଶୁଣି ସେ କହିଲେ, ଆହେ କ'ଣ ଅସୁବିଧା ହେଲା, ସେ ମନ୍ତ୍ରୀ ଲୋକ ସର୍ବଦା ଜନ ମଙ୍ଗଳ କାର୍ଯ୍ୟ କରିବେ। ତେଣୁ ଉତ୍କଳ ରହିଲେ କନଫ୍ୟୁଜନ ହେବ ବୋଲି ସେ ଯାଗାରେ ଓଡ଼ିଶାକୁ ରିପ୍ଲେସ କରିବାକୁ କହୁଛନ୍ତି। ଘରପାଖ ପତିବାବୁ ପାଖକୁ ଆସି ଠିଆ ହେଲେଣି। ଉପରେ ପଡି କହିବାର ପୁରୁଣା ଅଭ୍ୟାସ ହେତୁ କହିଲେ, ହଇହୋ, ଉତ୍କୃଷ୍ଟ କଳାର ଦେଶ ଉତ୍କଳ, ତାକୁ ପୁଣି କିଏ ବଦଳେଇବ? ପାଖରେ ବେଲାକଟ୍ ଚୁଟିବାଲା ଯୁବ କ୍ଲବର ନୂଆ ସମ୍ପାଦକ କହିଲା, ହଁ ଭାଇନା ଯାହା କହିଲେ ଠିକ୍। ଆମ ରାଜ୍ୟର ଚାରିଟା ନାଁ ଅଛି। ସେଇଟା ଆମର ଗର୍ବ ନୁହେଁ କି? ତା'ପରେ ଜାତୀୟ ସଙ୍ଗୀତ କ'ଣ ବନ୍ଦେ ଉତ୍କଳ ଜନନୀ? ସେଇଟା ପରା ଜନ ଗଣ ମନ। ତା' ପଛକୁ କଲୋନୀର ବଡ ମାମଲତକାର ମହାପାତ୍ର ବୁଢ଼ା କହିଲେ, କ'ଣ ନିର୍ବାଚନ ପାଖେଇଲା କିରେ ପିଲେ? ଡେଲି ନୂଆ ଇସ୍ୟୁ! ତମର ତ ନିଜ ଭାଷାରେ ଆଦର ନାହିଁ, ଆଉ ଜାତୀୟତା କୋଉଠୁ ଆସିବ? ଗୋଟେ ଧାଡି ସମ୍ପୂର୍ଣ୍ଣ ଶୁଦ୍ଧ ଓଡ଼ିଆରେ କିମ୍ବା ଇଂରାଜୀରେ କହି ପାରିବେନି, ଖାଲି ଘାଣ୍ଟକରି କହିବ, ତମେ କ'ଣ ଜାଣିବ ଉତ୍କଳ କଳିଙ୍ଗ କଥା। ଯାଅ ସବୁ ଘରେ ବସି ଦିହହଲା ନାଟ ଦେଖିବ। ଶଃ... ଏ ଭାଷା ଆଉ ଜାତି ବର୍ଣ୍ଣ ଶଙ୍କର କରିଦେଲେଣି। ଆହୁରି କ'ଣ ସବୁ ଗୁଣୁଗୁଣୁ ହୋଇ ଚାଲିଗଲେ। ହଠାତ କେବଳ ଟିଣ ଉପରେ ବର୍ଷା ଟୋପାର ଶବ୍ଦ ବ୍ୟତୀତ ସବୁ ହୋଇଗଲା ନିସ୍ତବ୍ଧ। ସର୍ବେ ଭବନ୍ତୁ ସୁଖୀନଃ।

**- ଶାରଦା ପ୍ରସାଦ ମହାପାତ୍ର, *ଦୂରଭାଷ : ୯୭୭୮୭୬୭୩୭୪***

# ଅଭିଶାପ

ରାଧାରାଣୀ ତ୍ରିପାଠୀ

ଦିନ ପ୍ରାୟ ବାରଟା ପନ୍ଦର ମିନିଟ ହେବ, ଘରୁ ବାହାରି ପଡ଼ିଲା କାର୍ତ୍ତିକ ସାହୁ। ସାଥିରେ ତାର ଗର୍ଭବତୀ ପତ୍ନୀ। ରାତି ଦୁଇଟାରୁ ଗର୍ଭକଷ୍ଟ ଆରମ୍ଭ ହୋଇଛି। ଘରେ ମାଆ ଚେଷ୍ଟା କରି ହାରିଗଲା। ଶେଷରେ ଅନ୍ୟ ଉପାୟ ନ ପାଇ ପାଣିହାଣ୍ଡିର ସ୍ତ୍ରୀକୁ ଧରି ବାହାରି ପଡ଼ିଛି କାର୍ତ୍ତିକ। ଗାଁ ଦାଣ୍ଡ ପୁରା ଖାଁ ଖାଁ। ଗାଁରେ ପଇଁତରା ମାରୁଛି ପୋଲିସ୍ ବାହିନୀ। ପୋଲିସ୍‌ର କହିବା କଥା ହେଲା ଗାଁ ଭିତରକୁ ମାଓବାଦୀ ପଶି ଆସିଛନ୍ତି। ଏମାନଙ୍କୁ ଦେଖି ଗୋଟିଏ ପେଟୁ ନିଶୁଆ ପୋଲିସ୍ ଗର୍ଜନ ଛାଡ଼ି ଦୌଡି ଆସି କହିଲା "ଆବେ ହେ ଜୀବନ ପତା ଲାଗୁଛି କି? ଶହେ ଚୌରାଳିଶ ଧାରା ଲାଗୁ ହେଇଛି କଣ ଜାଣିନୁ?"

"ଜାଣେ ଆଜ୍ଞା" ହାତ ଯୋଡ଼ି କହିଲା କାର୍ତ୍ତିକ। "ତେବେ ମୁଁ ବାଧ। ଏଇ ମୋ ସ୍ତ୍ରୀ କମନୀୟା। ସେ ଗର୍ଭବତୀ। ଲେବର୍ ପେନ୍ ଷ୍ଟାର୍ଟ ହୋଇଗଲାଣି ସାର୍। ସେଥିପାଇଁ ତାକୁ ନେଇ ହସ୍‌ପିଟାଲ୍ ଯାଉଛି। ପ୍ଲିଜ୍ ଆମକୁ ଯିବାକୁ ଦିଅନ୍ତୁ ସାର୍।"

କମନୀୟାର ମୁଣ୍ଡରୁ ଗୋଡ଼ ଯାଏଁ ଥରେ ଆଖି ବୁଲାଇ ଆଣିଲା ପୋଲିସ୍ ବାବୁ। ତାପରେ ପଚାରିଲା "କଣ ସତରେ ତୋର ପିଲାପିଲି ହେବ?" ବଡ଼ କଷ୍ଟରେ "ହଁ" ଭରିଲା କମନୀୟା। "ଆହାଲୋ, ସତେ ଏବେ ଜନମ ହୋଇଯିବ ପରା।" ପୋଲିସ୍ କହିଲା "କିବେ ମଣିଷ ପିଲା ଅଛିତ? ନା ଗୋଳା ବାରୁଦ। ଚୁପ୍‌କର ମୋ ଆଖିକୁ ଠକି ପାରିବନି। ମୁନିଗୁଡ଼ା କୁମ୍ବିଂ ଅପରେସନ୍ ସମୟରେ ଏମିତି ତୋ ପରି ଗୋଟେ ମାଇକିନା, କେତେ କାକୁତି ମିନତି କଲା। ତାକୁ ପୋଲିସ୍ ଗାଡ଼ିରେ ନେଇ ଗୋଟେ ସ୍କୁଲ୍‌ଘର ପାଖରେ ଛାଡ଼ିଲି ମୁଁ। ଦେଖିଲା ବେଳକୁ ସେ କଣ ଜନମ କଲା ଜାଣୁ, ଗୋଳା-ବାରୁଦ, ପିସ୍ତଲ, ଲେଣ୍ଡମାଇନ୍ ଏମିତି କେତେ କଣ। ଅନ୍ଧ ଥରେ ବାଡ଼ି ହଜାଏ ଆଉ ମୁଁ ଅନ୍ଧ ନୁହେଁ ବେ।" ତାପରେ ରାଇଫଲ୍‌ର ବନେଟ୍‌ରେ କମନୀୟାର ପେଟକୁ ଖେଞ୍ଚିବାକୁ ଲାଗିଲା ସେ।

ଆକାଶ ପୃଥିବୀ ଫଟେଇ ଏକ ଚିତ୍କାର ବାହାରି ଆସିଲା କମନୀୟାର ମୁହଁରୁ। କାର୍ତ୍ତିକ ସାଙ୍ଗେ ସାଙ୍ଗେ ନିଜ ବାହୁରେ ଜାବୁଡ଼ି ଧରିଲା କମନୀୟାକୁ। ତାପରେ ନେହୁରା ହୋଇ ପୋଲିସ୍ ବାବୁକୁ କହିଲା "ପ୍ଲିଜ୍ ସାର୍, ଛାଡ଼ି ଦିଅନ୍ତୁ ସାର୍। ଆମେ ମାଓବାଦୀ ନୋହୁଁ। ମୁଁ ଜଣେ ଶିକ୍ଷକ।" ଏତକ ଶୁଣୁ ଶୁଣୁ ପୋଲିସ୍ ଜଣକ ତାର ଆଉ ଦି ଜଣ ସାଥିଙ୍କୁ ଡାକି କହିଲା "ଆରେ ଶୁଣ ଶୁଣ ଇଏ କୁଆଡ଼େ ଟ୍ରେନର୍। ମାଓବାଦୀଙ୍କୁ ଟ୍ରେନିଂ ଦେଉଛି।"

"ନା ସାର୍, ମୁଁ ଶିକ୍ଷକ ଆପଣ ଭୂଲ୍ କହୁଛନ୍ତି।" କହିଲା କାର୍ତ୍ତିକ। "ସେ ଯାହାହେଉ ଆମକୁ ଛାଡ଼ି ଦିଅନ୍ତୁ ସାର୍। ମୋ ସ୍ତ୍ରୀର ଗର୍ଭକଷ୍ଟ ବେଳକୁ ବେଳ ଅସହ୍ୟ ହେଉଛି ସାର୍।" ଏଥର କମନୀୟା ହାତଯୋଡ଼ି କହିଲା "ପ୍ଲିଜ୍ ସାର୍, ହୁଃ ମୁଁଃ ଆଉଃ ପାରୁନି ସାର୍। ଦୟା କରନ୍ତୁ ସାର୍।" କାର୍ତ୍ତିକକୁ ବଡ଼ ବାଧିଲା କମନୀୟାର ଦୟନୀୟ ଅବସ୍ଥା ଦେଖି। ସେ ଗୋଡ଼ ଧରି ପକାଇଲା ପୋଲିସ୍ ବାବୁର। ପୋଲିସ୍ କିନ୍ତୁ ନଛୋଡ୍‌ବନ୍ଧା। ଏ ଦୁଇ ପ୍ରାଣୀଙ୍କ ହାରି ଗୁହାରୀ କିଛି ତା ନିଷ୍ଠୁର ହୃଦୟରେ ପ୍ରଭାବ ପକାଇ ପାରୁ ନ ଥାଏ। ଓଲଟି କହିଲା "ଚୁପ୍ କର୍ ତୋ ସ୍ତ୍ରୀର ପିଲାପିଲି ହେବ କହି ଖସି ଯିବାକୁ ବସିଛୁ, ତାହା କେବେ ହୋଇ ପାରବନି।"

ଶେଷରେ କାର୍ତ୍ତିକ ଅନ୍ୟ ଉପାୟ ନ ପାଇ ଦାଣ୍ଡର ଧୂଳି ମୁଠାଏ ହାତରେ ଧରି ଛାଟିଦେଲା ପୋଲିସ୍ ବାବୁର ଆଖିକୁ। ଆଉ ସ୍ତ୍ରୀକୁ ଧରି ଆଗକୁ ବଢ଼ିବାକୁ ଲାଗିଲା। ପୋଲିସ୍ ଦେହରେ ନିଆଁ ଲାଗିଗଲା ଯେମିତି। କାଳ ବିଳମ୍ବ ନକରି ହୁଇସିଲ୍ ମାରି ସମସ୍ତ ପୋଲିସ୍ ବାହିନୀକୁ ସତର୍କ କରିଦେଲା। କେଇଜଣ ପୋଲିସ୍ ଯାଇ ଏମାନଙ୍କ ବାଟ ଓଗାଳି ଠିଆ ହୋଇଗଲେ। କମନୀୟା କହିଲା "ପ୍ଲିଜ୍ ସାର୍! ବୁଝିବାକୁ ଚେଷ୍ଟା କରନ୍ତୁ। ଆପଣଙ୍କ ବି ଛୁଆ ପିଲା ଥିବେ। ଟିକେ ଭାବନ୍ତୁ ସାର୍। ପ୍ଲିଜ୍ ସାର୍ ଏ ଆଖଡ଼ା ବନ୍ଦ କରନ୍ତୁ ଆଉ ଆମକୁ ଯିବାକୁ ଦିଅନ୍ତୁ।"

ଏତକ ଶୁଣୁ ଶୁଣୁ ଚିହିଁକି ଉଠିଲା ପୋଲିସ୍। ଆଗପଛ କିଛି ବିଚାର ନକରି ମାଇଲା ଗୋଟେ ଲାତ କମନୀୟାର ପେଟକୁ ଲକ୍ଷ୍ୟ କରି। କମନୀୟାର ଜୀବନ ବାହାରି ଆସିଲା ଯେମିତି। ଭକ୍ ଭକ୍ ରକ୍ତ ବାନ୍ତି କରି ପକେଇଲା ସେ। ତାପରେ କାର୍ତ୍ତିକର ହାତ ଧରି ପ୍ରାୟ ଘୋଷାଡ଼ି ହୋଇ ହୋଇ ଆଗକୁ ବଢ଼ିବାକୁ ଲାଗିଲା। କାର୍ତ୍ତିକର ବ୍ରହ୍ମ ଜଳିଗଲା। ତଥାପି ଚୁପ୍ ରହିଲା ନିଜର ଅସହାୟତା ଖାତିର୍‌ରେ।

ଏବେ ପୋଲିସ୍‌ର ରାଗ ବଢ଼ିଗଲା କାହିଁରେ କଣ। କହିଲା "ତୋର ଏଡ଼େ ବହପ? ପୋଲିସ୍‌କୁ ବି ଖାତିର ନାହିଁ ତୋର?"

କାର୍ତ୍ତିକ ଏଥର ଦୃଢ଼ତାର ସହ କହିଲା "ମାଫ୍ କରିବେ ସାର୍, ଆଜି ପୋଲିସ୍ କଣ ତା ବୋପା ହେଲେବି ଆଉ ଖାତିର୍ କରିବାର ନାହିଁ।"

"ବେଶୀ ବଢ଼ି ବଢ଼ି କଥା କହନା" କହିଲା ପୋଲିସ୍। "ଖାଲି ଗୋଟିଏ ଶବ୍ଦ 'ଫାୟାର୍' ମୋ ପାଟିରୁ ବାହାରିଲେ ନା, ତୋର ସବୁ ଖେଳ ଖତମ୍। ରିପୋର୍ଟ ହୋଇଯିବ ଦୁର୍ଦ୍ଦାନ୍ତ ମାଓବାଦୀ ସସ୍ତ୍ରୀକ ଏନ୍‌କାଉଣ୍ଟର୍‌ରେ ନିହତ।"

ଭୀଷଣ ରାଗିଗଲା କାର୍ତ୍ତିକ। କହିଲା "ଆବେ ଯା। ତୋର ଯାହା ଶକ୍ତି ଅଛି, ତାହା କର। ମୁଁ ଆଜି ନିଶ୍ଚିତ ରୂପେ ମୋ ସ୍ତ୍ରୀକୁ ନେଇ ହସ୍‌ପିଟାଲ୍ ଯିବି। ଦେଖିବି ତୋର କୋଉ ବୋପା ମୋତେ ଅଟକେଇ ଦେବ। ପୋଲିସ୍ ହୋଇ ତୁ ତୋ କର୍ତ୍ତବ୍ୟ ଭୂଲି ଯାଉଛୁ। ସାଧାରଣ ଜନତାର ଜାନ୍ ମାଲ୍‌ର ରକ୍ଷା କରିବା ପୋଲିସ୍‌ର ଦାୟୀତ୍ୱ। ଏତେ ନେହୁରା ହେଲୁ, ଗୋଡ଼ ଧରିଲୁ, ହାତ ଯୋଡ଼ିଲୁ .. ତଥାପି ତୋ କାନରେ ପଶିଲାନି? ଗୋଟିଏ ନାରୀର ଦୁଃଖ ବେଦନା ଯନ୍ତ୍ରଣା କିଛି ଟିକିଏ ହେଲେ ଅନୁଭବ କରି ପାରିଲୁନି? ଅମଣିଷ କୋଉଠିକାର? ଆବେ ଶୁଣ୍ ଏବେ ମୋ ସ୍ତ୍ରୀ ବେହୋସ୍ ହେବାକୁ ବସିଲାଣି। ତୋର କୌଣସୀ ଅର୍ଡର୍‌କୁ ମୁଁ ଆଉ ମାନିବି ନାହିଁ। ତୋର ଯାହା କରିବା କର।"

କମନୀୟାର କଣ୍ଠରୁ ଅଚାନକ୍ ଅଭିଶାପଟାଏ ବାହାରି ପଡ଼ିଲା। "ମୁଁ ଆଜି ତୋର ନିର୍ଦ୍ଦୟତା ଯୋଗୁଁ ମୋ ସନ୍ତାନକୁ ଜନ୍ମ ଦେଇ ନ ପାରି ମରିବାକୁ ଯାଉଛି। ହେଲେ ଭଗବାନ ନିର୍ଦ୍ଦୟ ନୁହନ୍ତି, ତୁ ଏହାର ଫଳ ନିଶ୍ଚୟ ଭୋଗିବୁ। ଆଉ ଖୁବ୍ ଶୀଘ୍ର ଭୋଗି...ବୁଃ ....।" ତାପରେ ଶେଷ, ସବୁ ଶେଷ। କାର୍ତ୍ତିକ ରଡ଼ିଟାଏ ଛାଡ଼ିଲା .....କମନୀୟା... ଯା ଯା ଯା। ତା ରଡ଼ିରେ ସତେକି ମେଘ ଛିଣ୍ଡି ପଡ଼ିଲା ଆକାଶରୁ। ପୃଥିବୀ କମ୍ପାଇ ଘଡ଼ଘଡ଼ିଟାଏ ମାରିଲା ଘଡ଼ ଘଡ଼ ଘଡ଼।

କାର୍ତ୍ତିକକୁ ଲକ୍ଷ୍ୟ କରି ପିସ୍ତଲ୍‌ର ଟ୍ରିଗର୍ ଦବାଇଲା ପୋଲିସ୍ ବାବୁ। ଆଖି ପିଛୁଳାକେ ଟଳି ପଡ଼ିଲା କମନୀୟାର ନିର୍ଜୀବ ଶରୀର ଉପରେ କାର୍ତ୍ତିକ। ସାଥି ପୋଲିସ୍‌ଙ୍କୁ ଧରି ଏକ ମିଛ ରିପୋର୍ଟ ତିଆରି କରେଇଲା ପୋଲିସ୍ ବାବୁ। ଦୁର୍ଦ୍ଦାନ୍ତ ମାଓବାଦୀ ସସ୍ତ୍ରୀକ ଏନ୍‌କାଉଣ୍ଟର୍‌ରେ ମୃତ।

ସଂଧ୍ୟା ଛଅଟା ହେବାକୁ ଆହୁରି ଦି ଘଣ୍ଟା ବାକି। ପୋଲିସ୍ ତରବରିଆ ଭାବେ କର୍ଫ୍ୟୁ ଉଠାଇ ଚାଲି ଯିବାକୁ ଉଦ୍ୟତ ହେଲା। ସମସ୍ତେ ପୋଲିସ୍ ଭେନ୍‌ରେ ସବାର ହେଲେ। ଭେନ୍‌ର ଘଣ୍ଟି ଢଂ ଢଂ ବାଜିବାକୁ ଲାଗିଲା।

କିଛି କ୍ଷଣ ଭିତରେ ଗାଁ ପାରିହୋଇଗଲା ପୋଲିସ୍ ଭେନ୍। ହଠାତ୍ ପୋଲିସ୍ ବାବୁର ମୋବାଇଲ୍ ରିଂ ହେଲା। ସେ ପଟୁ ଶୁଭିଲା "ଆମେ ଟାଉନ୍ ହସ୍‌ପିଟାଲ୍‌ରୁ କରୁଛୁ ସାର୍। ଛାତ ଉପରେ ବେଡ୍ ମିଣ୍ଟନ୍ ଖେଳୁଥିବା ସମୟରେ ଆପଣଙ୍କ ପୁଅ ଛାତ ଉପରୁ ଖସି ପଡ଼ିଛି ସାର୍। ଆଉ ସରି ଟୁ ସେ ସାର୍, ହି ଇଜ୍ ନୋ ମୋର୍। ମାଡାମ୍‌ଙ୍କ ମେଣ୍ଟାଲ୍ କଣ୍ଡିସନ୍ ଅଲ୍ ସୋ ଭେରି ସିରିୟସ୍ ସାର୍ ବେଗି ଆସନ୍ତୁ।" ଖସି ପଡ଼ିଲା ପୋଲିସ୍ ବାବୁ ହାତରୁ ମୋବାଇଲ୍।

କହିବା ବାହୁଲ୍ୟ ଦି ମାସ ଭିତରେ ପୋଲିସ୍ ବାବୁ ସସ୍ତ୍ରୀକ ସ୍ଥାନୀୟ ମେଣ୍ଟାଲ ହସ୍‌ପିଟାଲ୍‌ର ଚିକିତ୍ସାଧିନ ରୋଗୀ ସାଜି ଯାଇଥିଲେ।

*ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*
*ମୋ. - ୯୪୩୭୬୪୦୩୧୬*









# ପିଲାଙ୍କ ଦୁନିଆ







ପୁନମ୍ ପ୍ରିୟଦର୍ଶିନୀ, ଷ୍ଟାଣ୍ଡାର୍ଡ - ୯
ସରସ୍ୱତୀ ବିଦ୍ୟା ମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର





ଅଦିତୀ ଷଡଙ୍ଗୀ
ଷ୍ଟାଣ୍ଡାର୍ଡ-୧, ସେଣ୍ଟ୍ ଆର୍ନୋଲ୍ଡ ସ୍କୁଲ
ଭୁବନେଶ୍ୱର

## ଆସ ଲଗାଇବା ଗଛ



**ଆଶ୍ରିତ୍ ମିଳନ ମହାନ୍ତି**



ଖରା ଚାଲିଗଲା ବରଷା ଆସିଲା
ସାଧବ ବୋହୂର ପାହୁଣ୍ଡ ଦେଖ
ଘାସ ଗାଲିଚାର ନରମ ଦେହରେ
କି ସୁନ୍ଦର ଦିଶେ ଆହା ତା ବେକ।

ଗୀରିଷମ ଖରା ଭାରି ଟାଣ ଥିଲେ
ଗଛ ଛାଇ ଖୋଜା ପଡେ
ବୁଦ୍ଧିଆ ମଣିଷ ନିର୍ବୁଦ୍ଧିଆ ହୋଇ
ଗଛକୁ ମୂଳରୁ ତାଡେ।




ଗଛ ଅଛି ବୋଲି ରହିଛେ ଆମେ
ଦେହରେ ରହିଛି ପ୍ରାଣ
ଗଛ ନ ରହିଲେ କେମିତି ବଞ୍ଚିବା
ଭାବିଲେ ମରୁଛି ମନ।

ପ୍ରକୃତି ଦେଇଛି ଆମକୁ ଏସବୁ
ଆମେ ପାଉନାହୁଁ ରଖି
ହଜିଗଲେ ଥରେ ଆଉକି ପାଇବା
ସୁନ୍ଦର ପୃଥିବୀ ଦେଖି।

ଆଜିଠାରୁ ଆମେ ଶପଥ ନେବା
ବରଷା ଦିନରେ ଗଛ ପୋତିବା
ସେହି ଗଛ ଦିନେ ହୋଇବ ବଡ
ଛାଇ ଦେବ ଆଉ ଦେବରେ ଫଳ।

ଷ୍ଟାଣ୍ଡାର୍ଡ-୪, ବେଥାନି କନ୍‌ଭେଣ୍ଟ ସ୍କୁଲ
ତୋରା, ବରଗଡ଼



## ବୁଢ଼ିଆଣୀ ଓ ଅସରପା

**ଶ୍ରୀକାନ୍ତ ପାଣି**





**ଶିକ୍ଷା କଥା** ଗୋଟିଏ ଲୋକ କିଛିଦିନ ପାଇଁ କୁଆଡେ ବାହାରକୁ ବୁଲିବାକୁ ଯିବ ବୋଲି ତା'ର ଘରକୁ ବନ୍ଦ କରି ଯାଇଥାଏ। ସେ ଘର ବନ୍ଦ ହୋଇ ରହିବାରୁ ଗୋଟିଏ ବୁଢ଼ିଆଣୀ ସେଇ ଘରର କଣରେ ତା'ର ଜାଲ ବୁଣି ରହିଥାଏ। ସେହି ଘରର କବାଟ ଫାଙ୍କରେ ଗୋଟିଏ ଅସରପା ଭିତରକୁ ପଶି ଯାଇ ତା'ର ଖାଦ୍ୟ ଖୋଜିବାରେ ଲାଗିଲା। ଅସରପାକୁ ଦେଖି ବୁଢ଼ିଆଣୀ କହିଲା, ରେ ଅସରପା! ତୁ ଏଇ ଘର ଭିତରେ ନଥିଲୁ? ତତେ ମୁଁ ଏଇଠି କେବେ ଦେଖିନି। ତୁ ଏ ଘରକୁ କାହିଁକି ପଳେଇ ଆସିଲୁ? ଅସରପା କହିଲା, "ଆରେ ବୁଢ଼ିଆଣୀ, ତୁ ତ ଏ ଘରର ମାଲିକ ନୁହ। ତୁ ନିଜେ ବି ଆସି ଏଇଠି ମୁଣ୍ଡ ଗୁଞ୍ଜିଛୁ।" ମୁଁ ଏଠିକି କାହିଁକି ଆସିଲି ତା'ର କୈଫିୟତ୍ ତତେ ଦେବା କ'ଣ ଜରୁରୀ କି? ତୁ ଏଇଠି ରହିଛୁ। ମୁଁ ବି ଏଇଠି ରହିବି। ତୋର କ'ଣ ଅସୁବିଧା ହେଉଛି?" ବୁଢ଼ିଆଣୀ କହିଲା, "ତୁ ରହିଲେ କେତେ ନ ରହିଲେ କେତେ? ତୁ ତୋ ବାଟରେ ରହିବୁ। ମୁଁ ମୋ ବାଟରେ ରହିଛି। ତଥାପି, ତୁ ଏଇଠି ରହିଲୁ ବୋଲି ମୁଁ ଜାଣିଲି। ହେଲେ ଏଇ ଘରେ ତୁ କେତେଦିନ ରହିପାରିବୁ ସେକଥା କିଏ ଜାଣେ? ତୁ ଏ ଘରେ ରହିଲେ ତୋ ପାଇଁ କେତେ ବିପଦ ଆସିପାରେ ବୋଲି କେବେ ବାଭିଚୁ?" ବୁଢ଼ିଆଣୀର ଏଇ କଥାରେ ଅସରପା ଘାବରେଇ ଯାଇ କହିଲଣ, "ଦେଖ୍ ବୁଢ଼ିଆଣୀ। ମୁଁ ଏଇଠି ରହିଲେ ତୋର କିଛି ଅସୁବିଧା ହେବନି। ତଥାପି ମୁଁ ଏଇଠି ରହିଲେ ମୋ ପାଇଁ ବିପଦ ଆସିପାରେ ବୋଲି କାହିଁକି କହୁଚୁ? ତୁ ପୁଣି ଏଇଠି ରହିବାରେ ତୋ ପାଇଁ ବିପଦ ନାହିଁ ବୋଲି କେମିତି ଭାବୁଚୁ?" ବୁଢ଼ିଆଣୀ କହିଲା, "ଅସରପା, ଏଇ ଘରେ ଗୋଟିଏ ଝିଟିପିଟି ରହୁଚି। ସେଇଟା ମତେ ଖାଇବାକୁ ପ୍ରାୟ ଗୋଡାଏ। ହେଲେ ମୁଁ ଶୀଘ୍ର ଦଉଡି ଆସି ମୋର ବୁଣିଥିବା ଜାଲ ଭିତରକୁ ପଳେଇ ଆସେ। ମୋ ଜାଲ ଭିତରକୁ ସେ ଆସିବାକୁ ଡରେ। କାରଣ ସେ ଜାଣିଛି ଯେ ମୋ ଜାଲ ଭିତରକୁ ଆସିବାକୁ ଚେଷ୍ଟା କଲେ ଗୋଟିଏ ସୂତାକୁ ଧରିଲେ ସେଇଟା ଛିଣ୍ଡିଯିବ ଏବଂ ସେଇଟା ସଙ୍ଗେ ସଙ୍ଗେ ତଳେ ପଡିଯିବ। ଏଣୁ ସେ ମତେ ଗୋଡେଇ ଗୋଡେଇ ଧରିପାରେନା। ତା'ଛଡା ସେ ବେଳେ ବେଳେ ମତେ ଖାଇବାକୁ ମୋ ଜାଲ ପାଖରେ କାନ୍ଥରେ ଜଗି ରହେ। ହେଲେ ତାକୁ ଦେଖି ମଧ ମୁଁ ନ ଡରି ଆରାମରେ ମୋର ଜାଲ ଭିତରେ ଶୋଇପଡେ। ମୁଁ ଉଠି ଦେଖେ ଯେ ସେ ମତେ ଖାଇବା କଥା ଛାଡିଦେଇ ପଳେଇ ଯାଏ। ସେ ଜାଣି ପାରିଛି ଯେ ମୁଁ ଖାଇବା ପାଇଁ ମୋ ଜାଲ ଛାଡି କୁଆଡେ ଯାଏନା। ଟିକି ଟିକି ପୋକ ମୋର ଜାଲ ଅଠାରେ ଲାଗିଯାନ୍ତି ମୁଁ ସେଇ ଟିକି ଟିକି ପୋକଖାଇ ଆରାମରେ ମୋ ଜାଲରେ ଶୋଇପଡେ। କିନ୍ତୁ ତୁ ତୋ ଖାଇବା ବ୍ୟବସ୍ଥା କରିବା ପାଇଁ ତତେ ବାହାରେ ବୁଲିବାକୁ ପଡିବ। ସେଥିପାଇଁ ତୋର ବିପଦ ରହିବ ବୋଲି ତତେ କହିଦେଲି। ବୁଢ଼ିଆଣୀଠାରୁ ଏକଥା ଶୁଣିବା ପରେ ଅସରପା କହିଲା, "ତୁ ତୋର ଖାଇବା ପାଇଁ ଭଲ ବ୍ୟବସ୍ଥା କରିଦେଇଛୁ। କିନ୍ତୁ ମୋର ସେମିତି କିଛି କରିବାକୁ ଶକ୍ତି ନାହିଁ। ମୁଁ ଲୁଚି ଖାଇବା ବ୍ୟବସ୍ଥା କରିବାକୁ ବାଧ ହୁଏ। ତଥାପି ତୁ ମତେ ମୋ ବିପଦ କଥା କହିଥିବାରୁ ତୋତେ ଧନ୍ୟବାଦ ଦେଉଛି। ତୋ ପାଖରୁ ଝିଟିପିଟିର ସୂଚନା ପାଇଥିବାରୁ ତୋ କଥା ମତେ ଭଲ ଲାଗିଲା। ତୋର ଯଦି ମୋ ପ୍ରତି ଘୃଣା ନଥାଏ ତେବେ ଆମେ ଭଲ ସାଙ୍ଗ ହେଇପାରିବା।" ବୁଢ଼ିଆଣୀ କହିଲା, "ତୋ ସହ ସାଙ୍ଗ ହେବା ପାଇଁ ମୋର ଅସୁବିଧା ନାହିଁ। ତୁ ଏଇଠି ରହିପାରୁ। ତୁ ତୋ ଖାଇବା ବ୍ୟବସ୍ଥା ତୁ କରିବୁ ସିନା, ହେଲେ ଝିଟିପିଟିକୁ ତୁ ସବୁବେଳେ ସାବଧାନ ହେଇ ରହିବୁ। ଯଦି ତୋର ଟିକିଏ ଏପଟ ସେପଟ ହେଇଗଲା ତ ତୁ ଝିଟିପିଟି ହାବୁଡେ ପଡିଗଲେ ତୋର ସବୁ ଶେଷ। ତେବେ ମୋର ସାମ୍ନାରେ ପଡ଼ିଲେ ମୁଁ ତତେ ଝିଟିପିଟି ଆସିବାର ସୂଚନା ଦେବି।" ଏକଥା ଶୁଣି ଅସରପା କହିଲା, "ହେ ବୁଢ଼ିଆଣୀ, ତୁ ମୋର ଆଜିଠାରୁ ଅନ୍ତରଙ୍ଗ ସାଙ୍ଗ ହେଲୁ।"

ସେହି ଘର ଭିତରେ ସେହିଦିନଠାରୁ ଖୁବ୍ ଖୁସିରେ ବୁଢ଼ିଆଣୀ ଏବଂ ଅସରପା ରହିଲେ। ଏମିତି କିଛିଦିନ ଗଲାପରେ ସେ ଲୋକ ତା'ର ଘରକୁ ଫେରିଲା। ସେ ଘର କବାଟ ଖୋଲି ଦେଖେ ତ ତାର ଘରଯାକ ବୁଢ଼ିଆଣୀ ତାର ଛୁଆ ବଢ଼େଇ ଘରର ସବୁ କ'ଣ ଜାଗାଯାକ ଜାଲ ବୁଣିଥାଏ। ଅସରପା ବି ତାର ବଂଶ ବଢ଼େଇ ଘରଯାକ ବୁଲି ଦୁଇକରି ଅପରିଷ୍କାର କରିବା ସହ ବହୁ ଜାଗାରେ ଅଣ୍ଡା ଦେଇଥାଏ। ଏସବୁ ସହ ଝିଟିପିଟି ବି ତାର ଛୁଆ ବଢ଼େଇ କାନ୍ଥଯାକ ବୁଲିବାରେ ଲାଗିଥାଏ। ସେ ଲୋକ ଏସବୁ ଦେଖି ଏତେ ବିରକ୍ତ ହେଇଗଲା ଯେ ସେ ବଜାରରୁ କ'ଣ ଜିନିଷ ଆଣି ଘରଯାକ ଚୂନା କରି ପକେଇଦେଲା। ରାତି ପାହିଲା ବେଳକୁ ଝିଟିପିଟି ତାର ବଂଶ ନେଇ କୁଆଡେ ଗଲା ଯେ ତାର ଦେଖାନାହିଁ। ବୁଢ଼ିଆଣୀର କ'ଣ ହେଲା କେଜାଣି ସେ ଜାଗା ଛାଡି ପଳେଇଲା କି ମରିଗଲା ଜଣାନାହିଁ। କିନ୍ତୁ ଅସରପା ତାର ବଂଶ ସହ ମରି ପଡିଥାଏ। ଏଣୁ ମଣିଷ କିଛି ଉପକାର ନ ପାଇଲେ ଏବଂ ତାର ଘର ଅପରିଷ୍କାର କଲେ ସେ କାହାକୁ ଛାଡିବନି। ଅପରିଷ୍କାର କରୁଥିବା ବା ରୋଗର ବାହକ ହେଇଥିବା କୀଟ ବା ଜୀବ ସବୁକୁ ମଣିଷ ମାରିଦେବ। ମଣିଷ କାହାଠାରୁ ଉପକାର ପାଇଲେ ତାକୁ ବଞ୍ଚିବାକୁ ଦିଏ।

*ପ୍ଲଟ୍ ନଂ-୪ସି, ୧୩୯୭, ସିଡିଏ, କଟକ*
*ମୋ- ୯୨୩୮୫୮୧୮୫୨*

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ଉପରେ ...

ସମୟରେ ମଧ ଭାରତରେ ଚିହ୍ନଟ କରାଯାଇଥିବା କିଛି 'ହଟ୍‌ସ୍ପଟ୍' ବା ଉତ୍ତପ୍ତ ଜିଲ୍ଲାର ଆର୍ଥିକ ଉପଯୋଗରେ ୧୦% ହ୍ରାସ ହେବାର ସ୍ଥିତି ଉପୁଜିଛି ବୋଲି ରିପୋର୍ଟରେ କୁହାଯାଇଛି। 'ସାଉଥ୍ ଏସିଆଜ୍ ହଟ୍‌ସ୍ପଟ୍' ଶୀର୍ଷକ ରିପୋର୍ଟ କୁହାଯାଇଛି ଯେ, ୨୦୧୫ ପ୍ୟାରିସ ରାଜିନାମା ଅନୁପାଳନ କ୍ରମେ ଇତି ମଧ୍ୟରେ ବିଶ୍ୱ ତାପାୟନକୁ ୨ ଡିଗ୍ରୀ କମ୍ କରାଯାଇପାରିଛି। ଏହାସତ୍ତ୍ୱେ ୨୦୫୦ ସୁଦ୍ଧା ଭାରତର ବାର୍ଷିକ ହାରାହାରି ତାପମାତ୍ରାରେ ୧ରୁ ୨ ଡିଗ୍ରୀ ସେଲ୍‌ସିଅନ ବୃଦ୍ଧି ଘଟିବ। କିନ୍ତୁ ବାୟୁମଣ୍ଡଳରେ ଅତ୍ୟଧିକ ଅଙ୍ଗାରକାମ୍ଳର ଉପସ୍ଥିତି ସ୍ଥଳେ ଏହି ତାପମାତ୍ରା ୧୫ରୁ ୩ ଡିଗ୍ରୀ ସେଲ୍‌ସିଅନ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସମ୍ପ୍ରତି ୬୦ କୋଟି ଭାରତୀୟ ଏଭଳି ସ୍ଥାନରେ ବାସ କରୁଛନ୍ତି ଯାହାକି ଏହି ସମୟ ସୁଦ୍ଧା ଅତ୍ୟନ୍ତ ଉତ୍ତପ୍ତ ସ୍ଥାନରେ ପରିଣତ ହେବ। ଏହି ସମୟ ମଧ୍ୟରେ ଛତିଗଡ଼ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟ ଗୁଡିକରେ ଜୀବନଧାରଣ ମାନ ୯% କମିବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### କଳାଧନ ...

ଅଭିଯାନ ଚଳାଇଥିବାବେଳେ ଭାରତୀୟଙ୍କ ଜମାବୃଦ୍ଧି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୦୧୬ ମସିହାରେ ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ପରିମାଣ ୪୫% ପ୍ରତିଶତ ହ୍ରାସ ପାଇ ୪୫୦୦ କୋଟିରେ ପହଞ୍ଚିଥିଲା। ୧୯୮୭ ମସିହାରେ ୟୁରୋପୀୟ ବ୍ୟାଙ୍କଗୁଡ଼ିକ ଜମା ତଥ୍ୟ ସାର୍ବଜନୀନ କରିବା ପରଠାରୁ ଏହା ଥିଲା ସର୍ବନିମ୍ନ। ସୁଇସ୍ ବ୍ୟାଙ୍କ ଆଜି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ୨୦୧୭ ସୁଦ୍ଧା ଭାରତୀୟଙ୍କ ମୋଟ ଜମା ପରିମାଣ ୬୮୯୧ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ସଂପତ୍ତି ପରିଚାଳକଙ୍କ ଜରିଆରେ ଜମା ହୋଇଥିବା ଭାରତୀୟଙ୍କ ଜମା ପରିମାଣ ୧୧୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୦୬ ବର୍ଷ ଶେଷ ସୁଦ୍ଧା ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ପରିମାଣ ୨୩ ହଜାର କୋଟି ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ଏହା ପରଠୁ ପରବର୍ତ୍ତୀ ଦଶନ୍ଧିରେ ଏହା ଏକଦଶମାଂଶକୁ ଖସି ଯାଇଥିଲା। ଏହା ପରେ ୨୦୧୧ରେ ଏଥିରେ ୧୨%, ୨୦୧୩ରେ ୪୩% ଓ ୨୦୧୭ରେ ୫୦.୨% ବୃଦ୍ଧି ଘଟିଛି। ତେବେ ୨୦୧୭ ସୁଦ୍ଧା ଭାରତରେ ସୁଇସ୍ ବ୍ୟାଙ୍କଗୁଡ଼ିକର ସଂପତ୍ତି ପରିମାଣରେ ୧୮% ହ୍ରାସ ଘଟିଛି। ଏହି ହିସାବରେ ଅବଶ୍ୟ ରିୟଲ ଇଷ୍ଟେଟ ପରି ସଂପତ୍ତିକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ। କଳା ଟଙ୍କା ଯାଞ୍ଚ ପାଇଁ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସୁଇସ୍ ବ୍ୟାଙ୍କ ନିଜ ତରଫରୁ ଏହି ତଥ୍ୟ ପ୍ରକାଶ କରିଛି। ଏସବୁ ଜମାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ଲାଏବିଲିଟି ବା ଗ୍ରାହକଙ୍କୁ ଦେୟ ବର୍ଗରେ ସ୍ଥାନିତ କରିଛି। ଏହା ଯେ କଳା ଟଙ୍କା ତାହା ବ୍ୟାଙ୍କ ଘୋଷଣା କରିନାହିଁ। ଏଥିରେ ବି ଭାରତୀୟ ଓ ପ୍ରବାସୀ ଭାରତୀୟମାନେ ଅନ୍ୟ ଦେଶର ଲୋକଙ୍କ ନାମରେ ଜମା କରିଥିବା ଅର୍ଥ ପରିମାଣର ହିସାବ କରାଯାଇ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଳା ଟଙ୍କାର ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଭାରତ ସରକାର ବିଚାରପତି ଶାହାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି। ଏହି ଦଳ ଏବେ ଦେଶ ଓ ବିଦେଶରେ ଭାରତୀୟଙ୍କର ରହିଥିବା କଳା ଟଙ୍କା ସଂପର୍କରେ ଖୋଳତାଡ଼ ଚଳାଇଛି।

### ମାର୍ଚ୍ଚ ସୁଦ୍ଧା ...

ଆଇନ ଓ ପେସା ଆଇନକୁ ଠିକ୍ ଭାବରେ ଲାଗୁ କରାଯାଉନଥିବା କାରଣରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଜାଣିଶୁଣି ଆଦିବାସୀଙ୍କ ପ୍ରତି ଅବହେଳା କରୁଥିବା ବେଳେ କେବଳ ଧୂଆଁବାଣ ସଦୃଶ ଏମାନଙ୍କ ପାଇଁ କେତେକ ଯୋଜନା ଘୋଷଣା କରୁଛନ୍ତି ବୋଲି ବିରୋଧୀ ସଦସ୍ୟ କହିଥିଲେ। ଏଗୁଡ଼ିକ ଠିକ୍ ଭାବରେ ଲାଗୁ କରିବା ନେଇ ସରକାରଙ୍କ ଆନ୍ତରିକତାର ଅଭାବକୁ ସେମାନେ ଦାୟୀ କରିଥିଲେ। ଅନୁସୁଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ କିନ୍ତୁ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଆଦିବାସୀ ଉନ୍ନୟନ ନେଇ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସେ କହିଛନ୍ତି। ଏହି ବର୍ଗର ଲୋକମାନଙ୍କୁ ଜମିପଟ୍ଟା ବଣ୍ଟନଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ନେଇ ରାଜ୍ୟ ସରକାର ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗରୁ ଆଦିବାସୀ ଲୋକେ ଜମି ବନ୍ଧା ପକାଇ ଋଣ ନେଇ ପାରୁନଥିବା ବେଳେ ସେଦିଗରେ ଆଇନରେ ସୁଧାର ଅଣାଯାଇଛି ବୋଲି ସେ କହିଛନ୍ତି। ଏହା ସହିତ ଆଗକୁ ନିୟମିତ ଭାବରେ ଆଦିବାସୀ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ପରିଷଦର ବୈଠକ ବର୍ଷରୁ ଦୁଇଥର ବସିବା କଥା।

### ମୋଦିଙ୍କ ...

ସମ୍ଭାବନା ରହିଛି। ତେଣୁ ସେହି ସମୟରେ ତାଙ୍କ ପାଖକୁ ମନ୍ତ୍ରୀ ଓ ଅଫିସରମାନଙ୍କୁ ମଧ ଛାଡ଼ି ଦିଆଯିବ ନାହିଁ। ସେମାନଙ୍କୁ ଏଥିପାଇଁ ଏସ୍‌ପିଜିର ଅନୁମତି ନେବାକୁ ପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମାରେ କୁହାଯାଇଛି। ଜଣେ ଅଧିକାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ବିଜେପିର ମୁଖ୍ୟ ପ୍ରଚାରକ ହୋଇଥିବାରୁ ତାଙ୍କୁ ଅଧିକ ରୋଡ୍-ଶୋ' ନ କରିବା ପାଇଁ ଏସ୍‌ପିଜି ପକ୍ଷରୁ ପରାମର୍ଶ ଦିଆଯାଇଛି। ରୋଡ୍-ଶୋ'ରେ ଯୋଗନଦେଇ ଏହା ପରିବର୍ତ୍ତେ ସାଧାରଣ ସଭାରେ ଯୋଗଦେବାକୁ କୁହାଯାଇଛି। ଏହାଦ୍ୱାରା ମୋଦିଙ୍କ ସୁରକ୍ଷା ସହଜ ହେବ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କ୍ଲୋଜ୍ ପ୍ରୋଟେକ୍‌ସନ୍ ଟିମ୍ (ସିପିଟି)କୁ ଏହି ନୂଆ ନିୟମ ସମ୍ପର୍କରେ ଅବଗତ କରାଯାଇଛି। ଆବଶ୍ୟକ ପଡ଼ିଲେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ମନ୍ତ୍ରୀ କିମ୍ବା ଅଧିକାରୀଙ୍କୁ ନ ଛାଡ଼ିବାକୁ ସିପିଟିକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୭ ତାରିଖରେ ପୁନେ ପୁଲିସ୍ କୋର୍ଟରେ ଦେଇଥିବା ବୟାନକୁ ଭିତ୍ତିକରି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବେଆଇନ ଘୋଷିତ ସିପିଆଇ (ମାଓବାଦୀ) ସହ ସମ୍ପର୍କ ଥିବା ଅଭିଯୋଗରେ ଗିରଫ ହୋଇଥିବା ୫ ଜଣଙ୍କ ମଧ୍ୟରୁ ଜଣଙ୍କର ଦିଲ୍ଲୀ ବାସଭବନରୁ ଏକ ଚିଠି ନିକଟରେ ଜବତ ହୋଇଥିଲା। ଏହି ଚିଠିରେ ରାଜୀବ ଗାନ୍ଧିଙ୍କ ଭଳି ମୋଦିଙ୍କୁ ହତ୍ୟା କରାଯିବ ବୋଲି ଉଲ୍ଲେଖ ରହିଥିବା ପୁନେ ପୁଲିସ କୋର୍ଟଙ୍କୁ ଜଣାଇଥିଲେ। ଏହାଛଡ଼ା ପ୍ରଧାନମନ୍ତ୍ରୀ ନିକଟରେ ପଶ୍ଚିମବଙ୍ଗ ଗସ୍ତରେ ଗଲାବେଳେ ୬ ବଳୟ ବିଶିଷ୍ଟ ସୁରକ୍ଷା ଭେଦକରି ଜଣେ ବ୍ୟକ୍ତି ତାଙ୍କ ପାଦ ଛୁଇଁଥିଲା। ଏହି ଘଟଣାରେ ମୋଦିଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ୨ଟି ଘଟଣା ପରେ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାର ସମୀକ୍ଷା କରିଥିଲେ। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଓ ଇଣ୍ଟେଲିଜେନ୍ସ ବ୍ୟୁରୋ ନିର୍ଦ୍ଦେଶକ ରାଜୀବ ଜୈନ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସୁରକ୍ଷା ଏଜେନ୍ସି ସହ ପରାମର୍ଶ କରି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ରାଜନାଥ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନକ୍ସଲ ପ୍ରଭାବିତ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗକୁ ଅଧିକ ସ୍ପର୍ଶକାତର ରାଜ୍ୟ ଭାବେ ଗଣନା କରାଯାଉଛି। ଏହି ରାଜ୍ୟଗୁଡ଼ିକର ପୁଲିସ ମୁଖ୍ୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି କେରଳର ମୌଳବାଦୀ ଗୋଷ୍ଠୀ ପପୁଲାର୍ ଫ୍ରଣ୍ଟ୍ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଅଧିକ ମାରାତ୍ମକ ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ବିଚାର କରି ସେଥିପ୍ରତି ଅଧିକ ସତର୍କତା ଅବଲମ୍ବନ କରୁଛନ୍ତି।

### ମୋଦିଙ୍କ ...

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଲ' କମିଶନଙ୍କ ଦ୍ୱାରା ବିଜେଡି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଲେଖାଯାଇଥିବା ଚିଠି ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏହି ଚିଠିରେ ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଚୌହାନ୍ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ ୨୦୧୭ ନଭେମ୍ବର ୨୫ କିମ୍ବା ୨୬ ତାରିଖରେ ସମଗ୍ର ଦେଶରେ ଏକକ ନିର୍ବାଚନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୧୮ ଏପ୍ରିଲ ୧୬ ତାରିଖରେ ଲ' କମିଶନଙ୍କୁ ଏହି ପ୍ରସ୍ତାବ ଉପରେ ଅଧିକ ତର୍ଜମା କରି ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ ପାଇଁ ଆଇନ ମନ୍ତ୍ରଣାଳୟ କହିଥିଲା। ଲ' କମିଶନ ଏହି ପ୍ରସଙ୍ଗରେ ସାଧାରଣ ଲୋକଙ୍କ ମତ ଜାଣିବା ପାଇଁ ସାର୍ବଜନୀନ ଭାବେ ମତାମତ ଲୋଡ଼ିଥିଲେ; ଯାହାକି ଏବେ କମିଶନଙ୍କ ବିଚାରାଧୀନ ରହିଛି। କମିଶନ ଏବେ ବିଭିନ୍ନ ରାଜନୀତିକ ଦଳ ସହ ଉକ୍ତ ପ୍ରସଙ୍ଗରେ ବିଚାରବିମର୍ଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ବିଜେଡିର ମତ ଜାଣିବା ପାଇଁ କମିଶନ ଜୁଲାଇ ୭ ଓ ୮ତାରିଖରେ ନୂଆଦିଲ୍ଲୀସ୍ଥିତ ନିଜ କାର୍ଯ୍ୟାଳୟରେ ଏକ ବୈଠକ ଡାକିଛନ୍ତି। କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଚୌହାନ୍ ନିଜ ଚିଠିରେ ଲେଖିଛନ୍ତି ଯେ, ଏହି ଆଲୋଚନାକୁ ଯଦି ଯଥାର୍ଥ ଭାବୁଥାନ୍ତି ତା'ହେଲେ ଜୁନ୍ ୩୦ତାରିଖ ସୁଦ୍ଧା ନିଜର ସମ୍ମତି ପଠାଇପାରିବେ। ପ୍ରସଙ୍ଗର ଗୁରୁତ୍ୱ ଦୃଷ୍ଟିରୁ ଆପଣଙ୍କ ମତାମତ ଓ ସୁଚିନ୍ତିତ ପରାମର୍ଶ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଆଲୋଚନାରେ ନିଜେ ବ୍ୟକ୍ତିଗତ ଭାବେ ସାମିଲ ହୋଇ ନପାରନ୍ତି ତା'ହେଲେ ନିଜ ଦଳର କୌଣସି ପ୍ରତିନିଧିଙ୍କୁ ମଧ୍ୟ ପଠାଇପାରିବେ, ଯେକି ଆପଣଙ୍କ ତରଫରୁ କମିଶନଙ୍କ ଆଗରେ ନିଜ ପକ୍ଷ ରଖିପାରିବେ ବୋଲି ଜଷ୍ଟିସ୍ ଚୌହାନ୍ କହିଛନ୍ତି। ପ୍ରସଙ୍ଗର ଗୁରୁତ୍ୱକୁ ବୁଝି ଯଥାଶ୍ରୀଘ ନିଜର ସମ୍ମତି ଜଣାଇଲେ ଆଲୋଚନାର ବିସ୍ତୃତ କାର୍ଯ୍ୟସୂଚୀ ପଠାଇ ଦିଆଯିବ ବୋଲି ଲ' କମିଶନ ଅଧ୍ୟକ୍ଷ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଲ' କମିଶନ ଅଧ୍ୟକ୍ଷ ଜୁଲାଇ ୭ ଓ ୮ ତାରିଖରେ ଡାକିଥିବା ବୈଠକରେ ବିଜେଡି ସାମିଲ ହେବ। ଦଳର ଦୁଇଜଣ ସାଂସଦ ପିନାକୀ ମିଶ୍ର ଓ ପ୍ରତାପ କେଶରୀ ଦେବ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ତରଫରୁ ବୈଠକରେ ଯୋଗ ଦେଇ ଏକାଠି ନିର୍ବାଚନ ସପକ୍ଷରେ ମତ ରଖିବେ ବୋଲି ଜଣାପଡ଼ିଛି।

### ଏମ୍‌ଏସ୍‌ପି ...

ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ସେ ୬ ଏକର ଜମିରୁ ବାର୍ଷିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ କରୁଛନ୍ତି। ବୀଣାପାଣି ସମନ୍ୱିତ କୃଷିର ଅପୂର୍ବ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମତ ଦେଇ ଶ୍ରୀ ପ୍ରଧାନ କୃଷିଜାତ ବର୍ଜ୍ୟରୁ ଇଥାନଲ୍ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂହ ଓଡ଼ିଶାରେ କିଆ ଫୁଲ ଚାଷର ବହୁ ସମ୍ଭାବନା ରହିଥିବା କହିଥିଲେ। ଏଥିପାଇଁ ତାଙ୍କ ମନ୍ତ୍ରାଳୟ ଏକ ନୂତନ ମଡେଲ ପ୍ରସ୍ତୁତ କରିବ ବୋଲି ଶ୍ରୀ ସିଂହ ସୂଚନା ଦେଇଥିଲେ। ଦେଶରେ ୫ କୋଟି ମହିଳାଙ୍କୁ ସୌରଚାଳିତ ଚରଖା ଯୋଗାଇ ଦିଆଯିବ। ଯାହା ଫଳରେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବ। ଗୋ-ମୂତ୍ର ଓ ଗୋ-ମଳର ସଠିକ ବ୍ୟବହାର କରି ଋଷୀ ଲାଭାନ୍ୱିତ ହୋଇପାରିବେ ବୋଲି ଶ୍ରୀ ସିଂହ କହିଥିଲେ।

### ତିନି ବର୍ଷରେ ...

ପଞ୍ଜୀକୃତ ଅନ୍ତର୍ଜାତୀୟ ଓ ଆନ୍ତଃ ପ୍ରଶାସନିକ ଅନୁଷ୍ଠାନ। ଏଥିରେ ୪୮ ଜଣ ସଦସ୍ୟ ଓ ସହଯୋଗୀ ରାଷ୍ଟ୍ର ଅଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ଏବଂ (ଆରଆଇଏମ୍‌ଇଏସ୍) ପକ୍ଷରୁ ଏ.ଆର୍. ସୁବେୟା ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷକମାନଙ୍କ ଆୟ ବୃଦ୍ଧି କରିବା ନିମନ୍ତେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ଗ୍ରାମ୍ୟ ଉନ୍ନୟନ ଫାଉଣ୍ଡେସନ, କୃଷି ପରିବେଶ ନିରାପତ୍ତା ଫାଉଣ୍ଡେସନ ଓ ଜାତୀୟ ନବସୃଜନ ଫାଉଣ୍ଡେସନ-ଇଣ୍ଡିଆ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ଗ୍ରାମ୍ୟ ଉନ୍ନୟନ ଫାଉଣ୍ଡେସନ ସହ ହୋଇଥିବା ବୁଝାମଣାପତ୍ର ଅନୁଯାୟୀ ଅନୁଗୁଳ, ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଆସନ୍ତା ୩ ବର୍ଷ ମଧ୍ୟରେ ପଦକ୍ଷେପ ନିଆଯିବ ଏବଂ ଏହାର ସଫଳତା ଭିତ୍ତିରେ ଏହି ପଦ୍ଧତିକୁ ସମଗ୍ର ରାଜ୍ୟରେ ବିକଶିତ କରାଯିବ। ସେହିପରି କୃଷି ପରିବେଶ ନିରାପତ୍ତା ଫାଉଣ୍ଡେସନ୍ ରାଜ୍ୟର ଜମି ଓଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର କରି ପ୍ରାକୃତିକ ସମ୍ବଳର ସୁବିନିଯୋଗ ନିମନ୍ତେ ଗ୍ରାମ୍ୟ ଅନୁଷ୍ଠାନ ଓ ସ୍ଥାନୀୟ ସଂଘ ଜରିଆରେ କାର୍ଯ୍ୟରା କରିବ। ଏଥି ନିମନ୍ତେ କୃଷି ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ତାଲିମ ଦିଆଯିବ। କୃଷି କ୍ଷେତ୍ରରେ ଅଭିନବ ଯନ୍ତ୍ରପାତିର ପ୍ରୟୋଗ ସହିତ କୃଷକଙ୍କ କାର୍ଯ୍ୟକୁ ସହଜ କରିବା ଏବଂ କୃଷି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ଶ୍ରମ ଲାଘବ ପାଇଁ ନୂତନ ଉଦ୍ଭାବନାକୁ ଉତ୍ସାହିତ କରିବା ଦିଗରେ ଜାତୀୟ ନବସୃଜନ ଫାଉଣ୍ଡେସନ -ଇଣ୍ଡିଆ କାର୍ଯ୍ୟ କରିବ। ଏନେଇ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରିବେଶ ଅନୁକୂଳ କୃଷି କାର୍ଯ୍ୟ ତଥା ଜଳ ସଂପଦର ସୁପରିଚାଳନା ଦିଗରେ ଏହି ବୁଝାମଣାପତ୍ର ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

### ଫସଲ ଋଣ

ସେହି ସଂଖ୍ୟାରେ ଚାଷୀ ଧାନ ବିକ୍ରି ପ୍ରକ୍ରିୟାରେ ସାମିଲ ହେଉନଥିବାରୁ ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠୁ ବଳକା ଧାନ କ୍ରୟ ତଥା ସେମାନଙ୍କୁ ୨୪ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ସମବାୟ ରେଜିଷ୍ଟ୍ରାର କହିଛନ୍ତି ଯେ, ଚଳିତ ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଜୁନ୍ ୩୦ତାରିଖରେ ଶେଷ ହେବ। କିନ୍ତୁ ଜୁନ୍ ୨୨ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୧ଲକ୍ଷ ୬୪ହଜାର ୯୦୮ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ ଓ ସେଥିରୁ ୧ଲକ୍ଷ ୫ହଜାର ୬୪୩ଜଣ ଚାଷୀ ନିଜର ଧାନକୁ ପ୍ୟାକ୍ସଗୁଡ଼ିକରେ ବିକ୍ରି କରିଛନ୍ତି। କିନ୍ତୁ ଚଳିତ ରବି ଋତୁରେ ୧୪ଲକ୍ଷ ୮୯ହଜାର ୮୮ଜଣ ଚାଷୀ ଫସଲ ଋଣ ନେଇଛନ୍ତି। ଋଣ ନେବା ଓ ଧାନ ବିକ୍ରି ଚାଷୀଙ୍କ ମଧ୍ୟରେ ପ୍ରାୟ ୧୩.୨୫ଲକ୍ଷ ଚାଷୀଙ୍କ ପାର୍ଥକ୍ୟ ରହିବା ସରକାରଙ୍କୁ ଚିନ୍ତାରେ ପକାଇଛି। ଏହି କାରଣରୁ ଉଭୟ ଖରିଫ୍ ଓ ରବି ଋତୁରେ ଋଣ ନେଉଥିବା ଚାଷୀଙ୍କ ସଂଖ୍ୟା ଏବଂ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ମଧ୍ୟରେ ସମାନତା ରକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଖରିଫ ଋତୁରେ ୧୭.୩୪ଲକ୍ଷ ଚାଷୀଙ୍କୁ ୫୨୯୯.୬୫କୋଟି ଟଙ୍କା, ୨୦୧୬-୧୭ ରବି ଋତୁରେ ୧୫ଲକ୍ଷ ଚାଷୀଙ୍କୁ ୪୯୦୦କୋଟି ଟଙ୍କା, ୨୦୧୭ ଖରିଫ୍ ଋତୁରେ ୧୫.୮୭ଲକ୍ଷ ଚାଷୀଙ୍କୁ ୫୬୪୨.୬୧ କୋଟି ଟଙ୍କା , ୨୦୧୭-୧୮ ରବି ଋତୁରେ ୧୪.୮୯ ଲକ୍ଷ ଚାଷୀଙ୍କୁ ୫୩୬୩ କୋଟି ଟଙ୍କା ଋଣ ବଣ୍ଟନ ହୋଇଥିଲା।

ପର୍ଯ୍ୟଟନ ଚିତ୍ର

# ଗାଣପତ୍ୟ ଉପାସନାର ପରମ୍ପରା
# ଶ୍ରୀଗୋପାଳ ଗଣପତି



ସମଗ୍ର ଗୋଆରେ ବୁଲିବା ପାଇଁ ମୋତେ ଅନେକ ସମୟ ଲାଗିଥିଲା। ପ୍ରକୃତରେ କ'ଣ ପାଇଁ ଗୋଆରେ ଏତେ ଦିନ ବୁଲିଥିଲି ତାହା ଆପଣମାନେ ଜାଣି ନାହାନ୍ତି ଏବଂ ସେ ବିଷୟରେ ମଧ୍ୟ ମୁଁ ବର୍ତ୍ତମାନ ଆପଣମାନଙ୍କୁ ସୂଚନା ଦେବି ନାହିଁ ତା'ର କାରଣ ହେଲା ଗୁପ୍ତଧନ ଆଉ ଗୁପ୍ତ କଥା ଜାଣିବା ପାଇଁ ସମସ୍ତଙ୍କ ମନରେ ଏକପ୍ରକାର ଉତ୍କଣ୍ଠା ଥାଏ। ମୁଁ ଆଶା କରିବି ଯେ, ଆପଣମାନେ ମୋର ଗୋଆ ବୁଲିବାକୁ ନେଇ ଉତ୍କଣ୍ଠାର ସହ ରହିଥାନ୍ତୁ। ଆଉ ଆପଣମାନଙ୍କ ପାଖରେ ମୋର ଅନୁଭୂତିର ପସରା ଦିନ ପରେ ଦିନ ଖୋଲିଚାଲେ। ତେବେ ଏହା ଭିତରେ ଆମେ ଯାତ୍ରା ଆରମ୍ଭ କରିଥିଲୁ ପାଣାଜୀରୁ। ଆଜି ଯାତ୍ରା ଥିଲା ପାଣାଜୀରୁ ୨୬ କିଲୋମିଟର ଦୂରରେ ଥିବା ଶ୍ରୀ ଗୋପାଳ ଗଣପତି ମନ୍ଦିର। ଏଭଳି ମନ୍ଦିରର ନାଁ ଶୁଣିବା ମାତ୍ରେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗିଥିଲା ଆପଣମାନଙ୍କୁ ମଧ୍ୟ ଲାଗୁଥିବ। ହେଲେ ସବୁଠାରୁ ବଡ କଥା ହେଲା ମୋ ଗାଡି ଚାଳକ ଆଜିର ଯାତ୍ରା ପାଇଁ ଖୁବ୍ ଉତ୍ସାହିତ ଥିଲେ ତା'ର କାରଣ ହେଲା ତାଙ୍କ ବଡ ଭାଇଙ୍କର ଏକ ଦୋକାନ ସେହି ମନ୍ଦିର ନିକଟରେ ଥିଲା। ସକାଳୁ ଆମେ ବାହାରିବା ବେଳକୁ ଗାଡି ଚାଳକ ଆମକୁ ମଧ୍ୟାହ୍ନ ଭୋଜନର ନିମନ୍ତ୍ରଣ ତାଙ୍କ ଭାଇଙ୍କ ଘରେ କରିବା ପାଇଁ ଦେଇ ସାରିଥିଲେ। ତେବେ ତାଙ୍କ ଉତ୍କଣ୍ଠାକୁ ଦେଖି ମୁଁ ତାଙ୍କୁ ଶ୍ରୀ ଗୋପାଳ ଗଣପତି ମନ୍ଦିର ସମ୍ପର୍କରେ କିଛି ସୂଚନା ଦେବା ପାଇଁ ତାଙ୍କୁ କହିଥିଲି। ସେ ସାଙ୍ଗେ ସାଙ୍ଗେ କହିବା ଆରମ୍ଭ କଲେ। ତାଙ୍କ ସୂଚନାରୁ ଆମେ ଯାହା ଜାଣିବାକୁ ପାଇଲୁ ଯେ, ଏହି ମନ୍ଦିରକୁ ନେଇ ଅନେକ ଅଲୌକିକତା ରହିଛି। ତାଙ୍କ କହିବା ଅନୁସାରେ ଏବଂ ଲୋକକଥା ଅନୁସାରେ ଏଠାରେ ଥିବା ଗଣପତିଙ୍କ ମୂର୍ତ୍ତିକୁ ଜଣେ ଗାଈ ଜଗୁଆଳ ପ୍ରଥମେ ଠାବ କରିଥିଲେ ଏବଂ ଏକ ଛୋଟ ମନ୍ଦିର ନିର୍ମାଣ କରି ଏହାକୁ ପୂଜା କରିଥିଲେ। ଏହାପରେ ପର୍ତ୍ତୁଗୀଜମାନଙ୍କ ଶାସନ ସମୟରେ ତତ୍କାଳୀନ ପର୍ତ୍ତୁଗୀଜ ଭାଇସରାଏ ପୋଣ୍ଡାର ଦୁର୍ଗ ଆକ୍ରମଣ କରିବା ସମୟରେ ହଠାତ୍ ତାଙ୍କ ସାମ୍ନାରେ ବିଶାଳ ସେନାବାହିନୀ ସହ ଯୁଦ୍ଧ କରିବା ପାଇଁ ଆସିଥିଲେ ମରାଠା ଶାସକ ଶାମ୍ଭାଜୀ ଏବଂ ଶେଷରେ ପର୍ତ୍ତୁଗୀଜ ଶାସକଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପଡିଥିଲା। ତେବେ ବର୍ତ୍ତମାନର ଏହି ଶ୍ରୀଗଣେଶ ମନ୍ଦିର ଗୋଆର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଦୟାନନ୍ଦ ଭାନ୍ଦୋଡକର ଦ୍ୱାରା ନିର୍ମିତ ହୋଇଥିଲା। ଏପରିକି ଦୟାନନ୍ଦ ଗଣେଶଙ୍କର ଧାତୁ ନିର୍ମିତ ମୂର୍ତ୍ତୀ ମଧ୍ୟ ସ୍ଥାପନ କରିଥିଲେ। ଗାଡି ଚାଳକଙ୍କ ଏତିକି ସୂଚନା ମଧ୍ୟରେ ଆମେ ଉତ୍ତର ଗୋଆର ପୋଣ୍ଡା ତାଲୁକାରେ ଥିବା ଏହି ଶ୍ରୀଗୋପାଳ ଗଣପତି ମନ୍ଦିରରେ ପହଞ୍ଚି ସାରିଥିଲୁ। ମନ୍ଦିରଟି ଏକ ଶାନ୍ତ ସରଳ ପରିବେଶରେ ଅବସ୍ଥିତ। ସେହିପରି ଗୋଆର ପ୍ରତି ମନ୍ଦିର ଭଳି ଏଠାରେ ମଧ୍ୟ ଏକ ସୁନ୍ଦର ଦୀପ ସ୍ତମ୍ଭ ଆମେ ଦେଖିବାକୁ ପାଇଲୁ। ଆମେ ମନ୍ଦିର ପାଖରେ ପହଞ୍ଚିବା ବେଳକୁ ଆମ ଗାଡି ଚାଳକଙ୍କ ଭାଇ ଆମକୁ ଅପେକ୍ଷା କରିଥିଲେ। ଆମେ ତା'ପରେ ତାଙ୍କ ସହ ମନ୍ଦିର ଭିତରକୁ ଯାଇଥିଲୁ। ମନ୍ଦିର ଭିତରେ ରହିଥିଲା ରାଧାକୃଷ୍ଣଙ୍କର ବିଭିନ୍ନ ଲୀଳାର ଚିତ୍ର। ଖୁବ୍ ସୁନ୍ଦର ଥିଲା ଦେଖିବା ପାଇଁ ମୁଁ ମନେ ମନେ ଭାବିଲି ଯେ ପ୍ରକୃତରେ ମନ୍ଦିରର ନା' ବୋଧେ ଏଥିପାଇଁ ଶ୍ରୀଗୋପାଳ ଗଣପତି ମନ୍ଦିର ରଖାଯାଇଛି। ମୁଁ ଯାହା ଜାଣିଥିଲି ପଶ୍ଚିମ ଭାରତରେ ଗଣପତିଙ୍କ ଉପାସନା ଖୁବ୍ ପ୍ରାଚୀନ। ମୁମ୍ବାଇର ସିଦ୍ଧି ବିନାୟକଙ୍କ ପୀଠ ରହିଛି ସେହିଭଳି ମୁମ୍ବାଇରେ ପ୍ରତିବର୍ଷ ସାର୍ବଜନୀନ ଗଣେଶ ପୂଜା ଖୁବ୍ ଭକ୍ତି ଭାବରେ ସହ ଆୟୋଜନ ହୋଇଥାଏ। ଗୋଆ ଗଣପତିଙ୍କୁ ଦର୍ଶନ କରିବା ଭିତରେ ମୋର ମନେ ପଡିଲା ଯେ, ମହାରାଷ୍ଟ୍ରର ଗଣପତି ଉପାସକ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କ ନିକଟରେ ଗଣପତିଙ୍କୁ ନଦେଖି ମନ ଦୁଃଖରେ ଫେରିବା ବେଳକୁ ପରା ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସ୍ନାନ ବେଦୀରେ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ଆଉ ଗଣପତି ଭଟ୍ଟ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କରି ଖୁବ୍ ଭାବବିହ୍ୱଳ ହୋଇଗଲେ। ଭକ୍ତ ଗଣପତି ଭଟ୍ଟଙ୍କ କଥା ମନେ ମନେ ଭାବୁଥିଲି ଏଣେ ଗୋଆର ଏହି ମନ୍ଦିରରେ ଶ୍ରୀଗଣପତିଙ୍କର ଦର୍ଶନ ମଧ୍ୟ କରୁଥିଲି ଏହାରି ଭିତରେ ଗାଡି ଚାଳକଙ୍କ ଭାଇ ଦୀପ ଆଣି ମୋତେ ଦେଲେ ଆମେ ଦୀପ ଜାଳିଲୁ ଆଉ ବାହାରକୁ ଆସିଲୁ। ପଶ୍ଚିମ ଭାରତରେ ଗାଣପତ୍ୟ ଉପାସନାର ପରମ୍ପରା କେତେ ପ୍ରାଚୀନ ଏବଂ ସମୃଦ୍ଧ ଥିଲା ତାହା ଏହି ମନ୍ଦିରକୁ ଦେଖିବା ଭିତରେ ମୋ ମନ ଭିତରକୁ ଆସୁଥିଲା।



*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ

# ବେଆଇନ ପଥର ଖଣି ଉପରେ ଚଢାଉ

**ଖୋରଧା :** ବେଆଇନ ପଥର ଖଣିଗୁଡ଼ିକରୁ ଅବିଶ୍ରାନ୍ତ ଭାବରେ ଅନ୍ୟତ୍ର ପଥର ଚୋରା ଚାଲଣ ହେଉଥିବା ବେଳେ ଏହାକୁ ରୋକ୍ ଲଗାଇ ପାରୁ ନି ଖୋରଧା ଜିଲ୍ଲା ପ୍ରଶାସନ। କାଁ ଭାଁ କେତେ ବେଳେ କେମିତି ଲୋକ ଦେଖାଣିଆ ଭାବରେ ପଥର ଖଣି ଗୁଡ଼ିକ ଉପରେ ଚଢାଉ କରାଯାଇ ନିଜର ଦାୟିତ୍ୱ ସାରିଦେଇଥିବା ବେଳେ ପଥର ଖଣି ମାଫିଆମାନେ ଜିଲ୍ଲା ପ୍ରଶାସନର ଚଢାଉକୁ ଖାତିର ନ କରି ଦିନକୁ ଦିନ ନିଜର କାୟା ବିସ୍ତାର କରି ଚାଲିଛନ୍ତି। ଖୋରଧା ରାଜସ୍ୱ ବିଭାଗ ତରଫରୁ ତା.୨୬.୦୬.୨୦୧୮ରିଖ ଦିନ ଉପଜିଲ୍ଲାପାଳ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ କାଇପଦର ନିକଟସ୍ଥ ଟାଙ୍ଗେଣୀ ପଥର ଖଣି ଉପରେ ଚଢାଉ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଖଣି ମାଫିଆମାନେ ସେହି ସ୍ଥାନ ଛାଡ଼ି ଚମ୍ପଟ ମାରିଥିବା ବେଳେ ପଥର ଖଣି ଚୋରି କାରବାରରେ ନିୟୋଜିତ ଗୋଟିଏ ପ୍ରୋକ୍‌ଲିନ୍ ମେସିନ୍ ଗୋଟିଏ କମ୍ପ୍ରେସର ଓ ଦୁଇଗୋଟି ଟ୍ରକ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ସବୁ ଚଢାଉ ଲୋକ ଦେଖାଣିଆ ଭାବରେ ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ବେଳେ ଏହାକୁ ରୋକିବାରେ ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି। ଏହି ବେଆଇନ ପଥର ଖଣି ଚୋରାକାରବାରରେ ସ୍ଥାନୀୟ କେତେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀ ଏବଂ ସ୍ଥାନୀୟ ପୁଲିସ କର୍ମଚାରୀଙ୍କ ହାତ ଥିବା ନେଇ ସବୁ ଆଡ଼େ ଚର୍ଚ୍ଚା ହୋଇଛି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏହି ପଥର ଖଣି ଚୋରା କାରବାରରେ ଲିପ୍ତ ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ମଧ୍ୟ ଆଲୋଚନା ହେଉଛି। ଯେ ପର୍ଯ୍ୟନ୍ତ ଏହି ପଥରଖଣି ଗୁଡ଼ିକ ସରକାରୀ ଭାବରେ ନିଲାମ ଡ଼କା ନ ଯାଇଛି ସେ ପର୍ଯ୍ୟନ୍ତ ଏହି ଚୋରା ପଥର ଖଣି କାରବାରକୁ ରୋକା ଯାଇ ପାରିବ ନାହିଁ। ଏଣୁ ରାଜସ୍ୱ ବିଭାଗ ତଥା ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସରକାରୀ ଭାବରେ ନିଲାମ କରାଯିବା ନିମନ୍ତେ ସାଧାରଣରେ ମତ ପ୍ରକାଶ ପାଉଛି। ପଥର ଖଣି ମାଫିଆମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସାଧାରଣ ଲୋକେ ଶାନ୍ତି ରହି ପାରୁ ନଥିବା ଏବଂ ଭୟଭୀତ ଭାବରେ ବସବାସ କରୁଥିବା ନେଇ ବହୁବାର ଜିଲ୍ଲାପାଳ ତଥା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଇ ପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ଏ ସମ୍ପର୍କରେ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବୀ ହେଉଛି।

# ଓଡିଶା ବନ ଉନ୍ନୟନ ନିଗମର ଅବସରପ୍ରାପ୍ତ କର୍ମଚାରୀଙ୍କ ଜରୁରୀ ବୈଠକ

**ଦଶପଲ୍ଲା :** ଦଶପଲ୍ଲା ଓ.ଏଫ୍.ଡି.ସି ଡିପୋ କାର୍ଯ୍ୟାଳୟ ଠାରେ ଓଡିଶା ବନ ଉନ୍ନୟନ ନିଗମର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ନେଇ ଏକ ବୈଠକ ତା ୨୪.୦୬.୨୦୧୮ ରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ନିଗମର ବୈମାତୃକ ମନୋଭାବ ଯୋଗୁଁ କର୍ମଚାରୀ ମାନଙ୍କର ଅକଥନୀୟ ଦୁଃଖ କଷ୍ଟ ଦୂର ପାଇଁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇ ଥିଲା । ଆଲୋଚିତ ବିଷୟ ଗୁଡିକ ମଧ୍ୟରେ- ବର୍ଦ୍ଧିତ ପେନ୍‌ସନକୁ ଶ୍ରୀଘ୍ର କାର୍ଯ୍ୟକାରୀ କରିବା , ଦଶପଲ୍ଲା ଅବସର ପ୍ରାପ୍ତ ବନକର୍ମଚାରୀ ମାନଙ୍କୁ ରାଜ୍ୟ ସଂଘରେ ସାମିଲ କରାଇ ସଂଘକୁ ଦୃଢିଭୂତ କରି ସମସ୍ତ ସୁବିଧା ସୁଯୋଗ ପାଇବା ,ଭି.ଆର୍.ଏସ୍ ନେଇଥିବା କର୍ମଚାରୀ ମାନେ ବର୍ଦ୍ଧିତ ପେନ୍‌ସନ ପାଇଁ ଅଯୋଗ୍ୟ ଅଟନ୍ତି ଏହି କଥାର ଗୁରୁତ୍ୱ ଆଲୋଚନା, ବର୍ଦ୍ଧିତ ପେନ୍‌ସନ ପାଇବା ପାଇଁ ଆବଶ୍ୟକ ସମସ୍ତ ଫର୍ମ ପୁରଣ କରି ତାହାକୁ ରାଜ୍ୟ ସଂଘରେ ପଂହଚାଇ ଏହାର ଫଳାଫଳ ୭ ଦିନ ମଧ୍ୟରେ କର୍ମଚାରୀ ମାନଙ୍କ ପାଖରେ ପଂହଚାଇବା ପାଇଁ ଗଙ୍ଗାଧର ମିଶ୍ରଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବା ସହିତ ଆଗାମୀ ଦିନରେ ସଂଘର ସମସ୍ତ ଦାୟୀତ୍ୱ ଜଗଦୀଶ ମିଶ୍ର,ନୀଳକଣ୍ଠ ସାହୁ, ଗଙ୍ଗାଧର ମିଶ୍ରଙ୍କୁ ପରିଚାଳନା କରିବା ପାଇଁ ଦାୟୀତ୍ୱ ଦିଆ ଯାଇଥିଲା । ଏହି ବୈଠକରେ ୭୬ ଜଣ ଅବସର ପ୍ରାପ୍ତ ବନକର୍ମଚାରୀ ଯୋଗଦେଇ ଥିଲେ । ନିଜର ଦୁଃଖ କଷ୍ଟ ଜୀବନ କାଳରେ ସ୍ୱଳ୍ପ ବେତନ ପାଇ କିପରି ସମସ୍ତ ସମୟ ବନ୍ନ ଉନ୍ନୟନ ନିଗମରେ ସମର୍ପି ଦେଇଥିଲେ ନିଜ ନିଜର ଅନୁଭୂତି ବଖାଣି ଥିଲେ । ଯାହାକି ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଓ ଦୁଃଖଦାୟକ ଥିଲା । ସର୍ବଶେଷରେ ଖୁବ୍ ଶୀଘ୍ର ଏହାର ସମାଧାନ କାର୍ଯ୍ୟ କରାଯିବା ପାଇଁ ସମସ୍ତ କର୍ମଚାରୀ ନିଷ୍ପତି ନେଇଥିଲେ ।

# ଆନ୍ତର୍ଜାତିକ ନିଶାଦ୍ରବ୍ୟ ବିରୋଧି ଦିବସ ପାଳିତ

**ଖୋରଧା :** ଜିଲ୍ଲାସ୍ତରୀୟ ଆନ୍ତର୍ଯାତୀକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ବିରୋଧି ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଖୋରଧାର ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖୋରଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ନିଜ ବକ୍ତବ୍ୟରେ କହିଥିଲେ ନିଶାଶକ୍ତ ବ୍ୟକ୍ତି ନିଜର ଜୀବନକୁ ନିଜ ହାତରେ ନିର୍ଯ୍ୟାତିତା କରିବା ସହ ସମାଜକୁ ମଧ୍ୟ କଳୁଷିତ କରିଥାଏ। ଏହି ସାମାଜିକ ବିରୋଧି ମନୋଭାବକୁ ଉପିଡ଼ିନ କରିବା ପାଇଁ ଆମକୁ ସଚେତନ ହେବା ସହ ସମାଜ ର ପ୍ରତ୍ୟେକ ସ୍ତରରେ ସଚେତନତାର ବାର୍ତ୍ତା ଦେବାକୁ ପଡ଼ିବ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଫେସର ଡ଼.ପ୍ରତାପ ରଥ ନିଶା ଶକ୍ତଙ୍କ ଉପରେ ମନୋ ବିଜ୍ଞାନ ମାଧ୍ୟରେ ଉପସମ ସମନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ଖୋରଧା ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ ସମାଜସେବୀ ଲିଙ୍କନ ସୁବୁଧି ଏବଂ ବ୍ରହ୍ମାକୁମାରୀ ଅନୁରାଧା ଓ ଜୟକୃଷ୍ଣ ମିଳିତ ଭାବରେ ନିଶା ଦ୍ରବ୍ୟର ଅବୈଧ କାରବାର ଉପରେ ଜନ ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ସଭାରେ ନାନା ପ୍ରକାର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅଣ ଦେଖା କରାଯାଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜର ଅସନ୍ତୋଷ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଜାହିରି କରିଥିଲେ।

# କଏନ୍ ପ୍ରଚଳନ ଠପ୍
## ଜନସାଧାରଣ ହନ୍ତସନ୍ତ

**ଦଶପଲ୍ଲା :** ଭାରତୀୟ ରିଜର୍ଭବ୍ୟାଙ୍କ ଦ୍ୱାରା ପ୍ରଚଳନ ଦଶଟଙ୍କିଆ ମୁଦ୍ରା ଓ ଛୋଟ ଟଙ୍କକିଆ ମୁଦ୍ରା ବୈଧ ଅଟେ। ମାତ୍ର ଦଶପଲ୍ଲା ବଜାର ଓ ଏହାର ଆଖ ପାଖ ଅଂଚଳରେ ଏହାର ପ୍ରଚଳନ ଠପ୍ ହୋଇଯାଇଛି। ଫଳରେ ଗରିବ ଲୋକମାନେ ବିଶେଷ ଭାବରେ ହଇରାଣ ହେଉଛନ୍ତି । ଗାଡି ମଟରରେ ଯାଆସ,ପନିପରିବା କିଣିବା,ସାଧାରଣ ଜିନିଷ କିଣିବା ସମୟରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ନିଜ ପାଖରେ ମୁଦ୍ରା ଥାଇ ମଧ୍ୟ ଚିନ୍ତାରେ ପଡୁଛନ୍ତି । ଏହାର ସୁ ବିନିଯୋଗ ପାଇଁ ପ୍ରଶାସନ ସକ୍ରିୟ ହେଲେ ସମସ୍ତେ ଉପକୃତ ହେବେ ବୋଲି ଜନସାଧାରଣରେ ଦାବି ହେଉଛି।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ :** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଏକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମଦମୁକ୍ତ ସମାଜ ଗଠନ ପାଇଁ ଆରମ୍ଭ ହୋଇଛି 'ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ' । ଏହା ପ୍ରଥମ ଅତାବିରା ଆଇସିଡିଏସ୍ କାର୍ଯ୍ୟାଳୟରେ ମନାପଡା ଓ ପାହାଡଶ୍ରୀପିଡା ଏଡବ୍ଲ୍ୟୁଡବ୍ଲ୍ୟୁ କର୍ମୀମାନଙ୍କୁ ନେଇ ଏକ ସଚେତନତା ଶିବିର ସଭାପତି ମୁକୁନ୍ଦ ଦାଶଙ୍କ ଦ୍ୱାରା ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତାବିରା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷପତି ବେହେରା ଓ ମୁଖ୍ୟବକ୍ତା ଭାବରେ ଆଇସିଡିଏସ୍ ସିଡିପିଓ ଅନୁରାଧା ମହାନ୍ତି ଯୋଗ ଦେଇ କର୍ମୀମାନଙ୍କୁ ଗ୍ରାମାଞ୍ଚଳ ମାନଙ୍କରେ ସଚେତନତା ପାଇଁ ସହଯୋଗ ଓ ସଚେତନତା ପାଇଁ ସାହାଯ୍ୟ କରିବା ପାଇଁ ସମସ୍ତଙ୍କୁ ଜଣାଇଥିଲେ। ଏଥିରେ ୭୫ଜଣ ଏଡବ୍ଲ୍ୟୁଡବ୍ଲ୍ୟୁ ଯୋଗଦାନ ଦେଇଥିବା



ବେଳେ ଏଡବ୍ଲ୍ୟୁଡବ୍ଲ୍ୟୁ ସୁପରଭାଇଜର ସମସ୍ତ ସହଯୋଗ କରିଥିଲେ। ଜନକଲ୍ୟାଣ ସେବାଟ୍ରଷ୍ଟ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ସିଡିପିଓ ଅନୁରାଧ ମହାନ୍ତିଙ୍କୁ ଟ୍ରଷ୍ଟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଗତ ଦିନ ମାନଙ୍କରେ ସମସ୍ତ ପଞ୍ଚାୟତ ସ୍ତରରେ ହେବ ବୋଲି ସଭାପତି ମୁକୁନ୍ଦ ଦାଶ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶେଷ ଭାବରେ କୁନୁ ମହାନ୍ତି, ଶିଶିର ମେହେର, ଚନ୍ଦ୍ରଶେଖର ବାଗ୍, ପ୍ରତିମା ତ୍ରିପାଠୀ, ସମ୍ପାଦିକା ନାରାୟଣ ସେନାପାତ୍ରଙ୍କ ସମେତ ବହୁ କର୍ମୀମାନେ ସହଯୋଗ କରିଥିଲେ। କୁନୁ ମହାନ୍ତି ଓ ଶିଶିର ମେହେରଙ୍କ ଦ୍ୱାରା ଟ୍ରଷ୍ଟ ପକ୍ଷରୁ ଆସନ୍ତା ଦିନ ମାନଙ୍କରେ ଏହି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ସଚେତନତା ମହଲରେ ଟ୍ରଷ୍ଟକୁ ଶୁଭେଚ୍ଛା ଜଣାଯାଇଛି।



# ଓଡ଼ିଶାରେ ଗଡ଼ିବ ବିଳାସପୂର୍ଣ୍ଣ ଟ୍ରେନ୍



**ଭୁବନେଶ୍ୱର :** ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ଚାଲିବ ବିଳାସପୂର୍ଣ୍ଣ ରେଳ। ଏନେଇ ସଚିବାଳୟ ଠାରେ ରେଳ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଳବାଇ ବୋର୍ଡର ଅତିରିକ୍ତ ସଦସ୍ୟ ସଞ୍ଜୀବ ଗର୍ଗଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପର୍ଯ୍ୟଟନ ସଚିବ ବିଶାଳ କୁମାର ଦେବ, ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ରେଳବାଇ ସମନ୍ୱୟ କମିଶନର ମନୋଜ ମିଶ୍ର ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ନୀତିନ୍ ଭାନୁ ଦାସ ଜାୱ୍ଲେଙ୍କ ସମେତ ରେଳବାଇ ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ରେଳ ମନ୍ତ୍ରଣାଳୟର ପ୍ରସ୍ତାବ ଅନୁସାରେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ମନ୍ତ୍ରଣାଳୟ ଟ୍ରାକ୍ ବିଛାଇବାର କାର୍ଯ୍ୟ କରିବ। ଟ୍ରେନ୍ କୁଇନ୍ ନାମରେ ଏହା ଓଡ଼ିଶାରେ ଚଳାଚଳ କରିବ। ଏହା ବାଲେଶ୍ୱରର ଚାନ୍ଦିପୁର, ଭିତରକନିକା, ଶିମିଳିପାଳ, କୋଣାର୍କ, ପୁରୀ-କୋଣାର୍କ ବେଳାଭୂମି, ବାଲୁଗାଁ, ଚିଲିକା, ଡେବ୍ରିଗଡ଼ ଏବଂ ସମ୍ବଲପୁର ଆଦି ସ୍ଥାନକୁ ଚଳାଚଳ କରିବ। ଏହି ପ୍ରସ୍ତାବର ଆର୍ଥିକ, ପ୍ରଶାସନିକ, ବ୍ୟବସାୟିକ ଓ ପରିଚାଳନାଗତ ଦିଗଗୁଡ଼ିକର ସବିଶେଷ ଅନୁଧ୍ୟାନ କରି ଏକ କାର୍ଯ୍ୟକାରୀ ବା ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟଟନ ସଚିବ ବିଶାଳ ଦେବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି) ଓ ରେଳବାଇ ବୋର୍ଡର ମିଳିତ ସହଯୋଗରେ ଏହା କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ଦେଶର ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବିଳାସପୂର୍ଣ୍ଣ ରେଳ ସ୍ଥାନୀୟ ପର୍ଯ୍ୟଟନରେ ସହାୟକ ହୋଇଛି। ରେଳବାଇ ବୋର୍ଡ ତରଫରୁ ପ୍ୟାଲେସ୍ ଅନ୍ ହ୍ୱିଲ୍ସ, ଡେକାନ୍ ଆଡେଶୀ, ଗୋଲଡେନ୍ ଚାରିଅଟ୍ ଏବଂ ମହାରାଜା ଏକ୍ସପ୍ରେସ୍ ଆଦି ନାମରେ ଟ୍ରେନଗୁଡ଼ିକୁ ନାମିତ କରାଯାଇଛି। ଏହି ଟ୍ରେନଗୁଡ଼ିକରେ ପଞ୍ଚତାରକା ହୋଟେଲ୍ ଭଳି ସୁବିଧା ରହିଛି। ବିଭିନ୍ନ ସ୍ଥାନ ପରିଭ୍ରମଣ ପାଇଁ ୭ ଦିନିଆ ଓ ୩ ଦିନିଆ ପ୍ୟାକେଜ୍ ବ୍ୟବସ୍ଥା କରାଯାଇଛି। ଷ୍ଟେସନରୁ ପର୍ଯ୍ୟଟନ ସ୍ଥଳରେ ପହଞ୍ଚିବା ପାଇଁ ଭଲ୍‌ବୋ ବସ୍‌ର ବ୍ୟବସ୍ଥା ହୋଇଚି। ଏହା ଏକ ପୂର୍ବ ଆୟୋଜିତ ପରିଭ୍ରମଣ ହୋଇଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ଏହା ଆମୋଦଦାୟକ ହୋଇଥାଏ ବୋଲି କୁହାଯାଇଛି। ଏଗୁଡ଼ିକରେ ଗୋଟିଏ ଟ୍ରେନରେ ବିଭିନ୍ନ ସେବା ଓ ସୁବିଧା ଯୋଗାଇ ଦେବା ପାଇଁ ୯ଟି ଡବା ରହେ। ତା'ସହ ପର୍ଯ୍ୟଟକଙ୍କ ଲାଗି ୧୧ରୁ ୧୩ଟି କୋଚ ରହିବାର ବ୍ୟବସ୍ଥା ହୋଇଛି। ପ୍ରତି କୋଚ୍‌ରେ ୮୮ ଜଣ ଯାତ୍ରୀ ଯାଇପାରିବେ। ଗୋଟିଏ କୋଚ୍ ନିର୍ମାଣ ପାଇଁ ପ୍ରାୟ ୨.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ ବୋଲି ଏହି ବୈଠକରେ କୁହାଯାଇଥିଲା।

# ମହାନଦୀ ସୁରକ୍ଷା ସମିତି ପକ୍ଷରୁ ଧାରଣା ଓ ଦାବିପତ୍ର



**ସୋନପୁର :** ସୁବର୍ଣ୍ଣପୁର ମହାନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଓ ଧାରଣା ଦିଆଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମହାନଦୀ ସୁରକ୍ଷା ସମିତିର ଅଧ୍ୟକ୍ଷ ତଥା ଝାରସୁଗୁଡା ବିଧାୟକ ନବକିଶୋର ଦାସ ଯୋଗଦେଇଥିଲେ । ଦୀର୍ଘ ଦିନରୁ ଧରି ମହାନଦୀ ଉପର ମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ଓ ଡ୍ୟାମ ନିର୍ମାଣ କରିଚାଲିଛି। ଫଳରେ ଓଡିଶାର ଜୀବନରେଖା କୁହାଯାଉଥିବା ମହାନଦୀ ପ୍ରତି ଏକ ବଡ ବିପଦ ମାଡି ଆସିଛି । ଏବେ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଲଢାଇ କରିବାର ସମୟ ଆସିଛି ବୋଲି ମତ ପ୍ରକାଶ କରିଥିଲେ ଶ୍ରୀ ଦାସ। ମହାନଦୀ ସୁରକ୍ଷା ସମିତି ସମ୍ବଲପୁରର ଆବାହକ ଭାଗବତ ପ୍ରସାଦ ନନ୍ଦଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଅଶୋକ ବିଶି, ବିଡିସିସି ସଭାପତି ଲକ୍ଷ୍ମଣ ମେହେର, ସୋନପୁର ଆବାହକ ଗୋବିନ୍ଦ ମହାରଣା, ଦେବେନ ପଣ୍ଡା, ଭକ୍ତ ପ୍ରକାଶ ନନ୍ଦ, ଗୋଲକ ବିହାରୀ ମିଶ୍ର, ସଦସ୍ୟ ଗୌରୀଶ୍ୟାମ ପଣ୍ଡା,କଂଗ୍ରେସ ନେତା ସର୍ବେଶ୍ୱର ପୁରୋହିତ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ରବି ପାଣିଗ୍ରାହୀ, ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଦାସ, ପିସିସି ସଭ୍ୟ ଜିତେନ୍ଦ୍ର ପଟ୍ଟନାଏକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ସେଠୀ ପ୍ରମୁଖ ଯୋଗଦେଇ ମହାନଦୀ ପାଣିର ଘୋର ଅଭାବ ଦେଖାଦେବ ଓ ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବ ବୋଲି ମତ ଦେଇଥିଲେ ଓ ଏଥିପାଇଁ ଛତିଶଗଡ ସରକାର, ଓଡିଶା ସରକାର ଓ କେନ୍ଦ୍ର ସରକାର ଦାୟୀ ବୋଲି କହିଥିଲେ। ଏବେ ନିକଟରେ କେନ୍ଦ୍ର ସରକାର ଦ୍ୱାରା ଟ୍ରିବ୍ୟୁନାଲ ଗଠନ କରାଯାଇଥିଲେ ମଧ୍ୟ ତାହାର କିଛି ସୁଫଳ ମିଳିବ ନାହିଁ ବୋଲି ପ୍ରତିକ୍ରିୟା ଦେଇଥିଲେ। ସଭାପରେ ମହାନଦୀ ସୁରକ୍ଷା ବିକାଶ ନେଇ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଜରିଆରେ ଜିଲ୍ଲାପାଳ ଦାଶରଥି ଶତପଥୀଙ୍କୁ ପ୍ରଦାନ କରିଥିଲେ। ସୋନପୁର ଆବାହକ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ସଂଯୋଜନା କରିଥିଲେ। ଏଥିରେ ସୁକାନ୍ତି ଏକାଡାମିର ପରିଚାଳନା ନିର୍ଦ୍ଦେଶକ ବିଶ୍ୱନାଥ ତ୍ରିପାଠୀ, ସୁମିତ ପୂଜାରୀ, ସୁଧୀର ପଣ୍ଡା, ଶେଷଦେବ ମେହେର, ପ୍ରଦୀପ ସେଠୀ, ନରଦେବ ଭୋଇ, ମାଧବ କୁମ୍ଭାର ପ୍ରମୁଖ ଶତାଧିକ ମହନଦୀ ସୁରକ୍ଷା ସମିତିର ସଭ୍ୟ ଉପସ୍ଥିତ ରହିଥିଲେ ।

# ଆସନ୍ତା ଶିକ୍ଷାବର୍ଷ ସୁଦ୍ଧା ଜିଲ୍ଲାର ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାର ପ୍ରଥମ ଆଦର୍ଶ ବିଦ୍ୟାଳୟ ରେମୁଣା ବ୍ଲକ୍‌ର ସୁତେଇ ଗ୍ରାମ ଠାରେ ଆରମ୍ଭ ହୋଇଛି। ୫ ଏକର ଜାଗା ଉପରେ ନୂତନ ଭାବେ ନିର୍ମିତ ଗୃହରେ ଆଜିଠାରୁ ପାଠପଢ଼ା ଆରମ୍ଭ ହୋଇଛି। ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଏହି ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ଶିକ୍ଷାଧିକାରୀ ଡ. ହୃଷିକେଶ କାଣ୍ଡି, ରେମୁଣା ଭାରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ମାଳତୀ ଟୁଡୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ କମଳ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିବିଏସ୍‌ସି ପ୍ୟାଟର୍ଣ୍ଣରେ ଶିକ୍ଷାଦାନ ହେବାକୁ ଥିବା ଏହି ବିଦ୍ୟାଳୟରେ ଚଳିତ ବର୍ଷ ଷଷ୍ଠ ସପ୍ତମ ଶ୍ରେଣୀ ଖୋଲିଛି। ପ୍ରତ୍ୟେକ ଶ୍ରେଣୀରେ ୮୦ଜଣ ଛାତ୍ରଛାତ୍ରୀ ପଢ଼ିବାର ବ୍ୟବସ୍ଥା ଥିବାବେଳେ ଏପର୍ଯ୍ୟନ୍ତ ୧୩୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ବାକି ୨୫ ଛାତ୍ରଛାତ୍ରୀଙ୍କ ନାମ ଲେଖାପାଇଁ ରିଏଣ୍ଟ୍ରାନ୍ସ କରାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଡ. କାଣ୍ଡି କହିଛନ୍ତି। ଆସନ୍ତାବର୍ଷ ଏହି ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢ଼ିବେ ବୋଲି ସେ କହିଛନ୍ତି। ବର୍ତ୍ତମାନ ଏହି ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସରିନଥିବାରୁ ସାମୟିକ ଭାବେ ୯ଜଣ ହାଇସ୍କୁଲ୍ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଡେପୁଟେସନ୍‌ରେ ପଠାଯାଇଛି। ରେମୁଣା ବ୍ଲକ୍‌ର ଅତିରିକ୍ତ ଶିକ୍ଷାଧିକାରୀ ସୁନିଲ୍ କୁମାର ମଣ୍ଡଳଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।

# ମଣ୍ଡପ ମାଲିକଙ୍କ ଦାୟିତ୍ୱହୀନତା : ବିଜୁଳି ଲାଗି ଯୁବକ ମୃତ

**ଜଗତସିଂହପୁର,(ସୁଶାନ୍ତ ରାଉତ୍) :** ଗତ କିଛିମାସ ହେବ ରକ୍ଷଣା ବେକ୍ଷଣା ଅଭାବ ଯୋଗୁ ବିପର୍ଯ୍ୟସ୍ତ ହୋଇପଡିଛି ରଘୁନାଥପୁର ଅଞ୍ଚଳର ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ। ଏହି ଅଞ୍ଚଳର ସ୍କୁଲ୍, କଲେଜ୍ ଓ ଆଟିଆଇ ପରି ଛାତ୍ରଛାତ୍ରୀ ଚଳ ପ୍ରଚଳ ସ୍ଥାନରେ ବିପଦଜନକ ଭାବେ ବନ୍ଧାଯାଇଛି ୧୧କେଭିର ତାର। ଯାହାଦ୍ୱାରା କି ବିଦ୍ୟୁତ୍ ଆଘାତରେ ଟଳି ପଡିଛନ୍ତି ଜନୈକ ୨୩ବର୍ଷୀୟ ଯୁବକ ବାପି। ଏଥିପାଇଁ ସମଗ୍ର ରଘୁନାଥପୁର ଓ ଅଢେଇକୂଳ ପଞ୍ଚାୟତ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଖବରରୁ ପ୍ରକାଶ ଯେ ରଘୁନାଥପୁର ଥାନା ଅଧିନ ପୂରଣ ଓଡପଡାର କଟକ ପାରାଦ୍ୱୀପ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଛି 'ପ୍ରମିଳା ମଣ୍ଡପ'। ଯେଉଁ ମଣ୍ଡପକୁ ମାତ୍ରାଧିକ ଭଡା ସୂତ୍ରରେ ରାତିକ ପାଇଁ ନେଇ ଅଞ୍ଚଳବାସୀମାନେ ବିବାହ, ବ୍ରତ ଆଦି କାର୍ଯ୍ୟ କରିଥାନ୍ତି। ମାତ୍ର ମଣ୍ଡପ ମାଲିକଙ୍କ ଦାୟିତ୍ୱହୀନତା ଫଳସ୍ୱରୂପ ମଣ୍ଡପ ଆଗରେ ମାତ୍ର ଦୁଇଫୁଟ ଦୂରତାରେ ୧୧କେଭି ଖୋଲା ବିଦ୍ୟୁଥ୍ ଲାଇନ ଯାଇଥିଲେ ମଧ୍ୟ ସେହି ୧୧କେଭି ତାରକୁ ନହଟାଇ କିମ୍ବା କେବୁଲ ନକରି ମଣ୍ଡପ ମାଲିକ ବିପଦଜନକ ଭାବରେ ବିବାହ, ବ୍ରତ କାର୍ଯ୍ୟ ଆୟୋଜନ କରିଥାନ୍ତି ମାତ୍ର ଏଠାରେ ପ୍ରଶ୍ନ ଉଠେ ଯେ ବିବାହ ମଣ୍ଡପ ଲାଇସେନ୍ସ ଦେବା ବେଳେ ବିଭାଗୀୟ ଅଧିକାରୀ ୧୧କେଭି ଖୋଲା ବିଦ୍ୟୁତ୍ ତାରକୁ ଅଣଦେଖା କରି କିପରି ଭାବେ ଅନୁମତି ପ୍ରଦାନ କଲେ ତାହା ତଦନ୍ତ ସାପେକ୍ଷ।

# ଉନ୍ନୟନ ଯୋଜନା ଫେଲ୍, ପଡିରହିଛି ଟଙ୍କା


**କେନ୍ଦ୍ରାପଡ଼ା,(ଅନନ୍ତ ଗୋପାଳ ସାହୁ) :** ରାଜ୍ୟ ସରକାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଉନ୍ନୟନ କାର୍ଯ୍ୟ ସବୁଠି ଅଧାପନ୍ତରିଆ। ଜିଲ୍ଲା ପ୍ରଶାସନ କିନ୍ତୁ ବିଭିନ୍ନ ବ୍ଲକରେ ଚାଲିଥିବା ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଛି ଯଦ୍ୱାରା ବ୍ଲକ୍ ପ୍ରଶାସନ ପୁରାପୁରି ଏହି କାର୍ଯ୍ୟରେ ଲାଗିପଡିଛନ୍ତି। ଉକ୍ତ ଗୃହ ନିର୍ମାଣ ଯୋଜନାର ସଫଳତାକୁ ବ୍ଲକ୍ ପ୍ରଶାସନର ସଫଳତା ବୋଲି ବିବେଚନା କରାଯାଉଛି। ହେଲେ ବ୍ଲକ୍ ଦ୍ୱାରା ହେଉଥିବା ଅନ୍ୟାନ୍ୟ କାର୍ଯ୍ୟପ୍ରତି ବ୍ଲକ୍ ଅଧିକାରୀଙ୍କ ଦୃଷ୍ଟିନାହିଁ। ଏପରିକି ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବିଭିନ୍ନ ଯୋଜନା ଅଗ୍ରଗତି ହେଉନାହିଁ। ବିଭିନ୍ନ ବ୍ଲକ୍‌ରେ ବର୍ଷ ବର୍ଷ ଧରି ଅନେକ ଉନ୍ନୟନ ଯୋଜନା ନିମନ୍ତେ ମଞ୍ଜୁର ହେଉଥିବା କୋଟି କୋଟି ଟଙ୍କା ପଡିରହିଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ବିଭିନ୍ନ ବ୍ଲକରେ ବିପୁଳ ପରିମାଣର ଅର୍ଥ ପଡିରହିଛି। ଏ ନେଇ ଗତ ମାର୍ଚ୍ଚ ମାସରେ ଆୟୋଜିତ ଜିଲ୍ଲା ପ୍ଲାନିଂ କମିଟି ବୈଠକରେ ଉପସ୍ଥିତ ସଦସ୍ୟଗଣ ଗଭୀର ଉଦବେଗ ପ୍ରକାଶ କରିଥିଲେ। ତେବେ ଏମ୍‌ପି ଲାଡ୍, ଏମଏଲଏ ଲାଡ୍, ଡିଭୋଲେସନ୍ ଫଣ୍ଡ, ଅର୍ଥ କମିଶନଙ୍କ ଅନୁଦାନ ଆଦି ଖର୍ଚ୍ଚ ହୋଇପାରୁ ନଥିବାନେଇ ଅଭିଯୋଗ ହୋଇଥିଲା। ବିଭିନ୍ନ ଯୋଜନାରେ କେଉଁ ବ୍ଲକରେ କେତେ ଟଙ୍କା ପଡ଼ିରହିଛି ଏବଂ ସୁଧ ଅର୍ଥର ପରିମାଣ କେତେ ଉକ୍ତ ସଦସ୍ୟମାନେ ଜାଣିବାକୁ ଚାହିଁଥିଲେ, ହେଲେ ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ତଥ୍ୟ ପ୍ରଦାନ କରିବା ସମ୍ଭବ ହୋଇନଥିଲା। ଯଦ୍ୱାରା ସଦସ୍ୟ ମାନଙ୍କୁ ଅପ୍ରେଲ ମାସ ସୁଧା ଏହି ତଥ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳ ପ୍ରତଶୃତି ଦେବାସହ ବିଡ଼ିଓ ମାନଙ୍କୁ ଏଥିନେଇ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାଏ ଉକ୍ତ ଯୋଜନା କମିଟିର ସଦସ୍ୟଙ୍କୁ ବିଭିନ୍ନ ବ୍ଲକରେ ପଡ଼ିରହିଥିବା ଉନ୍ନୟନ ଯୋଜନା ଅର୍ଥର ସମସ୍ତ ତଥ୍ୟ ପ୍ରଦାନ କରାଯାଇ ପାରିଲାନାହିଁ। ଫଳରେ ପ୍ରଶାସନ ପ୍ଲାନିଂ କମିଟି ବୈଠକରେ ଦେଇଥିବା କଥା ନରଖିବା ପଛରେ ରହସ୍ୟ କ'ଣ ହୋଇପାରେ ? ଯାହାକି ଅନେକ ସଦସ୍ୟଙ୍କ ମନରେ ପ୍ରଶ୍ନ ଉଠେ।

# ଓଡ଼ିଶା ପୋଲିସକୁ ସ୍କଚ ଆୱାର୍ଡ



**ଭୁବନେଶ୍ୱର :** ୫୨ ତମ ସ୍କଚ୍ ସମିଟ୍-୨୦୧୮ରେ ସମ୍ମାନିତ ହୋଇଛି ଓଡ଼ିଶା ପୋଲିସର ସକ୍ରିୟ ୱେବ୍ ପୋର୍ଟାଲ୍। ଓଡ଼ିଶା ପୋଲିସକୁ ନାଗରିକ ସୁରକ୍ଷା ବିଭାଗରେ 'ସ୍କଚ୍ ଗୋଲ୍ଡ' ସମ୍ମାନ ପ୍ରଦାନ କରାଯାଇଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସ ଏହି ବିଭାଗରେ ପ୍ରଥମ ସ୍ଥାନ ପାଇଥିଲା। ଆଇଜି ସଞ୍ଜୀବ ପଣ୍ଡା ଗତ ୨୩ ତାରିଖରେ ନୂଆଦିଲ୍ଲୀରେ ଏହି ସମ୍ମାନକୁ ଗ୍ରହଣ କରିଥିଲେ। ଏହି 'ସ୍କଚ୍ ଗୋଲ୍ଡ' ସମ୍ମାନକୁ ପୋଲିସ ମହାନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଅସୀତ୍ ତ୍ରିପାଠୀ, ଆଇଜି ଅସୀତ ପାଣିଗ୍ରାହୀ, ସଞ୍ଜୀବ ପଣ୍ଡା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ପୁଲିସର ଏହି ୱେବ୍ ପୋର୍ଟାଲ୍ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଓଡ଼ିଶାପୁଲିସ.ଗଭ.ଇନ୍)କୁ ଏନ୍‌ଆଇସି ଭୁବନେଶ୍ୱର ସହାୟତାରେ ସୁଯୋଗ କମ୍ପ୍ୟୁଟେକ୍ ପ୍ରସ୍ତୁତ କରିଛି। ୨୦୧୪ରେ ଏହି ୱେବ୍ ପୋର୍ଟାଲ୍‌କୁ ମୁଖ୍ୟମନ୍ତ୍ରୀ ଶୁଭଉଦ୍ଘାଟନ କରିଥିଲେ। ଗତ ୪ ବର୍ଷରେ ଏହି ୱେବ୍ ପୋର୍ଟାଲ୍‌କୁ ୧୫ କୋଟି ଲୋକ ଦେଖି ସାରିଲେଣି। ଅନ୍‌ଲାଇନ୍ ମାଧ୍ୟମରେ ଏହି ୱେବ୍ ପୋର୍ଟାଲ୍ ୭୨,୦୦୦ ଲୋକଙ୍କୁ ସୁବିଧା ଯୋଗାଇ ଥିବା ଜଣାପଡିଛି। ଏହି ୱେବ୍ ପୋର୍ଟାଲ୍‌ରେ ପୋଲିସ ସାଧାରଣ ନାଗରିକଙ୍କୁ ୧୫ରୁ ଅଧିକ ପ୍ରକାରର ସେବା ପ୍ରଦାନ କରୁଛି। ଓଡ଼ିଶା ପୋଲିସର ସବିଶେଷ ତଥ୍ୟ ଏବଂ ଉତ୍ତମ ସେବା ୱେବ୍ ପୋର୍ଟାଲ୍‌ରେ ଉପଲବ୍ଧ ହୋଇପାରୁ ଥିବାରୁ ଏହାକୁ ନେଇ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡିଛି।

# ବେଆଇନ ମାଟି ଚାଲାଣ; ଲକ୍ଷାଧିକ ଟଙ୍କାର ରାଜସ୍ୱହାନୀ



**ପାରାଦୀପ (ଶଶାଙ୍କ ଶେଖର ଆଚାର୍ଯ୍ୟ):** ଖୁଲମ ଖୁଲା ଚାଲିଛି ବେଆଇନ ମାଟି ଚାଲାଣ ମାତିଛନ୍ତି ମାଟି ମାଫିଆ। ଦିବାଲୋକରେ ପ୍ରଶାସନକୁ ନାଲିଆଖି ଦେଖାଇ ପ୍ରତିଦିନ ଉଠୁଛି ହଜାର ହଜାର ଟ୍ରିପ ମାଟି। କିଛି ସ୍ଥାନିୟ ଯୁବକଙ୍କୁ ହାତ କରି ମାଟି ମାଫିଆ ମାନେ ପ୍ରଶାସନ କଳକୁ ଭୂଲାଇ ଶହ ଶହ ଟ୍ରିପ ମାଟି ଉଠାଇବାରେ ସକ୍ଷମ ହୋଇଛନ୍ତି । ଲକ୍ଷ ଲକ୍ଷ ଟଙ୍କା ମୁନାଫା ଯାଉଛି ମାତ୍ର ହାତ ଗଣତି କେତେଜଣଙ୍କ ପକେଟକୁ। ଏଭଳି ଘଟଣା ଘଟିଚାଲିଛି ପାରାଦୀପ ଉପକଣ୍ଠ ନରେନ୍ଦ୍ରପୁର, ପିତାମ୍ବରପୁର ଓ ସିଜୁ ମୌଜାରେ। ହରିଦାସପୁର-ପାରାଦ୍ୱୀପ ରେଳପଥ ନିର୍ମାଣ ନିମନ୍ତେ ରେଳ ବିକାଶ ନିଗମ ଏଆରଏସ୍ କମ୍ପାନୀକୁ ମାଟି ଓ ବିଭିନ୍ନ ସପ୍ଲାଇ ନିର୍ମାଣ ନିମନ୍ତେ ଠିକା ନିଯୁକ୍ତି ଦେଇଛି। ଯାହାକୁ ଭିତ୍ତି କରି ଏଆରଏସ୍ କିଛି ମାସ ହେବ ଏହି ତିନି ମୌଜାରୁ ମାଟି ଉଠାଇ ଚାଲିଛି । ସବୁଠାରୁ ବଡ କଥା ହେଉଛି ମାଟି ଚାଲାଣ ପୂର୍ବରୁ ସଂପୃକ୍ତ ମୌଜାର ରାଜସ୍ୱ ନିରିକ୍ଷକଙ୍କ ଜରିଆରେ ଅଧିନସ୍ଥ ତହସିଲ କାଯ୍ୟାଳୟରୁ ଅନୁମତି ଆଣିବା ଓ ରୟାଲିଟି ବାବଦକୁ ପ୍ରତି ସିଏମ ହିସାବରେ ୪୦ଟଙ୍କା ପଇଠ କରିବାର ନିୟମ ସରକାରୀ ଭାବେ ଧାର୍ଯ୍ୟ କରାଯାଇଛି କିନ୍ତୁ ସଂପୃକ୍ତ ସଂସ୍ଥା କୌଣସି ଅନୁମତି ନନେଇ ସମସ୍ତଙ୍କୁ ବେଖାତିର କରି କିଛି ମାଟି ମାଫିଆଙ୍କ ସହାୟତାରେ ଲକ୍ଷ ଲକ୍ଷ ସି.ଏମ ମାଟି ଉଠାଇ ଚାଲିଥିଲା । ସ୍ଥାନିୟ ଅଂଚଳରୁ ଅଭିଯୋଗ ହେବାପରେ କୁଜଙ୍ଗ ତହସିଲଦାରଙ୍କ ନିର୍ଦ୍ଦେଶରେ ଝିମାଣି ରାଜସ୍ୱ ସର୍କଲର ଆରଆଇ ଧନେଶ୍ୱର ବେହେରା ଘଟଣା ସ୍ଥଳରେ ପହଞ୍ଚି ମାଟି ଉଠାଇବାକୁ ବନ୍ଦ କରିଥିଲେ କିନ୍ତୁ ଓଲଟା ମାଟି ମାଫିଆ ମାନେ ତାଙ୍କୁ ଧମକ ଚମକ ଦେବା ସହ ଏଠୁ ଜୀବନ ନେଇ ପଳେଇବାକୁ ବାଧ କରିଥିଲେ। ଧନେଶ୍ୱର ଘଟଣା ସମ୍ପର୍କରେ କୁଜଙ୍ଗ ତହସିଲଦାରଙ୍କୁ ଅବଗତ କରାଇବା ପରେ ତହସିଲଦାର ଆସି ଲକ ଥାନାରେ ଏ.କେ.ପୃଷ୍ଟି ଓ ବିମଳ ପ୍ରଧାନଙ୍କ ନାମରେ ସିଧା ସଳଖ ଏତଲା ଦେଇଥିଲେ। ଲକ ପୋଲିସ ଦୁଇଟି ଗାଡିକୁ ଅଟକ ରଖିଲା ପରେ ସେମାନେ କିଛି ଯୋରିମନା ଦେୟ କରି ଛାଡ ପାଇଥିବା ଜଣା ପଡିଛି । ସେହିପରି ୭ଦିନର ପରମିଶନ ନେଇ ମାସାଧିକ କାଳ ବେଆଇନ ମାଟି ଚାଲାଣ କରି ଏଆରଏସ୍ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଫାଙ୍କି ଚାଲିଥିବା ଚର୍ଚ୍ଚା ହେଉଛି। ରଜ ପୂର୍ବରୁ ତହସିଲଦାରଙ୍କ ତନାଘନା ପରେ ମାଟି ପାଇଁ ଥରେ ୮୪ଲକ୍ଷ, ଆଉ ଥରେ ୨୧ ଲକ୍ଷ ଟଙ୍କାର ଚେକ ରେଳ ବିକାଶ ନିଗମ ପଇଠ କରିବା ଓ ବାଲି ପାଇଁ ୧୫ଲକ୍ଷ ଟଙ୍କା ପଇଠ କରିବା ଜଣାଯାଇଛି କିନ୍ତୁ ଅନୁମତି ଠାରୁ ଅତ୍ୟଧିକ ମାଟି ଉଠାଯାଇ କିଛି ମାଟି ମାଫିଆ ମାଲେମାଲ ହେଉଥିବା ଆଲୋଚନା ହେଉଛି । ଆମେ ଜମିହରା ବୋଲି ପ୍ରଶାସନକୁ କହି ଆମେ ଦିପଇଶା ଏଆରଏସ୍‌କୁ ଧରି ବେକାର ଯୁବକ ମାନେ ରୋଜଗାର କରୁଛୁ କହି ମାଟି ମାଫିଆମାନେ ପ୍ରଶାସନର ଆସ୍ଥା ଭାଜନ ହେବା ନିମିତ୍ତସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କୁ ଅସ୍ତ୍ର କରିଥିବା ମଧ୍ୟ ଆଲୋଚନା ହେଉଛି । ପ୍ରଶାସନର କଟକଣା ପରେ ମଧ୍ୟ ଆଜି ପୁଣି ମେସିନ ଓ ହାଇୱା ଲଗାଯାଇ ହଜାର ହଜାର ସି.ଏମ. ମାଟି ଉଠାଯାଉଛି। ଆର.ଆଇ ଧନେଶ୍ୱର ବେହେରାଙ୍କୁ ପଚାରିବାରୁ ମୁଁ ଏକୁଟିଆ କଣ କରିପାରିବି। ସେଠିକାର ପରିସ୍ଥିତି ସମସ୍ତଙ୍କୁ ଜଣା ବୋଲି ସେ ପ୍ରକାଶ କରିଛନ୍ତି। କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ମୁଁ ଘଟଣା ସମ୍ପର୍କରେ ଅବଗତ ଅଛି କିଛି ରାଜସ୍ୱ ଆଦାୟ ହେଉଛି ଲକ ଥାନାରେ ଏତଲା ମଧ୍ୟ ଦେଇଛି, ଆଗକୁ ଆହୁରି କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଲକ ଥାନା ଅଧିକାରୀ ଚିନ୍ମୟ ରାଉତଙ୍କୁ ପଚାରିବାରୁ ଆମେ ଦୁଇଟି ଗାଡି ଡିଟେନ କରିଥିଲୁ ଏବେ ଯଦି ମାଟି ଉଠୁଛି ତେବେ ମୁଁ ଦେଖୁଛି ବୋଲି ପ୍ରକାଶ କରିଛନ୍ତି । ତେବେ ଏକ ରେଲୱେ ସାଇଡରେ ଏତେ ସବୁ କଟକଣା ସତ୍ତ୍ୱେ ମଧ୍ୟ ସପୃକ୍ତ ଏ.ଆର.ଏସ.ଏସ.କମ୍ପାନୀ ମାଟି ମାଫିଆକୁ ଧରି କାହା ସାହାସରେ ମାଟି ଉଠାଇ ଚାଲିଛି ଓ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି କମ୍ପାନୀ ପଛରେ କିଏ ଏବଂ କାହାର ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଛି ତାହା ଏବେ ମୁଖ୍ୟ ଚର୍ଚ୍ଚା ପାଲଟିଛି। ଏକ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପ୍ରଶାସନ ଠାରୁ ଆରମ୍ଭ କରି ଅନେକ ସ୍ତମ୍ଭକୁ କରାୟତ କରି ଏସବୁ କାର୍ଯ୍ୟ କରିଚାଲିଛନ୍ତି । ଆଜି ଦିନ ବେଳା ନିଜର ଏକ ମାରୁତି କାରରେ କେତେଜଣଙ୍କୁ ବସାଇ ମାଟି ଉଠିବା ସ୍ଥାନକୁ ଯାଇ ମୋଟା ଅଙ୍କର ଅର୍ଥ ଆଣି ୪ଜଣଙ୍କୁ ସନ୍ତୁଷ୍ଟ କରିଥିବା ମଧ୍ୟ ଚର୍ଚ୍ଚା ହେଉଛି । ତୁରନ୍ତ ଏହି ଘଟଣା ପ୍ରତି ଜିଲ୍ଲାପାଳଙ୍କ ସମେତ ରାଜସ୍ୱ ବିଭାଗର ମୁଖ୍ୟ ମାନେ ଦୃଷ୍ଟି ଦେବାକୁ ଦାବି ହେଉଛି ଓ କାର୍ଯ୍ୟରେ ନିୟୋଜିତ ମାଟି ମାଫିଆ ମାନଙ୍କ ବିରୁଦ୍ଧରେ ଦୃଢ କାଯ୍ୟାନୁଷ୍ଠାନ କରିବା ପାଇଁ ଦାବି କରାଯାଉଛି।

# ଅଙ୍ଗୁଳାଇ-ଓରତ ରାସ୍ତା ପାଲଟିଛି ମରଣଯନ୍ତା



**ମାର୍ଶାଘାଇ :** ଅଙ୍ଗୁଳାଇରୁ ଓରତ ପର୍ଯ୍ୟନ୍ତ ୧୦କିଲୋମିଟର ରାସ୍ତା ଯାତ୍ରୀଙ୍କ ପାଇଁ ପାଲଟିଛି ମରଣଯନ୍ତା। ପୂର୍ତ୍ତ ବିଭାଗ ଅଧିନ ଏହି ରାସ୍ତା କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାର ବିଭିନ୍ନ କାର୍ଯ୍ୟାଳୟ, ବଳଦେବଜୀଉ ମନ୍ଦିର ଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ହେଉ ଅବା ଶିକ୍ଷା ପାଇଁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ,ତୁଳସୀ ମହାବିଦ୍ୟାଳୟ ଠାରୁ ଆରମ୍ଭ କରି ବେସରକାରୀ ଶିକ୍ଷାନୁଷ୍ଠାନ କୁ ଦୈନିକ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଜନସାଧାରଣଙ୍କ ପାଇଁ ଏକମାତ୍ର ରାସ୍ତା ଅଟେ। ମାର୍ଶାଘାଇ ବ୍ଲକର ଅଙ୍ଗୁଳାଇ,କୁହୁଡି ପଞ୍ଚାୟତ ସମେତ ମହାକାଳପଡା ବ୍ଲକର ରାଜଗଡ, ଅଳାଇଲୋ, ଦେଉଳପଡା, ବିଜୟନଗର ପଞ୍ଚାୟତର ଶତାଧିକ ଜନସାଧାରଣ ଏବଂ ଛାତ୍ରଛାତ୍ରୀ ସାଇକେଲ ଯୋଗେ କେନ୍ଦ୍ରାପଡା ସହରକୁ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି ।ବଢିଅ,ଗୋଗୁଆ,ସୁନିତୀ,ଜମ୍ବୁ ଅଞ୍ଚଳରୁ ବସ୍ ଏବଂ ଛୋଟ ଛୋଟ ଯାନବାହନ ଯୋଗେ ଲୋକମାନଙ୍କ ପାଇଁ ଏହି ରାସ୍ତା କେନ୍ଦ୍ରାପଡା ସହରକୁ ଯାତାୟତ କରିବା ନିକଟ ଅଟେ ।ପ୍ରାୟ ୫୦ହଜାର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର ଶୀଳ ।ଓରତ ଘାଟରେ ବ୍ରିଜ ନିର୍ମାଣ ପୂର୍ବରୁ ମଧ୍ୟ ଏହି ରାସ୍ତା କେନ୍ଦ୍ରାପଡା ଜିଲ୍ଲାର ଏକ ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଗଣିତ। ପୂର୍ତ୍ତ ବିଭାଗ ଅଧିନ ଏହି ରାସ୍ତା ୨୦୧୨ ମସିହାରେ ନବୀକରଣ କରାଯାଇଥିଲା। ମାତ୍ର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନବୀକରଣ କାର୍ଯ୍ୟ ନିମ୍ନମାନରକରାଯାଇଥିଲା। ତାହା ପରେ ମରାମତି କରାଯାଇଥିଲେ ବି ଏହି ରାସ୍ତା ଏବେ ଲୋକମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତାରେ ଥିବା ଖାଲଖମାରେ ପଡି ଦୈନିକ ଛୋଟ ବଡ ଦୁର୍ଘଟଣା ଘଟି ଚାଲିଛି। ଏ ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ଉତ୍ତର ହେଉଛି ୮କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନବୀକରଣ ଏବଂ ପ୍ରଶସ୍ତିକରଣ କାର୍ଯ୍ୟ କରାଯିବ । ହେଲେ ମଞ୍ଜୁର ଅର୍ଥ ଖର୍ଚ୍ଚ କରାଯିବାରେ ବିଳମ୍ବ ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ମୌସୁମୀର ପ୍ରଥମ ବର୍ଷାରେ ଏହି ରାସ୍ତାର ଅବସ୍ଥା ବେହାଲ କୋଇ ମରଣଯନ୍ତା ପାଲଟିଛି ।ତୁରନ୍ତ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଖୁବଶୀଘ୍ର ମରାମତି ନ କଲେ ମହାକାଳପଡା ୟୁଥ୍ ଗ୍ରୁପ ଜନସାଧାରଣଙ୍କ ସହ ଯୋଗରେ ଆନ୍ଦୋଳନ କରିବ ବୋଲି ସଦସ୍ୟ ଚତୁର୍ଭୂଜ ସୂତାର,ସୂର୍ଯ୍ୟପ୍ରକାଶ ପାଣି,ପ୍ରକାଶ ପରିଡା ଓ କମଳାକାନ୍ତ ଶର୍ମା ପ୍ରମୁଖ ଚେତାବନୀ ଦେଇଛନ୍ତି।


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି